

ଇତିହାସ ରଚିବେ ବିରାଟ କୋହଲି

ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 188 | ଭାଗ ୩୨ | ସଂଖ୍ୟା ୧୮୮ | Bhubaneswar | Friday 27 September 2024 | Page 8 ₹ 4.00 | ଭୁବନେଶ୍ୱର | ଶୁକ୍ରବାର ୨୮ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ବାଦଲଫଟା ବର୍ଷା

ଭୁବନେଶ୍ୱର, ୨୬।୯ (ସଂଚାର ବ୍ୟୁରୋ): ଲଘୁଚାପ ପ୍ରଭାବରେ ରାଜ୍ୟରେ ଦୁଇଦିନ ହେଲା ପ୍ରବଳ ବର୍ଷା ଲାଗିରହିଛି। ଅଧିକାଂଶ ଜିଲ୍ଲାରେ ବାଦଲଫଟା ବର୍ଷା ହୋଇଛି। ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ୨୪ ଘଣ୍ଟା ମଧ୍ୟରେ ତାଳଚେରରେ ସର୍ବାଧିକ ୧୫୫ ମିମି. ବର୍ଷା ହୋଇଥିବା ସୂଚନା ମିଳିଛି। ବିଶ୍ୱ ଐତିହ୍ୟ କୋଣାର୍କର ସୂର୍ଯ୍ୟମନ୍ଦିର ପରିସରରେ ଆଣ୍ଠୁଏ ପାଣି ଜମି ରହିଥିବାର

- ୨୧ ଜିଲ୍ଲାକୁ ୱାର୍ଣ୍ଣିଂ, ଟ୍ୱିନ୍‌ସିଟି ଅବସ୍ଥା ବେହାଲ
- ସୂର୍ଯ୍ୟମନ୍ଦିର ପରିସରରେ ଆଣ୍ଠୁଏ ପାଣି



ପମ୍ପ ଦ୍ୱାରା ଜଳ ନିଷ୍କାସନ କରାଯାଇଛି। ପାଣି ଜମି ରହିବାରୁ ସୂର୍ଯ୍ୟମନ୍ଦିରକୁ ଆସିଥିବା ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖିନ ହୋଇଛନ୍ତି। କିଛି ପର୍ଯ୍ୟଟକ ପାଣିରେ ପଡ଼ି ଯାଇଥିବା ଦେଖାଯାଇଛି। ଫଳରେ ସେମାନେ ମନ୍ଦିର ପ୍ରଶାସନ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି। ପ୍ରବଳ ବର୍ଷା ହେବାରୁ ପର୍ଯ୍ୟଟନ ସହର ପୁରୀରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବା ସହିତ ଜିଲ୍ଲାର ସବୁ ସ୍କୁଲ ଓ ଅଙ୍ଗନୱାଡ଼ିକୁ ଗୁରୁବାର ବନ୍ଦ କରାଯାଇଛି।

ଭୁବନେଶ୍ୱର, କଟକ, ଜଗତସିଂହପୁର, ଗଞ୍ଜାମ, ମାଲକାନଗିରି, ଢେଙ୍କାନାଳ, ଅନୁଗୋଳ, ବାଲେଶ୍ୱର, ମୟୂରଭଞ୍ଜ ଆଦି ଜିଲ୍ଲାରେ ବୁଧବାର ରାତିରୁ ଗୁରୁବାର ଯାଏଁ ପ୍ରବଳ ବର୍ଷା ଜାରି ରହିଛି। ଫଳରେ କଟକ ଭୁବନେଶ୍ୱର ଅବସ୍ଥା ବେହାଲ ହୋଇପଡ଼ିଛି। ବର୍ଷା ଯୋଗୁ ବନ୍ୟା ଆଶଙ୍କା ପ୍ରକାଶ ପାଇଛି। ବିଶେଷ କରି ବାଲେଶ୍ୱର, ଜଗତସିଂହପୁର, ➪ପୃଷ୍ଠା-୬

### ନଡ୍ଡାଙ୍କ ମନ୍ତ୍ର ; ଟାର୍ଗେଟ୍ ୨୦୨୯

# ବିଜେପିରେ ତଳ ସ୍ତରରୁ ଆସିଥିବା ବ୍ୟକ୍ତି ନେତା ହୁଅନ୍ତି

ଭୁବନେଶ୍ୱର, ୨୬।୯ (ସଂଚାର ବ୍ୟୁରୋ): ଦୁନିଆରେ ଆଦର୍ଶରେ ଚାଲୁଥିବା ଗୋଟିଏ ମାତ୍ର ଦଳ ହେଉଛି ବିଜେପି। ଏଠି ନେତାଙ୍କ ପୁଅ ନେତା ହୁଅନ୍ତିନି। ତଳ ସ୍ତରରୁ ଆସିଥିବା ବ୍ୟକ୍ତି ନେତା ହୁଏ। ଭାରତରେ ୫ ହଜାର ପାର୍ଟି, ୫୦ରୁ ଅଧିକ ଆକ୍ଟିଭ ପାର୍ଟି ଅଛି। ବିଜେପି ଏକମାତ୍ର କ୍ୟାଡର୍ ପାର୍ଟି, ଯାହାର ସଦସ୍ୟତା ପ୍ରଣାଳୀ ସବୁଠୁ ସ୍ୱଚ୍ଛ ବୋଲି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ମତବ୍ୟକ୍ତ କରିଛନ୍ତି।

ସଦସ୍ୟତା ଅଭିଯାନରେ ରାଜ୍ୟ ବିଜେପି କର୍ମୀଙ୍କୁ ସମ୍ବୋଧିତ କରି ରାଷ୍ଟ୍ରୀୟ ଅଧ୍ୟକ୍ଷ ବିଜେପିର ବିଜୟଧାରାକୁ ୨୦୨୯ ପର୍ଯ୍ୟନ୍ତ ବଳବତ୍ତର ରଖିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ୨୦୨୪ରେ ଓଡ଼ିଶାର ସରକାର ଗଠନ କରିବା ପରେ ମଧ୍ୟ କର୍ମୀମାନେ ବିଜୟ ଉତ୍ସବରେ ମାତିବା ପରିବର୍ତ୍ତେ ଆଗକୁ ଆସୁଥିବା ପଞ୍ଚାୟତ ନିର୍ବାଚନ ପାଇଁ ଏବେଠୁ କ୍ଷେତ୍ର ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ସଦସ୍ୟତା ଅଭିଯାନକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଦିନିକିଆ ଗସ୍ତରେ ଆସିଥିବା ଶ୍ରୀ ନଡ୍ଡା ଦଳୀୟ ନେତା ଓ କର୍ମୀଙ୍କୁ ସମ୍ବୋଧନ କରିବା ସହିତ ବିରୋଧୀଙ୍କୁ ନିଶାନା କରିଛନ୍ତି।

- ରାଜ୍ୟରେ ଗଡ଼ାଗଡ଼ି, ଦିଲ୍ଲୀରେ କୋଳାକୋଳି ବିରୋଧୀଙ୍କ ନୀତି
- ସମାଜରେ ସମାନତା ଆଣିଛି ବିଜେପି
- ସଦସ୍ୟତା ବଢ଼ିଲେ ଦଳ ସଶକ୍ତ ହେବ: ମୁଖ୍ୟମନ୍ତ୍ରୀ



ସେ କହିଛନ୍ତି, ଦେଶ ଏବେ ବିକାଶର ଦ୍ରୁତ ଅଗ୍ରସର ହେଉଛି। ନାଁ ନ ନେଇ ରାହୁଲ ଓ ପ୍ରିୟଙ୍କା ଗାନ୍ଧିଙ୍କୁ ସମାଲୋଚନା କରି କହିଛନ୍ତି, ଭାଇ ଭଉଣୀଙ୍କୁ ବିକାଶ ଦେଖାଯାଉନି। କେବଳ ବେକାରୀ ଓ ମହଙ୍ଗା କଥା କହୁଛନ୍ତି। ଆମେରିକା, ୟୁରୋପ, ଅଷ୍ଟ୍ରେଲିଆର ଅର୍ଥନୀତି ଅସ୍ଥିର। ଭାରତର ଅର୍ଥନୀତି କ୍ରମଶଃ ଅଗ୍ରଗତି କରୁଛି, ଏକଥା ବୋଧେ ସେମାନଙ୍କୁ ଦେଖାଯାଉନି। ବାମ ଦଳ କାହା ସହ ଶତ୍ରୁତା କାହା ସହ ମିତ୍ରତା କରୁଛନ୍ତି କିଛି ବୁଝିହେଉନାହିଁ। କେରଳରେ ବାମଦଳ ଓ କଂଗ୍ରେସ ପରସ୍ପର ସହ ଲଢ଼େଇ କରୁଛନ୍ତି ଦିଲ୍ଲୀରେ ବନ୍ଧୁତା କରୁଛନ୍ତି । ପଶ୍ଚିମବଙ୍ଗରେ ତୃଣମୂଳ ସହ ଲଢୁଛନ୍ତି, ଦିଲ୍ଲୀରେ ଏକାଠି ଛିଡା ହେଉଛନ୍ତି । କଂଗ୍ରେସ ଦଳ ସହରୀ ନକ୍ସଲବାଦୀର ମୁଖପାତ୍ର ହୋଇଯାଇଛି।

ତିନି ତଲାକ ଉପରେ ସେ କହିଛନ୍ତି, ଏହାକୁ ହଟାଇ ସମାଜରେ ସମାନତା ଆଣିଛି ବିଜେପି। ଏହା ଆମର ଆଦର୍ଶ। ମୁସଲମାନ ଦେଶ ବାଂଲାଦେଶ, ପାକିସ୍ତାନର ଉଦାହରଣ ଦେଇ ନଡ୍ଡା ଆହୁରି କହିଛନ୍ତି, ବାଂଲାଦେଶ, ପାକିସ୍ତାନ, ଇରାନରେ ଟ୍ରିପଲ ତଲାକ ନାହିଁ। କିନ୍ତୁ ଭାରତରେ ଧର୍ମନିରପେକ୍ଷ ନାଁରେ ଟ୍ରିପଲ ତଲାକ ଚାଲିଥିଲା। ମୋଦି ଆସିଲେ, ମୁସଲମାନ ଭଉଣୀଙ୍କୁ ମୁକ୍ତି ଦେଲେ। ➪ପୃଷ୍ଠା-୬

### ମୋଦିଙ୍କ ପୂଜା ଭେଟି

## ବଢ଼ିଲା ସର୍ବନିମ୍ନ ମଜୁରି

ନୂଆଦିଲ୍ଲୀ,୨୬।୯: ଦଶହରା ଓ ଦିପାବଳୀ ପୂର୍ବରୁ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ଶ୍ରମିକମାନଙ୍କୁ ସହାୟତା ପ୍ରଦାନ ଓ ସେମାନଙ୍କର ଜୀବନର ମାନ ବୃଦ୍ଧି କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ପରିବର୍ତ୍ତନଶୀଳ ମହଙ୍ଗାଭତ୍ତା(ଭିଡିଏ)କୁ ସଂଶୋଧନ କରି ସର୍ବନିମ୍ନ ମଜୁରି ବୃଦ୍ଧି କରିଛନ୍ତି। ସରକାରୀ ଅଫିସରେ ନିର୍ମାଣ କାର୍ଯ୍ୟ, ଲୋଡିଂ, ଅନଲୋଡିଂ, ୱାଚ୍ ଓ ୱାର୍ଡ, ସଫେଇ, ହାଉସ କିପିଂ ସମେତ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ଶ୍ରମିକମାନେ ଏହି ନୂତନ ବେତନ ହାରରେ ଉପକୃତ ହେବେ। ୨୦୨୪ ଅକ୍ଟୋବର ୧ରୁ ନୂତନ ବେତନ ହାର କାର୍ଯ୍ୟକାରୀ ହେବ। ସଂଶୋଧିତ ସର୍ବନିମ୍ନ ମଜୁରି ଅଣ କୁଶଳୀ, ଅର୍ଦ୍ଧ କୁଶଳୀ, କୁଶଳୀ ଓ ଉଚ୍ଚ କୁଶଳୀ ଶ୍ରମିକମାନଙ୍କ କ୍ଷେତ୍ରରେ ଲାଗୁ ହେବ। ➪ପୃଷ୍ଠା-୬

## ସରୋଗେସୀ ମାତୃତ୍ୱ ପାଇଁ ମିଳିବ ଛୁଟି

ଭୁବନେଶ୍ୱର୨୬।୯ (ସଂଚାର ବ୍ୟୁରୋ): ଏଣିକି ସରୋଗେସୀ ମାତୃତ୍ୱ ବା ଉଧାର ମାତୃତ୍ୱ ପାଇଁ ରାଜ୍ୟ ସରକାରୀ କର୍ମଚାରୀଙ୍କୁ ଉଭୟ ମାତୃତ୍ୱ ଓ ପିତୃତ୍ୱ ଛୁଟି ଦିଆଯିବ। ସରକାରୀ ମହିଳା କର୍ମଚାରୀଙ୍କୁ ୧୮୦ ଦିନର



ମାତୃତ୍ୱ ଛୁଟି ଓ ପୁରୁଷ କର୍ମଚାରୀଙ୍କୁ ୧୫ ଦିନର ପିତୃତ୍ୱ ଛୁଟି ଦେବାକୁ ସରକାର ଘୋଷଣା କରିଛନ୍ତି। ଏହି ପ୍ରସ୍ତାବ କିଛି ବର୍ଷ ଧରି ରାଜ୍ୟସରକାରଙ୍କ ବିଚାରାଧିନ ଥିବାବେଳେ ଆଜି ଏହାକୁ ମଞ୍ଜୁରି ମିଳିଛି। କେନ୍ଦ୍ର ସରକାର ➪ପୃଷ୍ଠା-୬

### ଡ୍ରାମା ପ୍ରବଳ, କାମ ଦୁର୍ବଳ।

## ଖସିଗଲା ଆତଙ୍କବାଦୀ: ପୋଲିସ ହାତରେ ଡବା

ଭୁବନେଶ୍ୱର୨୬।୯ (ସଂଚାର ବ୍ୟୁରୋ): ୨୦୨୪ ମସିହା ୧୬ ଅଗଷ୍ଟ । ପୋଲିସ କିଛି ଘଟଣାକୁ ଏଭଳି ଚିତ୍ରଣ କଲା ସତେ ଯେପରି ଓଡ଼ିଶାରେ ପଶିଗଲେ ଆତଙ୍କବାଦୀ। କେତବେଳେ ଓଡ଼ିଶାକୁ ଏନ୍‌ଆଇଏ ଆସିବେ ତ ଆଉ କେତବେଳେ ସିବିଆଇ। ଭୁବନେଶ୍ୱର କଟକ ପରେ ରାଞ୍ଚିରେ ବି ପହଞ୍ଚିଗଲା ତଦନ୍ତ। ହେଲେ ନିଜକୁ ବେଶ ପାରିବାର କହୁଥିବା କମିଶନରେଟ ପୋଲିସ ମାସକ ପରେ ଏବେ ନିଘୋଡ଼ ନିଦ୍ରାରେ।



କୁଆଡେ ଗଲା ମୁଖ୍ୟ ଅଭିଯୁକ୍ତ ଆସାଦୁର ଜମାନ ? ଅଣ୍ଡରୱାର୍ଲଡ଼ ଲିଙ୍କ ନେଇ ପୁଳା ପୁଳା ବାଇଟ ଦେଉଥିବା ଦକ୍ଷ ଅଫିସର ଏବେ ଚୁପ କାହିଁକି ?

ଆମେ କହୁଛୁ ସେହି ସିମ ବକ୍ସ କଥା। ଯେଉଁ ସିମ ବକ୍ସ ଓ ଘର ଭଡାଟିଆଙ୍କୁ ଆତଙ୍କି ଦର୍ଶାଇ ମିଡିଆ ଆଟେନସନ ନେବା ସହ ୧୫ ଦିନ ତୁମ୍ବିତୋଫାନ କରିଥିଲା କମିଶନରେଟ ପୋଲିସ। ପ୍ରଥମେ ଝାରପଡା ମଙ୍ଗରାଜ ପଏଣ୍ଟ, ପରେ ମଧୁପାଟଣା ଓ ଶେଷରେ ରାଞ୍ଚିରୁ ସିମ ବକ୍ସ ନାଁ ରେ କିଛି ବାକ୍ସ ଠାବ କରିଥିଲା ପୋଲିସ। ଝାରପଡ଼ା ଠାରୁ ଭଡ଼ାରେ ରହୁଥିବା ରାଜୁ ମଣ୍ଡଳକୁ ଗିରଫ କରି ତାକୁ ସ୍ଲିପର ସେଲ ବୋଲି ଦର୍ଶାଇ ସିଡ଼ିଆର ରିପୋର୍ଟ ମଗାଯାଇଥିଲା । ରିମାଣ୍ଡରେ ଆଣି ଦୁବାଇ, ପାକିସ୍ତାନ ଲିଙ୍କ ଥିବା କୁହାଯାଇଥିଲା।

ରାଞ୍ଚିରେ ଯେତବେଳେ ବାକ୍ସ ମିଳିବା କଥା ଚର୍ଚ୍ଚା ହେଲା, ସେତବେଳେ ସମ୍ବାଦିକଙ୍କୁ ମଧ୍ୟ ଗାଡି ଭଡା ଦେଇ ରିପୋରଟିଂ ପାଇଁ ସେଠାକୁ ନିଆଯାଇଥିଲା । ଏସବୁ ପଦକ୍ଷେପ ନିହାତି ସ୍ୱାଗତଯୋଗ୍ୟ। ➪ପୃଷ୍ଠା-୬

## ପୁତିନଙ୍କ ପରମାଣୁ ବୋମା ଧମକ

ମସ୍କୋ,୨୬।୯: ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ପଶ୍ଚିମ ଦେଶମାନଙ୍କୁ ଚେତାବନୀ ଦେଇଛନ୍ତି। ୟୁକ୍ରେନର ବର୍ଦ୍ଧିତ ଆକ୍ରମଣ ସମ୍ପର୍କରେ ପୁତିନ ପାଶ୍ଚାତ୍ୟ ଦେଶମାନଙ୍କୁ ଚେତାବନୀ ଦେଇ କହିଛନ୍ତି, ଯଦି ରୁଷିଆ ଉପରେ ମିଶାଇଲ୍ ଆକ୍ରମଣ କରାଯାଏ ତେବେ ପରମାଣୁ ବୋମା ବ୍ୟବହାର କରିବାକୁ ବାଧ୍ୟ ହେବୁ। ଯେକୌଣସି ଆଣବିକ ଶକ୍ତି ସାହାଯ୍ୟରେ ରୁଷିଆ ଉପରେ ହୋଇଥିବା ଆକ୍ରମଣକୁ ମିଳିତ ଆକ୍ରମଣ ଭାବରେ ବିବେଚନା କରାଯିବ। ରୁଷିଆର ଆଣବିକ ନୀତିରେ ପୁତିନଙ୍କ ଘୋଷଣା ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ପ୍ରତିପାଦିତ କରିଛି। ସୁରକ୍ଷା ପରିଷଦ ବୈଠକରେ ପୁତିନ ପରମାଣୁ ନୀତିରେ ହୋଇଥିବା ପରିବର୍ତ୍ତନ ସମ୍ପର୍କରେ ଅଧିକାରୀମାନଙ୍କୁ ସୂଚନା ଦେଇଛନ୍ତି। ବିଶ୍ୱର ଦ୍ରୁତ ପରିବର୍ତ୍ତନ ଏବଂ ରୁଷିଆ ପ୍ରତି ବିପଦକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଛନ୍ତି। ➪ପୃଷ୍ଠା-୬

## ଖଣ୍ଡାୟତରାୟଙ୍କ ବିରୋଧରେ ଖାରଜ ହୋଇଥିଲା ମାମଲା

ଭୁବନେଶ୍ୱର୨୬।୯ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ମାଥିଲି ଥାନାରେ ଥାନାରେ କାର୍ଯ୍ୟରତ ତତ୍କାଳୀନ ପୋଲିସ ଆଇଆଇସି ସୁରେନ୍ଦ୍ର ନାୟକ, ସବ ଇନ୍ସପେକ୍ଟର ଦୀପକ ଖଣ୍ଡାୟତରାୟ, କନଷ୍ଟେବଳ ଜିତେନ୍ଦ୍ର ମହାନ୍ତି, ହାଭିଲଦାର ଏସ୍.ଏସ୍.ବେହେରାଙ୍କ ବିରୋଧରେ ଆସିଥିଲା ସଙ୍ଗୀନ ଅଭିଯୋଗ। ଅଭିଯୋଗ ଥିଲା ଏହି ଥାନାବାବୁ ମାନେ କୁଆଡେ ୨୦୧୬ ମସିହାରେ ହନୁମାନ ପଇସା ଡିଲ ପାଇଁ ଯୋଜନା କରୁଥିଲେ । ଏଥିପାଇଁ ସେମାନେ କୋଲକାତାର ଜଣେ ବ୍ୟବସାୟୀଙ୍କ ସହ ଯୋଗାଯୋଗ କରିଥିବା ଅଭିଯୋଗ ହୋଇଥିଲା । ହନୁମାନ ପଇସା ରାକେଟ ସହ ପୋଲିସ ବାବୁଙ୍କ ସମ୍ପୃକ୍ତି ଅଭିଯୋଗରେ ଦଫା ୪୧୭, ୪୨୦, ୩୭୯, ୧୨୦ ବି, ୫୧୧ ଓ ୩୪ ରେ କେସ ରୁଜୁ ହୋଇଥିଲା । ଏହାକୁ ନେଇ ସେତେବେଳେ ଓଡ଼ିଶା ପୋଲିସ ବଦନାମ ହୋଇଥିଲା ।

ତେବେ ୨୦୧୯ ମସିହାରେ ଏହି ମାମଲାର ଶୁଣାଣି ବେଳେ ହାଇକୋର୍ଟ ପୋଲିସର ଅଭିଯୋଗକୁ ଖାରଜ କରିଦେଇଥିଲା । ଅଭିଯୁକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଆବଶ୍ୟକ ତଥ୍ୟ ଓ ପ୍ରମାଣ ଅଭାବରୁ କେସ ଟିକୁ ଖାରଜ କରିଦେଇଥିଲେ ହାଇକୋର୍ଟ ।

ହାଇକୋର୍ଟ ମାମଲାକୁ ଖାରଜ କରିଦେଲେ କାରଣ କେବଳ କିଛି କଲ ରେକର୍ଡ ଆଧାରରେ ଅଭିଯୁକ୍ତ ଡିଲ କରୁଥିବା ଅନୁମାନ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଥିଲେ । ତେବେ ତତ୍କାଳୀନ ଆଇଆଇସି କାହିଁକି ଜନୈକ ଇର୍ମା ମାଡ଼ୀଙ୍କୁ ଭେଟିବାକୁ ଗୋଟେ ରାତି ତାଙ୍କ ଗାଁରେ ଅପେକ୍ଷା କରିଥିଲେ ତାହା ଶୁଣାଣି ବେଳେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ଓକିଲ ସ୍ପଷ୍ଟ କରିନଥିଲେ। ସେସମୟର ଅନ୍ୟତମ ତତ୍କାଳୀନ ସବ୍ ଇନ୍ସପେକ୍ଟର ଦୀପକ ଖଣ୍ଡାୟତରାୟ ଏବେ ବିବାଦୀୟ ଭରତପୁର ଥାନାର ନୂଆ ଅଧିକାରୀ। ଏକ ଦାୟିତ୍ୱବାନ ଗଣମାଧ୍ୟମ ହିସାବରେ ଥାନାଧିକାରୀଙ୍କ ସାମାଜିକ ପ୍ରତିଷ୍ଠା ନଷ୍ଟ କରିବା ବା ତାଙ୍କର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । କେବଳ ପାଠକଙ୍କୁ କିଛି ପୁରୁଣା ତଥ୍ୟର ରୋମନ୍ଥନ ପାଇଁ ଚେଷ୍ଟା କରାଯାଇଥିଲା ।

## ସିବିଆଇକୁ କର୍ଣ୍ଣାଟକ ମନା

ବେଙ୍ଗାଲୁରୁ, ୨୫।୯(ସଂଚାର ବ୍ୟୁରୋ): ଏଣିକି କର୍ଣ୍ଣାଟକାରେ ମନଇଚ୍ଛା ପ୍ରବେଶ କରିପାରିବ ନାହିଁ ସିବିଆଇ। ସିବିଆଇର ଅନାୟାସ ପ୍ରବେଶ ଓ ତଦନ୍ତ ଉପରେ କଟକଣା ଜାରି କରିଛନ୍ତି କର୍ଣ୍ଣାଟକ ସରକାର। ଏଣିକି କୌଣସି ସରକାରୀ କାମରେ ସିବିଆଇ ଅଧିକାରୀ ଯଦି କର୍ଣ୍ଣାଟକ ସୀମାରେ ପ୍ରବେଶ କରନ୍ତି, ତା'ହେଲେ ରାଜ୍ୟ ସରକାରଙ୍କ ଅନୁମତି ନେବାକୁ ପଡ଼ିବ। ସିବିଆଇ ପ୍ରବେଶ ନେଇ ରହିଥିବା ସହମତି ପ୍ରଦାନ ବ୍ୟବସ୍ଥାକୁ ଆଜି ସରକାର ପ୍ରତ୍ୟାହାର କରି ନେଇଥିବା ଆଇନ ମନ୍ତ୍ରୀ ଏଚକେ ପାଟିଲ ସୂଚନା ଦେଇଛନ୍ତି। ଶ୍ରୀ ପାଟିଲ ଅଭିଯୋଗ କରିଛନ୍ତି, ସିବିଆଇ ପକ୍ଷପାତିତା କରୁଛି। ବିରୋଧୀ ଦଳର ନେତାଙ୍କୁ ଟାର୍ଗେଟ କରି କେନ୍ଦ୍ର ସରକାର ସିବିଆଇକୁ ବ୍ୟବହାର କରୁଛନ୍ତି। ସିବିଆଇର ଅପବ୍ୟବହାର କରାଯିବା ଚିନ୍ତାଜନକ। ରାଜ୍ୟପାଳ ଥାୱାରଚାନ୍ଦ ଗେହେଲୋଟ ମହିଶୂର ଡେଭଲପମେଣ୍ଟ ଅଥୋରିଟି(ମୁଡା) ମାମଲାରେ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କ ବିରୋଧରେ ସିବିଆଇ ତଦନ୍ତକୁ ଅନୁମୋଦନ ଦେଇଥିଲେ। ଏହା ବିରୋଧରେ ହାଇକୋର୍ଟର ➪ପୃଷ୍ଠା-୬

## ଜିଦ୍‌ରେ ନର୍ସ ସଂଘ ; ଗଢ଼ାହେଲା ଅନ୍ତଃବିଭାଗୀୟ କମିଟି




ଭୁବନେଶ୍ୱର, ୨୫।୯ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ସହିତ ଆଲୋଚନା ବିଫଳ ହେବା ପରେ ଶୁକ୍ରବାର ଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଡାକରା ଦେଇଛି ରାଜ୍ୟ ନର୍ସିଂ ଅଫିସର ସଂଘ । ରାଜ୍ୟ ସରକାରଙ୍କ ସହ ବୈଠକ ବିଫଳ ହେବା ପରେ ସିରିଞ୍ଜ ଛାଡ଼ ଓ ରୋଗୀ ସେବା ବନ୍ଦ କରିବା ଲାଗି ଚରମ ନିଷ୍ପତ୍ତି ନେଇଛି ସଂଘ। ଏସ୍ମା ଲାଗୁ ସତ୍ତ୍ୱେ କାମ ବନ୍ଦ କରିବାକୁ ଯାଉଛନ୍ତି ନର୍ସିଂ ଅଫିସର। ଯଦ୍ୱାରା ରୋଗୀ ସେବା ବାଧାପ୍ରାପ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ନର୍ସିଂ ଅଫିସରଙ୍କୁ ମନାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି। ଦାବି ପୂରଣ ଓ ସମାଧାନ ପାଇଁ ଅନ୍ତର୍ବିଭାଗୀୟ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି ସରକାର। ➪ପୃଷ୍ଠା-୬

### ଟ୍ରେଣ୍ଡିଂ ନ୍ୟୁଜ୍

- ଚକିଟି ମଦମତ୍ତ୍ୟୁର ତଦନ୍ତ କରିବେ ରାଜସ୍ୱ ପର୍ଷଦ ସଦସ୍ୟ ।
- ୟେସ୍ ବ୍ୟାଙ୍କରୁ ୫୨୫ କୋଟି ଟଙ୍କା ଋଣ ହେରଫେର ମାମଲାରେ ସିବିଆଇ ଆନ୍ତର୍ଜାତିକ ଟ୍ରାଭେଲ୍ ସଂସ୍ଥା କକ୍ସ ଏଣ୍ଡ କିଙ୍ଗସ୍ ବିରୋଧରେ ମାମଲା ରୁଜୁ କଲା।
- ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୭୪ ଡଲାରକୁ ହ୍ରାସ ପାଇବା ପରେ ଦେଶରେ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୨/୩ ଟଙ୍କା କମିପାରେ ବୋଲି ଆଇସିଆର୍‌ଏର ପୂର୍ବାନୁମାନ।
- ମିଳିତ ଜାତିସଂଘ ନିରାପତ୍ତା ପରିଷଦରେ ସ୍ଥାୟୀ ସଦସ୍ୟତା ଲାଭ ପାଇଁ ଭାରତ ହକ୍‌ଦାର ବୋଲି କହିଲେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ।
- ବିହାରରେ ଜୀବିତପୁତ୍ରିକା ଉତ୍ସବ ପାଳନ ବେଳେ ୧୫ ଜିଲ୍ଲାରେ ୩୭ ପିଲାଙ୍କ ସମେତ ୪୬ ଜଣଙ୍କ ଜଳସମାଧି।
- ଆମେରିକା ଓ ଫ୍ରାନ୍ସର ୨୧ ଦିନିଆ ଯୁଦ୍ଧ ବିରତି ପ୍ରସ୍ତାବକୁ ଇସ୍ରାଏଲର ଅଣଦେଖା। ହିଜ୍‌ବୋଲା ଉପରେ ଆହୁରି ଭୟଙ୍କର ଆକ୍ରମଣ ପାଇଁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ସେନାକୁ ନିର୍ଦ୍ଦେଶ।
- 'ମେକ୍ ଇନ୍ ଇଣ୍ଡିଆ'କୁ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନଙ୍କ ପ୍ରଶଂସା। ଭିତ୍ତିଭୂମିର ବିକାଶ ଦିଗରେ ଏହି ବ୍ୟବସ୍ଥାରେ ବ୍ୟାପକ ପଦକ୍ଷେପ ନିଆଯାଇଛି ବୋଲି କହିଲେ।
- ବଲିଉଡର ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ଭାସୁ ଭଗନାନୀ ଏବଂ ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସ ମଧ୍ୟରେ ବିବାଦ ତେଜିଲା। ନେଟଫ୍ଲିକ୍ସ ବିରୋଧରେ ୪୭ କୋଟି ଟଙ୍କା ଠକେଇ ଅଭିଯୋଗ ଆଣିଲେ ବାସୁ ଭଗନାନୀ।
- ଝାଡ଼ଖଣ୍ଡରେ ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହେବାର ଠିକ ପୂର୍ବରୁ ରାଜ୍ୟର ଜେଏମଏମ-କଂଗ୍ରେସ-ଆରଜେଡି ମିଳିତ ସରକାର ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ଛାଡ କଲେ।

### ବିଜେଡିର ଇଭେଣ୍ଟ ମାନିଆ | ନବୀନ ନିବାସରୁ ଶଙ୍ଖଭବନ କମ୍ପୁଛି

# ବଢୁଛି ଅସନ୍ତୋଷ: ହୋଇପାରେ ବିସ୍ଫୋରଣ

ଭୁବନେଶ୍ୱର୨୬।୯ (ସଂଚାର ବ୍ୟୁରୋ): ନିର୍ବାଚନ ପରାଜୟପରେ ଗଡ ରକ୍ଷା ପାଇଁ ବିଜେଡି ଏବେ ନବୀନ ନିବାସ ଓ ଶଙ୍ଖ ଭବନରେ ନିଇତି କାର୍ଯ୍ୟକ୍ରମମାନ ଆୟୋଜନ କରୁଛି । ନବୀନଙ୍କୁ ଖୁସି କରିବାପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ଲୋକ ବୁହାହୋଇ ଆସୁଛନ୍ତି । ସେମାନଙ୍କୁ ସ୍ୱାଗତ ପାଇଁ ପଞ୍ଜାବି ଢୋଲ ବାଜୁଛି । ଫଟୋ ବି ଉଠୁଛି । ପୂର୍ବଭଳି ମାଳ ମାଳ ଭିଡିଓ କ୍ୟାମେରା ତାଙ୍କ ଚାରିପାଖେ ବୁଲୁଛି । କିଛି ବରାଦିଆ ଜିନ୍ଦାବାଦ ପକାଇବା ସହିତ ବାଜା ସହିତ ତାଳ ଦେଇ ନାଚ ବି କରୁଛନ୍ତି। ଏହା ଦେଖି ନବୀନ ଖୁସି ହେଉଥିବାବେଳେ ଏଥିପାଇଁ ପାଣିଭଳି ଟଙ୍କା ଖର୍ଚ୍ଚକୁ କିନ୍ତୁ ବିଜେଡି ନେତାଏ ପସନ୍ଦ କରୁନାହାନ୍ତି ।




ନିର୍ବାଚନ ପୂର୍ବରୁ ଯେଭଳି ନିର୍ଦ୍ଦିଷ୍ଟ ଇଭେଣ୍ଟ ସଂସ୍ଥାଙ୍କୁ ପୋଷିବା ଲାଗି ଦଳର ଟଙ୍କାକୁ ପାଣିଭଳି ଖର୍ଚ୍ଚ କରାଯାଉଥିଲା ଏବେ ଠିକ୍ ସେହିଭଳି ଚାଲିଛି ଓ ସେହି ଇଭେଣ୍ଟ ସଂସ୍ଥା ବି ଟଙ୍କା ମାଲେମାଲ ହେବାରେ ଲାଗିଛନ୍ତି।

ନିର୍ବାଚନ ପୂର୍ବରୁ ବିଜେଡି ପ୍ରଚାରର ମଙ୍ଗ ଧରିଥିଲେ ଦଳର ସର୍ବେସର୍ବା ନେତା କୁହାଯାଉଥିବା କାର୍ତ୍ତିକ ପାଣ୍ଡିଆନ। ନବୀନ କାଁ ଭାଁ ପ୍ରଚାରରେ ଯାଉଥିବାବେଳେ ପାଣ୍ଡିଆନଙ୍କର ଅଧିକାଂଶ ସମୟ କିନ୍ତୁ ଆକାଶମାର୍ଗରେ କଟୁଥିଲା। ତାଙ୍କର ପ୍ରସାର ପ୍ରସାର ପାଇଁ ଶିକ୍ଷାନୁଷ୍ଠାନରେ ନୂଆ ଓ ଏବଂ ଜିଲ୍ଲା ସ୍ତରରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମ ପାଇଁ ପାଣିଭଳି ଟଙ୍କା ଖର୍ଚ୍ଚ ହେଉଥିଲା ଓ ନିର୍ଦ୍ଦିଷ୍ଟ ଇଭେଣ୍ଟ ସଂସ୍ଥା ଏ ବାବଦରେ କୋଟି କୋଟି ଟଙ୍କା ନେଇଥିଲା। ସେହି ସଂସ୍ଥା ଜରିଆରେ ଏଭଳି ଶହ ଶହ କୋଟି ଟଙ୍କା ଖର୍ଚ୍ଚକୁ ନେଇ ସେତେବେଳେ ଦଳୀୟ ନେତାମାନେ ଅସନ୍ତୁଷ୍ଟ ହେଉଥିଲେ ବି ଭୟରେ କେହି ପାଟି ଖୋଲି ନ ଥିଲେ ।

ସେତେବେଳେ ଯେଉଁ ଷ୍ଟାଇଲ୍‌ରେ ନବୀନଙ୍କ ଆଗରେ ସବୁଜ ରଙ୍ଗର ମଞ୍ଚ ବନ୍ଧା ହେଉଥିଲା, ରଙ୍ଗ ବେରଙ୍ଗର ଫୁଲ ଟଙ୍ଗା ହେଉଥିଲା, ବାଜା ବାଜୁଥିଲା, ନାଚ ହେଉଥିଲା, ଫଟୋ ଉଠୁଥିଲା, ମହିଳାମାନେ ଗହଳି କରୁଥିଲେ, ଏବେ ଅବିକଳ ସେହି ତରିକାରେ ନବୀନ ନିବାସ ଓ ଶଙ୍ଖଭବନରେ ଇଭେଣ୍ଟ ଆୟୋଜନ ଚାଲିଛି । ସେତେବେଳେ ନବୀନ ନିବାସରେ ଯେମିତି ଗହଳି ହେଉଥିଲା ଓ ନବୀନ ଯେଉଁ ଷ୍ଟାଇଲରେ ଆସି ହାତ ହଲାଇ, ନମସ୍କାର କରି ଫଟୋ ଉଠାଉଥିଲେ ଏବେ ଠିକ୍ ସେମିତି ହିଁ ଚାଲିଛି । ସମାନ ଇଭେଣ୍ଟ ସଂସ୍ଥା, ସମାନ କାର୍ଯ୍ୟକ୍ରମ । ନବୀନ ଯେଭଳି ନିର୍ବାଚନ ପରାଜୟକୁ ଅନୁଭବ କରିନପାରିବେ ଓ ଏ ନେଇ ଗୁମାସ୍ତାମାନଙ୍କ ଉପରେ ନରାଗିବେ ସେଥିପାଇଁ ସମସ୍ତ ପ୍ରକାର ➪ପୃଷ୍ଠା-୬

## ପଲିଥିନ୍ ତଳେ ଜୀବନ

# ବନିତାଙ୍କ ପାଇଁ ଆବାସ ସାତସପନ

**ରାଜକନିକା, ୨୬।୯ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମାଳ ମାଳ ଯୋଜନା ଥାଇ ବି ପ୍ରଶାସନର ଆଢୁଆଳରେ ବଳି ପଡ଼ିଛି ବନିତାଙ୍କ ଜୀବନ। ଦୁଇ ଦୁଇଟା ପିଲାଙ୍କୁ ନେଇ ଅତି ଦୟନୀୟ ଭାବେ ଭଙ୍ଗା ଦଦରା ଚାଳ କୁଡ଼ିଆରେ ଆଶ୍ରା ଖୋଜୁଛି। ମୁଣ୍ଡ ଗୁଞ୍ଜିବାକୁ ଏ କଣରୁ ସେ କଣକୁ ଦଉଡୁଛି ଟିକେ ସାହାରା ପାଇଁ। ତଥାପି ବି ତାଙ୍କ କଥା କେହି ବୁଝୁ ନାହାଁ। ଘଟଣାଟି ହେଉଛି ରାଜକନିକା ବ୍ଲକ ଅନ୍ତର୍ଗତ ପାରିନୂଆପଡା ହାବଳଗଣ୍ଡ ପଞ୍ଚାୟତ ହାବଳଗଣ୍ଡ ଗ୍ରାମର। ବନିତା ସାହୁଙ୍କ କଥା।

ପରିବାର କହିଲେ ସ୍ୱାମୀ କଳ୍ପତରୁ, ପୁଅ ଅଭିଷେକ ଆଉ ଝିଅ ଆଦ୍ୟାଶା। ଘରଡ଼ିଅ ଖଣ୍ଡେ ଛଡା ଜମିବାଡି କିଛି ନାହିଁ। ଚାରିଜଣ ଥିଲେ ବି ମିଳୁଛି ତିନି ଜଣଙ୍କର ମାତ୍ର ୧୫ କିଲୋ ଚାଉଳ। ଏତିକି ହିଁ ସମ୍ବଳ ବଞ୍ଚିବା ପାଇଁ। ମୁଣ୍ଡ ଗୁଞ୍ଜିବା ପାଇଁ ରହିଛି ଭଙ୍ଗା ଦଦରା ନୁଆଁଣିଆ ଚାଳ ଘର। ତାହା ପୁଣି ମାଟିରେ ମିଶିବାକୁ ବସିଛି। ବର୍ଷାରେ କାଠ ଭାଙ୍ଗି ପଡ଼ିଛି। ତଥାପି ବି ବିପଦପୂର୍ଣ୍ଣ ଭାବେ ଘରେ ବାଧ୍ୟ ହୋଇ ରହୁଛନ୍ତି। କିଛି ଦିନ ଆଗେ ଶୋଇଥିବା ବେଳେ ଘରର କାଠ ଭୁଷୁଡି ଗଲା। ଅଳ୍ପକେ ବର୍ତ୍ତିଛନ୍ତି ପରିବାର । ଛପର ନ କରିବା ଯୋଗୁଁ ଘର ଭିତରେ ପାଣି ଲହଡ଼ି ମାରୁଛି। ବିଷଧର ସାପ ବେଙ୍ଗ ଘର ଭିତରକୁ ଅବାଧରେ ବିଚରଣ କରି ଭୟ ବି ସୃଷ୍ଟି କରୁଛି। କେବଳ ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ କଳା ପଲିଥିନ୍ ବେଢେଇ ପରିବାର ସହ ଖୁବ୍ ଦୁଃଖରେ ରହୁଛନ୍ତି ବନିତା । ଅଭିଯୋଗ ଅନୁସାରେ ସରକାରୀ ଘର ଖଣ୍ଡେ ପାଇଁ ବହୁବାର ଆକୁଳ ନିବେଦନ କରିଥିଲେ ବି ଏଯାଏ ସାତ ସପନ ହୋଇ ରହିଛି। ଆଖି ଆଗରେ ଘର ଥିବା ଲୋକ ଘର ଥାଇ ବି ଘର ପାଉଛି। ଅଥଚ ବନିତାଙ୍କ ଭାଗ୍ୟରେ ସେତକ ବି ଜୁଟିଲା ନାହିଁ ଏଯାଏ। ଗୁହାରୀ କରିବା ପରେ ନିରବଦ୍ରଷ୍ଟା ପ୍ରଶାସନ। ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ବହୁବାର ଫର୍ମ ଭରି ଘର ଖଣ୍ଡେ ପାଇଁ ଯେତେ ନିବେଦନ କରିଥିଲେ ବି ଆଜି ବାସ୍ତବ ଚିତ୍ର ଆଖି ଆଗରେ।



ପଲିଥିନ୍ ଘେରେଇ ରହିବା ଭିତରେ ବର୍ଷା ଦାଉ ସାଧୁଛି। ଯଦି ଲଗାତର ବର୍ଷା ଲାଗି ରୁହେ ତେବେ ତାହା ବି ଭୁଷୁଡି ଯିବାର ଆଶଙ୍କା ପ୍ରକାଶ ପାଇଲାଣି। ଏଭଳି ଆଶା ଆଶଙ୍କା ଭିତରେ ଜୀବନ ଜିଉଥିବା ପରିବାର ପ୍ରତି ସରକାରଙ୍କ ପକ୍ଷରୁ ସରକାରୀ ଆବାସିକ ଆବଶ୍ୟକତା ରହିଛି। ପ୍ରଶାସନ ଏଭଳି ଜଣେ ଗରୀବ ଅସହାୟ ପରିବାରକୁ ସରଜମିନ ତଦନ୍ତ କରି ଆବାସ ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ତାଳଚୁଆ ଥାନା ପକ୍ଷରୁ ସାଗରକବଚ ସମରାଭ୍ୟାସ

**ରାଜନଗର, ୨୬।୯ (ସଂଚାର ବ୍ୟୁରୋ):** ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ଦୁଇ ଦିନିଆ ସମରାଭ୍ୟାସ ଆଜି ଶେଷ ହୋଇଛି। ବଂଗୋପସାଗର ତଟବର୍ତ୍ତୀ ଅଞ୍ଚଳ ଏବଂ ତାଳଚୁଆ ସାମୁଦ୍ରିକ ଥାନା ପାର୍ଶ୍ୱରେ ଥିବା ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତାର ମିଳନସ୍ଥଳୀ ସହିତ ତାଳଚୁଆ ଜେଠୀ, ତାଳଚୁଆ ଫେରିଘାଟ, ନଳିତାପାଟିଆ ଘାଟ, ସୁବର୍ଣ୍ଣପୁର ଘାଟ, ଜ୍ୟୋତିପ୍ରସାଦ ଘାଟ, ପ୍ରଭାତୀ ଏବଂ ହାତିଆଗଣ୍ଡ ଘାଟ ପ୍ରଭୃତି ସ୍ଥାନରେ ଏହି ସମରାଭ୍ୟାସ କରାଯାଇଛି। ସମୁଦ୍ର ଏବଂ ନଦୀ ଦେଇ ବିଭିନ୍ନ ସମୟରେ ଅନୁପ୍ରବେଶକାରୀ, ବିଭିନ୍ନ ମାଦକଦ୍ରବ୍ୟ ଓ ଚୋରା ଚାଲାଣକୁ ରୋକିବା ପାଇଁ ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ସମରାଭ୍ୟାସ କରାଯାଇଥିଲା। ସାମୁଦ୍ରିକ ଥାନା ଅଧିକାରିଣୀ ସସ୍ମିତା ସାହୁଙ୍କ ନେତୃତ୍ୱରେ ସବଇନିସପେକ୍ଟର ଅନିଲ ମହାପାତ୍ର ଏଏସଆଇ ବାବୁରାମ ହେମ୍ବ୍ରମ, ପ୍ରଦୀପ ନାଥ, ହାବିଲଦାର ପରୀକ୍ଷିତ ସେଠୀ, ଜ୍ୟୋତ୍ସ୍ନାରାଣୀ ବୁଡ, ବିଭୁତି ରଞ୍ଜନ ନାୟକଙ୍କ ସମେତ ୨ ସେକ୍ସନ ଏପିଆର ଫୋର୍ସ ଓ ମେରାଇନ କର୍ମଚାରୀଙ୍କୁ ନେଇ ମିଳିତ ସମରାଭ୍ୟାସ କରାଯାଇଛି। ଏହି ସମରାଭ୍ୟାସ ସମୟରେ ତାଳଚୁଆ ଜେଠୀ, ତାଳଚୁଆ ଫେରିଘାଟରେ ବୋଟରେ ଯିବା ଆସିବା କରୁଥିବା ଯାତ୍ରୀ ମାନଙ୍କ ବ୍ୟବହୃତ ଗାଡି, ବ୍ୟାଗ ଓ ଅନ୍ୟାନ୍ୟ ସାମଗ୍ରୀକୁ ଯାଞ୍ଚ କରାଯାଇଛି।



# ପଲିଥିନମୁକ୍ତ ପରିବାର ପାଇଁ ଶପଥ

**କେନ୍ଦ୍ରାପଡ଼ା, ୨୬।୯ (ସଂଚାର ବ୍ୟୁରୋ):** ଧୀରେ ଧୀରେ ପୁରା ପରିବେଶକୁ ଦୂଷିତ ବା କ୍ଷତି ପହଞ୍ଚାଇବାକୁ ଯାଉଛି ବହୁଳ ମାତ୍ରାରେ ପଲିଥିନ ବ୍ୟବହାର । ଏହି ପଲିଥିନ ନିଷିଦ୍ଧ ବା ମୁକ୍ତ କରିବା ଦିଗରେ ଆଗେଇ ଆସିଛନ୍ତି କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଆୟବା ଗ୍ରାମର ଶ୍ରୀ ରାଧା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ । ମହିଳା ମାନଙ୍କ ତରଫରୁ ସ୍ୱଚ୍ଛତା ହିଁ ସେବା ସପ୍ତାହ ପାଳନ ଅବସରେ ସଦସ୍ୟା ମାନେ ପଲିଥିନ ମୁକ୍ତ ପାଇଁ ଶପଥ ନେଇଥିଲେ । ପଲିଥିନ ବ୍ୟବହାର ନ କରିବା ସହିତ ଘରଦ୍ୱାର ପରିଷ୍କାର ରଖିବାକୁ ଶପଥ ନେଇଥିଲେ । ଗାଁ ସହିତ ମଠ ମନ୍ଦିର ଓ ବିଦ୍ୟାଳୟ ସବୁକୁ ସଫେଇ କରିବାକୁ ନିଷ୍ପତ୍ତି ମଧ୍ୟ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ସଭାନେତ୍ରୀ ମମତା ମଲ୍ଲିକ ସୁଶ୍ରୀ ସଂଗୀତ ସାହୁ, ସୁଲୋଚନା ସାହୁ, ମନ୍ଦାକିନୀ ଦାସ, ଅଞ୍ଜଳି ମଲ୍ଲିକ, ଯୋତି ମଲ୍ଲିକ,ଝରଣା ମଲ୍ଲିକ ଓ ବନିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବଜ୍ରପାତରେ ମନ୍ଦିର ଦଧିନଉତି ଭାଙ୍ଗିଲା

**ରାଜନଗର, ୨୬।୯ (ସଂଚାର ବ୍ୟୁରୋ):** ରାଜନଗରରେ ୩ଦିନ ହେଲା ପ୍ରବଳ ବର୍ଷା ଲାଗି ରହିଛି। ବର୍ଷା ସାଙ୍ଗକୁ ବଜ୍ରପାତ ଯୋଗୁଁ ଲୋକେ ଘରୁ ବାହାର ପାରୁନାହାଁନ୍ତି। ଆଜି ମଧ୍ୟାହ୍ନରେ ବଜ୍ରପାତରେ ଅଞ୍ଚଳର ଶୈବପୀଠ ବାର୍ହାପୁରସ୍ଥିତ ସପନେଶ୍ୱର ମହାଦେବଙ୍କ ମନ୍ଦିର କ୍ଷତିଗ୍ରସ୍ତ ହୋଇଛି। ବଜ୍ରପାତରେ ମନ୍ଦିରର ଦଧିନଉତି ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ତଳେ ପଡ଼ିଥିବା ବେଳେ ମନ୍ଦିର ଭିତରେ ଥିବା ଇଲେକ୍ଟ୍ରି ବୋର୍ଡ ଗୁଡିକ ଭାଙ୍ଗି ରୁଜି ଯାଇଛି। ମନ୍ଦିରରେ କେହି ନଥିବାରୁ ଅନ୍ୟ କୌଣସି କ୍ଷତି ହୋଇନଥିଲେ ମଧ୍ୟ ମନ୍ଦିରର ଦଧିନଉତି ଭାଙ୍ଗିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଧର୍ମୀୟ ଭାବନାକୁ ଆଘାତ ଦେଇଛି।



# ଛାତ୍ରଛାତ୍ରୀଙ୍କୁ ବହି ବାଣ୍ଟିଲେ, ଗଛ ଲଗାଇ ଜନ୍ମଦିନ ପାଳିଲେ ଶିକ୍ଷକ

**ରାଜନଗର, ୨୬।୯ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ନାଗାନାରାୟଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଦର୍ଶ ଶିକ୍ଷକ ଓମ ପ୍ରକାଶ ବାରିକ ନିଆରା ଢଙ୍ଗରେ ନିଜର ଜନ୍ମଦିନ ପାଳନ କରିଛନ୍ତି। ପାଶ୍ଚାତ୍ୟ ସଂସ୍କୃତିକୁ ନଆପଣେଇ କେକ କାଟିବା ବଦଳରେ ସମସ୍ତ ଛାତ୍ର ଛାତ୍ରୀଙ୍କୁ ବହି ବାଣ୍ଟିବା ସହ ବିଦ୍ୟାଳୟ ପରିସରରେ ଗଛ ଲଗାଇ ଜନ୍ମଦିନ ପାଳନ କରିଛନ୍ତି। ଶିକ୍ଷକଙ୍କୁ ୪୦ବର୍ଷ ପୁରିଥିବାରୁ ଶିକ୍ଷକ ବିଦ୍ୟାଳୟ ଓ ନିଜ ବାଡିରେ ୪୦ଟି ଗଛ ଲଗାଇଥିଲେ। ବିଦ୍ୟାଳୟର ପ୍ରଥମରୁ ଦ୍ୱାଦଶ ଯାଏଁ ୫ଶହ ଛାତ୍ର ଛାତ୍ରୀଙ୍କୁ ବର୍ଣ୍ଣବୋଧ ଓ ସାଧାରଣଜ୍ଞାନ ବହି ବଣ୍ଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ମାନସ ରଞ୍ଜନ ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏହି ନିଆରା ଜନ୍ମଦିନ ପାଳନ କାର୍ଯ୍ୟକ୍ରମରେ ସାମିଲ ହୋଇ ଶିକ୍ଷକଙ୍କୁ ପ୍ରଶଂସା କରିଥିଲେ। ଏଥିସହିତ ଆଗକୁ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମ ଓ ବିଦ୍ୟାଳୟର ଭିତିଭୂମିର ଉନ୍ନତି ପାଇଁ ପୁରାତନ ଛାତ୍ର ସଂସଦ ନାଁରେ ଭିତରକନିକା ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖାରେ ଖୋଲାଯାଇଥିବା ଆକାଉଂଟରେ ୧୦ହଜାର ଟଙ୍କା ପ୍ରଦାନ କରିଛନ୍ତି। ଭାଷାଜ୍ଞାନର ଉନ୍ନତି ପାଇଁ ଛାତ୍ର ଛାତ୍ରୀଙ୍କୁ ବର୍ଣ୍ଣବୋଧ ବହି ବଣ୍ଟନ, ବୃକ୍ଷରୋପଣ ପରି କାର୍ଯ୍ୟକୁ ସବୁ ମହଲରେ ପ୍ରଶଂସା କରାଯାଉଛି।



# ପ୍ରେମିକ ଘର ଆଗରେ ପ୍ରେମିକାର ଧାରଣା

**ବାଲିଅନ୍ତା, ୨୬।୯ (ସଂଚାର ବ୍ୟୁରୋ):** ଅଢେଇ ବର୍ଷ ପ୍ରେମ କରି ପ୍ରେମିକ ଘର ଆଗରେ ପ୍ରେମିକାର ଧାରଣା । ଏହି ଭଳି ଏକ ଘଟଣା ଦେଖିବାକୁ ମିଳିଛି ବାଲିଅନ୍ତା ଥାନା ଅନ୍ତର୍ଗତ ସରକଣାରେ । ମଙ୍ଗଳବାର ରାତିରୁ ସରକଣା ଗ୍ରାମର ବିଶ୍ୱଜିତ ସାମନ୍ତରାୟଙ୍କ ଘର ପିଣ୍ଡାରେ ଧାରଣାରେ ବସିଛନ୍ତି ତାଙ୍କ ପ୍ରେମିକା । ପ୍ରେମ କରି ତାଙ୍କ ପ୍ରେମିକାକୁ ପ୍ରତାରଣା କରିଥିବା ନେଇ ବିଶ୍ୱଜିତଙ୍କ ବିରୋଧରେ ପ୍ରେମ ଏବଂ ପ୍ରତାରଣା ଅଭିଯୋଗ ଆଣିଛନ୍ତି ପ୍ରେମିକା । ଏ ନେଇ ବରଗଡ଼ ଥାନାରେ ପ୍ରେମିକା ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କେବଳ ମାମଲା ରୁଜୁ କରି ବସିପଡିଛି। ପୋଲିସରେ ଅଭିଯୋଗ ହୋଇଥିବା ଜାଣି ବିଶ୍ୱଜିତ କେଉଁ ଆଡ଼େ ଫେରାର ହୋଇଯାଇଥିବା ସୂଚନା ମିଳିଛି । ତେବେ ମାମଲାର ସମାଧାନ ନହେବା ପର୍ଯ୍ୟନ୍ତ ପ୍ରେମିକା ଜଣକ ପ୍ରେମିକ ଘର ସାମ୍ନାରୁ ଉଠିବେ ନାହିଁ ବୋଲି ରୋକ୍ ଠୋକ୍ ମନା କରିଛନ୍ତି । ଯୁବତୀଙ୍କ କହିବା ଅନୁଯାୟୀ ଗତ ଅଢେଇ ବର୍ଷ ପୂର୍ବେ ବିଶ୍ୱଜିତଙ୍କ ସହ ଯୁବତୀଙ୍କର ସୋସିଆଲ ମିଡ଼ିଆରୁ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଉଭୟ ବିଭିନ୍ନ ଆଡ଼େ ବୁଲା ବୁଲି କରିବା ସହ ଉଭୟଙ୍କ ମଧ୍ୟରେ ଅନ୍ତରଙ୍ଗ ସମ୍ପର୍କ ଗଢ଼ି ଉଠିଥିଲା । ଯୁବତୀ ଜଣକ ବିଶ୍ୱଜିତଙ୍କ ଘରକୁ ପରିବାର ସହମତିରେ ଆସି ରୁହନ୍ତି । ଉଭୟଙ୍କର ବିବାହ ମଧ୍ୟ ସ୍ଥିର ହୋଇଥିଲା କିନ୍ତୁ ପରବର୍ତ୍ତି ସମୟରେ ବିଶ୍ୱଜିତ ଏବଂ ତାଙ୍କ ପରିବାର ଲୋକ ବାହାଘର ପାଇଁ ରାଜି ହୋଇନଥିଲେ । ଏହାପରେ ଯୁବତୀ ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ । କିନ୍ତୁ କୌଣସି ସୁଫଳ ନମିଳିବାରୁ ଯୁବତୀ ଜଣକ ଆସି ନିଜ ପ୍ରେମିକଙ୍କ ଘର ବାରାଣ୍ଡରେ ବସିଛନ୍ତି । ଯେ ପର୍ଯ୍ୟନ୍ତ ତାଙ୍କୁ ବିଶ୍ୱଜିତ ସାମନ୍ତରାୟ ଗ୍ରହଣ କରିବେ ନାହିଁ ସେ ଉଠିବେ ନାହିଁ ବୋଲି ରୋକ୍ ଠୋକ୍ ମନା କରିଦେଇଛନ୍ତି । ଘଟଣା ସ୍ଥଳରେ ବାଲିଅନ୍ତା ପୋଲିସ୍ ପହଞ୍ଚିଥିଲା । ଏହି ଘଟଣା ଏବେ ସରକଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ୮ମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

**କଣାସ, ୨୬।୯ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଅର୍ନ୍ତଗତ ବସନ୍ତପୁର ଗ୍ରାମର ମହେଶ୍ୱର ପରିଡ଼ାଙ୍କ ଝିଅ ନମିତା ପରିଡ଼ା (୧୩)ଙ୍କର ଆଜି ପ୍ରଭାତରୁ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ସେ କଣାସ ବ୍ଲକରେ ପ୍ରତିଷ୍ଠିତ ଆଦର୍ଶ ବିଦ୍ୟାଳୟ ୮ମ ଶ୍ରେଣୀରେ ପାଠ ପଢୁଥିଲେ। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ମୃତ୍ୟୁ ଖବର ବିଦ୍ୟାଳୟରେ ପହଞ୍ଚିବା ପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ମୃତ୍ୟୁ ଖବର ପାଇ ଆଦର୍ଶ ବିଦ୍ୟାଳୟ ଓ ବାଣେଶ୍ରୀ ଅନୁଶିକ୍ଷଣ କେନ୍ଦ୍ରରେ ଆତ୍ମର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ନମିତାଙ୍କ ମୃତ୍ୟୁରେ ତାଙ୍କ ପରିବାର ସହ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଡିଜେ ନେଉଛି ଜୀବନ

# ଆଉ କେତେ ମଲେ ଚେତିବ ପ୍ରଶାସନ ?

**କେନ୍ଦ୍ରାପଡ଼ା, ୨୬।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସହରରେ ଡ଼ିଜେ ବନ୍ଦ ନା ଧରୁନି । ସେ ବାହାଘର ରୋଷଣୀ ହେଉ ଅବା ପୂଜା ପର୍ବର ଭସାଣି। ଡ଼ିଜେ ଶବ୍ଦରେ ଅସ୍ତବ୍ୟସ୍ତ ହେଉଛନ୍ତି ସାଧାରଣ ଲୋକ । ଓଡିଶାର ବିଭିନ୍ନ ଜିଲ୍ଲାରେ ଡ଼ିଜେକୁ ବାରଣ କରାଯାଇଛି । ଏବଂ ଅନେକ ଲୋକ ମାରିଥିବା ଜଣାପଡିଛି । ସେହିପରି କେନ୍ଦ୍ରାପଡ଼ାରେ ଡ଼ିଜେ ଜୀବନ ମଧ୍ୟ ଯାଉଛି । କେନ୍ଦ୍ରାପଡ଼ାରେ ଡ଼ିଜେ ବନ୍ଦ କେବଳ ଆଲୋଚନା ଭାଷଣ ବାଜିରେ ସୀମିତ ରହୁଛି ।

ଏବେ ବିଭିନ୍ନ ପୂଜା ପର୍ବାଣିରେ ଯେଉଁଭଳି ଡିଜେ ବାଜୁଛି ତାହା ଚିନ୍ତାର କାରଣ ପାଲଟିଛି । ଏ କ୍ଷେତ୍ରରେ ପୁଲିସ ଓ ପ୍ରଶାସନର ହାଲୁକା କାର୍ଯ୍ୟାନୁଷ୍ଠାନ ସାଧାରଣ ଜନତାଙ୍କୁ ଚକିତ କରିଛି । କାରଣ ବିକଟାଳ ଛାତିଥରା ଡିଜେ ଶବ୍ଦ ଅତ୍ୟନ୍ତ ଘାତକ ସାଜିଲେ ମଧ୍ୟ ପ୍ରଶାସନ ଏହାକୁ ହାଲୁକା ଭାବେ ଗ୍ରହଣ କରୁଛି। କାହିଁକିନା ଗତ ଗଣେଶ ପୂଜା ଭସାଣିରେ ଏହା ସ୍ପଷ୍ଟ ଜଣାପଡୁଥିଲା । କେନ୍ଦ୍ରାପଡ଼ା ଜିଲ୍ଲା ସଦର ଥାନା ଅଧୀନରେ ଜଣେ ଯୁବକଙ୍କ ଜୀବନ ତାଙ୍କ ବାପା ସମ୍ମୁଖରେ ଚାଲିଗଲା । ଏହାସହ ବିକଟାଳ ଡିଜେ ଶବ୍ଦରେ ଅନ୍ୟ ୪ ଜଣ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେଲେ । ଏହାପରେ ମଧ୍ୟ ଜିଲା ପ୍ରଶାସନ ଚେତିଲା ନାହିଁ କି ଏ ନେଇ କୌଣସି କଡା ପଦକ୍ଷେପ ଗ୍ରହଣ କଲା ନାହିଁ । ଯାହା ବିଶୃଙ୍ଖଳିତ ଯୁବକମାନଙ୍କୁ ଅଧିକ ଉତ୍ସାହିତ କରୁଛି । ତେଣୁ ଆଗକୁ ଆସୁଥିବା କେନ୍ଦ୍ରାପଡ଼ାର ଗଣ ପର୍ବରେ ପୁଣି ଡିଜେ ଗର୍ଜିବ । ପୁଣି କାହାର ଜୀବନ ଦୀପ ନ ଲିଭିଯିବ କିଏବା କହିବ? ତେଣୁ ଏବେଠାରୁ ପ୍ରଶାସନ ସତର୍କ ରହିବା ଉଚିତ ବୋଲି ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି । ନିୟମ ମୁତାବକ ୬୦ ଡେସିବଲ ମଧ୍ୟରେ ଡିଜେର ଶବ୍ଦ ରହିବା କଥା । ହେଲେ ଏବେ ଯୁବକମାନେ ଏହାଠାରୁ ଅଧିକ ଡେସିବଲର ଶବ୍ଦ କରି ଶୋଭାଯାତ୍ରା କରୁଛନ୍ତି । ଯାହା ଫଳରେ ଏହା ହୃଦକମ୍ପନ ସୃଷ୍ଟି କରୁଛି । ଫଳସ୍ୱରୂପ କହାର ମୃତ୍ୟୁ ଘଟୁଛି ତ କିଏ ଗୁରୁତର ହେଉଛି । କଟକ, ଭୁବନେଶ୍ୱର ଆଦି ସହରରେ ଡ଼ିଜେକୁ ପ୍ରଶାସନ ବନ୍ଦ କରିଛି । କେନ୍ଦ୍ରାପଡ଼ାରେ ଜିଲା ପ୍ରଶାସନ ଓ ପୁଲିସ ପ୍ରଶାସନ କେବେ ଡ଼ିଜେକୁ ନେଇ କାର୍ଯ୍ୟାନୁଷ୍ଠାନ ନେଉଛି ଦେଖିବାକୁ ବାକି ରହିଲା ।

# ଅଭିଯୋଗର ୧୦ଦିନ ବିତିଗଲା, ଅଭିଯୁକ୍ତଙ୍କୁ ଧରୁନି ପୁଲିସ

**କେନ୍ଦ୍ରାପଡ଼ା, ୨୬।୯ (ସଂଚାର ବ୍ୟୁରୋ):** ଡେରାବିଶ ଥାନା ଅଧୀନ ରଘୁଦେଇପୁର ପଞ୍ଚାୟତ ବେଲାରପୁର ଗ୍ରାମର ମଣ୍ଟୁ କାଣ୍ଡି ନାମକ ଯୁବକଙ୍କୁ ସେହି ଗ୍ରାମର ତିନିଜଣ ଯୁବକ ମରଣାନ୍ତକ ଆକ୍ରମଣ କରିବା ସହ ଗାଡ଼ି ଚାବିରେ ମଣ୍ଟୁଙ୍କ ଆଖିକୁ ମାଡ଼ ମାରିଥିଲେ । ଘଟଣା ସ୍ଥଳରେ ମଣ୍ଟୁ ଗୁରୁତର ହୋଇଯିବାରୁ ପ୍ରଥମେ ସ୍ଥାନୀୟ ଡେରାବିଶ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ମଣ୍ଟୁଙ୍କ ଆଖିକୁ ମାଡ ହୋଇଥିବାରୁ ପ୍ରାଥମିକ ଚିକିତ୍ସା ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ମଣ୍ଟୁ ସାତଦିନ ଧରି ମେଡ଼ିକାଲରେ ଚିକିତ୍ସା ହୋଇ ଘରକୁ ଫେରିଥିଲେ। ଅଥଚ ମଣ୍ଟୁ କାଣ୍ଡିଙ୍କ ତରଫରୁ ଡେରାବିଶ ଥାନାରେ ଗତ ୧୬ ତାରିଖ ଦିନ ଅଭିଯୋଗ କରିଥିବାର ଆଜିକୁ ୧୦ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ୍ ଅଭିଯୁକ୍ତ ମାନଙ୍କୁ ଧରୁନି। ଅଭିଯୁକ୍ତ ମାନଙ୍କୁ ଧରିବା ପରିବର୍ତ୍ତେ ଅଭିଯୋଗକାରିଙ୍କ ସମ୍ପର୍କୀୟକୁ ବାରମ୍ବାର ଥାନାକୁ ଡ଼କାଇ ଧମକ ଚମକ ଦେବା ସହିତ ମାମଲାକୁ ଚପାଇ ଦେବାକୁ ଉଦ୍ୟମ କରୁଥିବା ମଣ୍ଟୁଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ମାନଙ୍କୁ ଧରିବାରେ ପୁଲିସ୍ ଉଦ୍ୟମ କରୁନଥିବା ଏକରକମର ବାରି ହୋଇ ପଡୁଛି।

ଅନ୍ୟପଟେ ଡେରାବିଶ ପୁଲିସର ଏହି ଅପାରଗ ପଣିଆକୁ ନେଇ ଚର୍ଚ୍ଚାବି ବଢ଼ିବାରେ ଲାଗିଛି। ଏମିତିକି କୁଆଡେ ଡେରାବିଶ ପୁଲିସ୍ କାମୁକୁ ନୁହେଁ ବୋଲି ରାଜନୀତି ମହଲରେ ବି ଚର୍ଚ୍ଚା ହେଲାଣି। ଅଭିଯୋଗର ମାମଲାକୁ ରୁଜୁକରି ପୁଲିସ ବାହସ୍କଟ ମାରୁଛି ଥାନାରେ ଏତେ ମାମଲା ଗଡୁଛି। ଏନେଇ ଡେରାବିଶ ଥାନା ଅଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ଥାନା ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ବିଭାଗର ବରିଷ୍ଠ ଅଧିକାରୀ ଘଟଣାକୁ ଦୃଷ୍ଟି ନଦେଲେ ଆଗକୁ ପୁରା ବିଭାଗ ବଦନାମ୍ ହୋଇପାରେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।



## ବ୍ରହ୍ମପୁର ମହାନଗରର ସାଧାରଣ ବୈଠକ

# ସ୍ମାର୍ଟ ମିଟରକୁ ବିରୋଧ

**ବ୍ରହ୍ମପୁର, ୨୬।୯ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ମହାନଗର ନିଗମର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଇଲେକ୍ଟ୍ରି, ପିଇବା ପାଣି,ରାସ୍ତା , ନାଳ, ବୁଲା କୁକୁର, ଗାଇ ଏଭଳି ସହରର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା । ସହରରେ ବର୍ତ୍ତମାନ (ଟିପିଏସଓଡିଏଲ୍) ବିଦ୍ୟୁତ ବିଭାଗ ଘର ମାନଙ୍କୁ ସ୍ମାର୍ଟ ମିଟର ସଂଯୋଗ କରୁଛି । ଏହାକୁ ୪୧ନଂ କର୍ପୋରେଟର ମଳୟ କୁମାର ବିଷୋୟୀ ବିରୋଧ କରିଛନ୍ତି । ସ୍ମାର୍ଟ ମିଟର ସଂଯୋଗ କରାଗଲେ ଏଗୁଡ଼ିକୁ ଫୋପଡ଼ା ଯିବ ବୋଲି ଶ୍ରୀ ବିଷୋୟୀ ବୈଠକରେ ସତର୍କ କରାଇଛନ୍ତି । (ଟିପିଏସଓଡିଏଲ୍) ର ଉପସ୍ଥିତ ନିର୍ବାହୀ ଯନ୍ତ୍ରୀଙ୍କ ସହ ତାଙ୍କର କଥା କଟା କଟି ହୋଇଛି। ସ୍ମାର୍ଟ ମିଟର ସଂଯୋଗ କରାଗଲେ ୪୨ ଜଣ କର୍ପୋରେଟରଙ୍କ ସହଯୋଗ ନିଆଯାଇ ଏହାକୁ ବିରୋଧ କରାଯିବ । ପୂର୍ବରୁ ଥିବା ପୁରୁଣା ମିଟର ବାହାର କରିବାକୁ ଦିଆଯିବ ନାହିଁ । ସେହିଭଳି ସହରରେ ବୁଲା କୁକୁରଙ୍କ ଉପରେ ନିୟନ୍ତ୍ରଣ ନାହିଁ । ଲୋକେ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି ବୋଲି କର୍ପୋରେଟର ପ୍ରମୁଖ ବୈଠକରେ ଦୃଷ୍ଟି ଆକର୍ଷଣ କରିଛନ୍ତି । ଗିରି ବଜାର କମ୍ପ୍ଲେକ୍ସ ଦିଗରେ ଆଲୋଚନା ହୋଇଛି । ଏଣିକି ବାହାରେ ବୁଲୁଥିବା ଗାଇଙ୍କୁ ଉଠାଇ ଗୋଶାଳାକୁ ନିଆଯିବା ପ୍ରସ୍ତୁତି ହେଲାଣି । ସହରରେ ସଂଯୋଗ ହୋଇଥିବା ସି ସି କ୍ୟାମେରା ଦିଗରେ ଆଲୋଚନା କରାଯାଇଛି । କର୍ପୋରେଟରଙ୍କ କଥା ଅଧିକାରୀ ମାନେ ଅଣଦେଖା କରୁଥିବା କର୍ପୋରେଟର ପ୍ରଶାନ୍ତ କୁମାର ପଟ୍ଟନାୟକ ଅଭିଯୋଗ କରିଛନ୍ତି । ଏଭଳି ସମସ୍ୟା ଏବଂ ଏହାର ସମାଧାନ ଦିଗରେ ଦାବି ହୋଇଛି । ମହାନଗର ମେୟର ସଂଘମିତ୍ରା ଦଳାଇ, ଡେପୁଟି ମେୟର ବିବେକ ରେଡ୍ଡୀ, କମିଶନର ଭବାନୀ ମିଶ୍ରଙ୍କ ସମେତ ଅଧିକାରୀ ଏବଂ ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଲା ପ୍ରମୁଖ ଉପସ୍ଥିତ ଥିଲେ ।

## ବିଧାୟକଙ୍କ ବିରାଧରେ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲା ଦଳିତ ସଂଘ

# ବିଧାୟକଙ୍କ ଫଟୋରେ ଗୋବର ଲିପିଲେ, ଚପଲରେ ପିଟିଲେ

**ଯାଜପୁର, ୨୬।୯ (ସଂଚାର ବ୍ୟୁରୋ):** ଦଳିତ ଶ୍ରମିକଙ୍କ ଛଟେଇ ପ୍ରତିବାଦରେ ଆଜି ମୂଳନିବାସୀ ୟୁନାଇଟେଡ଼ ଫୋରମ ତରଫରୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ବିରାଧରେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦିଆଯାଇଥିଲା । ବହୁ ମହିଳା ଓ ଦଳିତ ଶ୍ରମିକମାନେ ସାମିଲ ଥିଲେ। ଧାରଣାରତ ଶ୍ରମିକ ମହିଳା ମାନେ ବିଧାୟକଙ୍କ ଫଟୋରେ ଗୋବର ଲିପିବା ସହ ଚପଲ ରେ ବାଡ଼େଇଥିଲେ।

ସୂଚନା ମୁତାବକ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ମାଣ୍ଡିଆ ସ୍ଥିତ ମାଟ୍ରିକ୍ସ ଫେରୋ ଏଲଏଲପି ପ୍ରାଇଭେଟ ଲିମିଟେଡ଼ ପ୍ଲାଣ୍ଟରେ ୨୦ ବର୍ଷ ଧରି ନିଯୁକ୍ତ ଥିବା ଅନୁସୂଚିତ ଜାତି ଓ ଜନଜାତିର ଗରିବ ଶ୍ରମିକ ଲୋକମାନଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି କମରୁ ବରଖାସ୍ତ କରିଥିବା ଅଭିଯୋଗ ରହିଛି । ବିନା କାରଣରେ ଏମାନଙ୍କୁ ଦୁଇମାସ କାମ ବନ୍ଦ କରିଥିବାରୁ ଆଜି ଯାଜପୁର ଜିଲ୍ଲାପାଳ ପି ଅନେଶ୍ୱା ରେଡ୍ଡୀଙ୍କୁ ମୂଳନିବାସୀ ୟୁନାଇଟେଡ଼ ଫୋରମ ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ମନୋରଞ୍ଜନ ଜେନାଙ୍କ ନେତୃତ୍ୱରେ ବହୁ ଶ୍ରମିକ ଭେଟି ବିଭିନ୍ନ ମୌଳିକ ସମସ୍ୟା ସହ ତୁରନ୍ତ କାମ ଯୋଗାଇ ଦେବାକୁ ଦାବୀ ହୋଇଥିଲା । ତେବେ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଠାରୁ ବି କମ ପରିଶ୍ରମିକରେ ଶ୍ରମିକମାନେ କମ୍ପାନୀରେ କାମ କରିଆସୁଥିଲେ । କମ୍ପାନୀ ଲାଭରେ ଥିବାବେଳେ ବିଗତ ନିର୍ବାଚନ ପରେ ରାଜନୈତିକ ଆକ୍ରୋଶ ଓ ଜାତିଗତ ହୀନମାନ୍ୟତା ରଖି ଉଦ୍ଦେଶ୍ୟ ମୂଳକ ଭାବେ ପ୍ଲାଣ୍ଟ କୁ ବନ୍ଦ ରଖାଯାଇଛି । ଗତ ଜୁନ ୨୫ ତାରିଖରେ ଦଳିତ ଶ୍ରମିକ ମାନଙ୍କୁ ବର୍ତ୍ତମାନ ବିଧାୟକ ଇଙ୍ଗିତରେ ପୂର୍ବତନ ସରପଞ୍ଚ ଦିଲ୍ଲୀପ ବେହେରା ଓ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ବଳରାମ ବେହେରା ଦଳିତ ଲୋକମାନଙ୍କୁ ଛଅ ଘଣ୍ଟା ତାଲା ପକାଇ ଧମକ ଚମକ ଦେଇଥିଲେ । ବିନା କାରଣରେ କମ୍ପାନୀ ବନ୍ଦ ନ କରାଯାଇ ଚାଲୁକରିବା ସହ ଶ୍ରମ କଲ୍ୟାଣ ବୋର୍ଡର ସରକାରୀ ନିୟମ ଅନୁସାରେ ବେତନ ଓ ଅନ୍ୟାନ୍ୟ ସୁବିଧା ଓ ନିୟମିତ କାମକରିବା, କମ୍ପାନୀ ଦଖଲରେ ଥିବା ଜଙ୍ଗଲ କିସମ ଓ ଅନାବାଦୀ ଜାଗାକୁ ଉଦ୍ଧାର କରିବା ସହ ଆସାମୀ ଦ୍ୱୟକୁ ଗିରଫ କରିବା ଓ ଦଳିତ ସାହିକୁ ରାସ୍ତା ମାପଚୁପ ପାଇଁ ଦାବୀ ଜଣାଇଥିଲେ । ଏହାପରେ ଜିଲ୍ଲାପାଳ ପି ଅନେଶ୍ୱା ରେଡ୍ଡୀ ପ୍ରତିନିଧି ମଣ୍ଡଳୀଙ୍କ ସହ ଆଲୋଚନା କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶୃତି ଦେଇଥିଲେ ଓ ଜଙ୍ଗଲ ଜମି ଚିହ୍ନଟ ଓ ଉଦ୍ଧାର ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ।




# ଶ୍ରମିକଙ୍କ ସୁରକ୍ଷା ପ୍ରତି ଠିକାଦାରଙ୍କ ନିଘା ନାହିଁ

● ଦୁର୍ଘଟଣା ପରେ ବି ଶ୍ରମ ବିଭାଗ ଚେତୁନି ● କାମବେଳେ ରହୁନାହାଁନ୍ତି ଯନ୍ତ୍ରୀ ● ମିଳିମିଶି ହରିଲୁଟ ଉଦ୍ୟମ

**ଜଗତସିଂହପୁର, ୨୬।୯ (ସଂଚାର ବ୍ୟୁରୋ):** ନିର୍ମାଣ ଶ୍ରମିକମାନଙ୍କ ଉନ୍ନତି ଓ ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି କିନ୍ତୁ ବାସ୍ତବଚିତ୍ର ଅଲଗା ଜଗତସିଂହପୁର ସହର ସ୍ଥିତ ଯୋଗଧାରୀ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ୧. ୧୧. ୨୦୨୩ ରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୩୧.୧୦.୨୦୨୪ ଶେଷ ହେବାକୁ ଥିବା ବସଷ୍ଟାଣ୍ଡ କାମରେ ନିୟୋଜିତ ଶ୍ରମିକଙ୍କୁ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ବିନା କାମରେ ଲଗାଯାଉଛି । ଦୁଇ ମହାଲାରେ ବିପଦପୂର୍ଣ୍ଣ ଭାବେ ଏମାନେ ବିନା ହେଲମେଣ୍ଟ ଜୋତା ଓ ବେଲ୍ଟରେ କାମ କରୁଛନ୍ତି ଜିଲ୍ଲା ଶ୍ରମବିଭାଗ କାର୍ଯ୍ୟାଳୟ ଠାରୁ ମାତ୍ର ପଚାଶ ମିଟିର ଦୂରତାରେ ଏହି ନୂତନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଚାଲିଛି ଜିଲ୍ଲା ଶ୍ରମବିଭାଗର ବରିଷ୍ଠ ଅଧିକାରୀ ଓ ପ୍ରଶାସନଙ୍କ ନଜରରେ ଏହା ନପଡ଼ିବା ଆଶ୍ଚର୍ଯ୍ୟ ସୃଷ୍ଟି କରିଛି ।

ତେବେ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ସୁରକ୍ଷା ପ୍ରତି ଆଇନ ରହିଛି, ନିର୍ଦ୍ଦେଶ ଉଲ୍ଲଘଂନ କଲେ ଦଣ୍ଡବିଧାନର ବ୍ୟବସ୍ଥା ରହିଛି । ଏହା ସତ୍ତ୍ୱେ ଏଠାରେ ଆଇନ ପାଳନ ହେଉନି ଠିକାସଂସ୍ଥା, ଶ୍ରମବିଭାଗ ଓ ପ୍ରଶାସନ ଆଖି ବୁଜି ଦେଇଛନ୍ତି । ଏସଭିଏମ ପରିସର ଇଣ୍ଡୋର ଷ୍ଟାଡିୟମ ପୂର୍ତ୍ତି ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟ ମଧ୍ୟ ଚାଲୁଥିବା ସମୟରେ ନିୟୋଜିତ ଶ୍ରମିକମାନଙ୍କ ଲାଗି ସୁରକ୍ଷା ବ୍ୟବସ୍ଥା ଅଭାବରୁ ସିଡ଼ିରୁ ପଡି ଶ୍ରମିକ ଗୁରୁତ୍ୱର ଅବସ୍ଥା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ଦୁର୍ଘଟଣା ପରେ ବି ମଧ୍ୟ ଜିଲ୍ଲା ପ୍ରଶାସନ କିମ୍ବା ଶ୍ରମ ବିଭାଗର ଚେତା ପଶିନି ଯଦି ଶ୍ରମ ବିଭାଗ କାର୍ଯ୍ୟାଳୟ ନିକଟରେ କାମ କରୁଥିବା ଶ୍ରମିକଙ୍କ ସୁରକ୍ଷା ଅବସ୍ଥା ଏପରି ତେବେ ଜିଲ୍ଲାର ଅନ୍ୟ ସ୍ଥାନରେ ଶ୍ରମିକ ମାନେ କାମ କରୁଥିବା କେତେ ସୁରକ୍ଷିତ ଏଥିରୁ ସ୍ପଷ୍ଟ ବାରି ହେଉଛି, ଜିଲ୍ଲାରେ ଏପର୍ଯ୍ୟନ୍ତ ଶ୍ରମିକଙ୍କ ସୁରକ୍ଷା ଆଇନକୁ ବାଧ୍ୟତାମୂଳକ କରାଯାଇ ପାରିନି, ଜିଲ୍ଲା ଶ୍ରମ ବିଭାଗ ଏଦିଗରେ ଆଖି ବୁଜି ଦେଇଛି ।



ଅନ୍ୟପକ୍ଷେ ଠିକାଦାରଙ୍କ ପକ୍ଷରୁ ମନମୁଖୀ କାର୍ଯ୍ୟ କରାଯାଉଥିବାର ଅଭିଯୋଗ ହେଉଛି। ସିମେଣ୍ଟ ଓ ବାଲି ଭାଗମାପରେ ତାଳମେଳ ରହୁନଥିବାବେଳେ ଦାୟିତ୍ୱରେ ଥିବା ଯନ୍ତ୍ରୀ ଜାଣିଶୁଣି ଚୁପ ରହୁଛନ୍ତି।କାର୍ଯ୍ୟର ଗୁଣାବତ୍ତା ଓ ବୈଧତା ସମ୍ପର୍କରେ ଯନ୍ତ୍ରୀଙ୍କୁ ପ୍ରଶ୍ନ କଲେ, ସବୁବେଳେ କଣ ଜଗିକି ବସିବୁ ବୋଲି ଉତ୍ତର ମିଳୁଛି।ଯାହାକି ମିଳିଭଗତରେ ସରକାରୀ ଅନୁଦାନକୁ ଚଲୁ କରିବାକୁ ଉଦ୍ୟମ ହେଉଛି।ଏ ନେଇ ପୂର୍ତ୍ତ ବିଭାଗର ଦାଇତ୍ୱହୀନତା ଓ ପାରିବା ପାଣିଆ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।ଅନ୍ୟପକ୍ଷେ ନିମ୍ନମାନର କାର୍ଯ୍ୟକରି ଠିକାଦାର ମାଲାମାଲ ହେବା ସହ ଟଙ୍କାରେ ସମସ୍ତଙ୍କ ମୁହଁ ଚୁପ ରହୁଥିବାର ଚର୍ଚ୍ଚା ହେଉଛି।କାର୍ଯ୍ୟର ବୈଧତା ପ୍ରତି ଭିଜିଲାନ୍ସ ସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ଲୋକ ଲୋଚନକୁ ଆସିବ ବୋଲି ମତ ପ୍ରକାଶ ପାଇଛି।ଏଥିପ୍ରତି ଜିଲ୍ଲାପାଳ ଓ ବିଭାଗୀୟ ମନ୍ତ୍ରୀ ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହେଉଛି।



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଭେଟିଛନ୍ତି ସେଣ୍ଟ୍ରାଲ କମାଣ୍ଡ ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଅନିନ୍ଦ୍ୟ ସେନଗୁପ୍ତ

# ସୁପର କମ୍ପ୍ୟୁଟର ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ କଲେ ମୋଦି



ନୂଆଦିଲ୍ଲୀ,୨୬।୯: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ଜରିଆରେ ପ୍ରାୟ ୧୩୦ କୋଟି ଟଙ୍କା ମୂଲ୍ୟର ତିନୋଟି ପରମ ରୁଦ୍ର ସୁପର କମ୍ପ୍ୟୁଟରକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଜାତୀୟ ସୁପରକମ୍ପ୍ୟୁଟିଂ ମିଶନ (ଏନଏସଏମ) ଅଧୀନରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଏହି ସୁପର କମ୍ପ୍ୟୁଟରକୁ ପୁଣେ, ଦିଲ୍ଲୀ ଏବଂ କୋଲକାତାରେ ସ୍ଥାପିତ କରାଯାଇ ବୈଜ୍ଞାନିକ ଗବେଷଣାର ସୁବିଧା ପାଇଁ ନିୟୋଜିତ କରାଯାଇଛି। ପ୍ରଧାନମନ୍ତ୍ରୀ ପାଣିପାଗ ଏବଂ ଜଳବାୟୁ ଗବେଷଣା ପାଇଁ ପ୍ରସ୍ତୁତ ଏକ ହାଇ ପରଫର୍ମାନ୍ସ କମ୍ପ୍ୟୁଟିଂ (ଏଚପିସି) ପ୍ରଣାଳୀର ଉଦଘାଟନ କରିଛନ୍ତି। ଏହି ଅବସରରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆଜି ଭାରତ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଏକ ମହାନ ସଫଳତା ହାସଲ କରିଛି। ଏହା ଗବେଷଣା ଓ ବିକାଶକୁ ପ୍ରାଥମିକତା ଦେଇ ଦେଶ କିଭଳି ପ୍ରଗତି ହାସଲ କରୁଛି ତାହାର ପ୍ରତିଫଳନ। "ଆଜିର ଭାରତ ସମ୍ଭାବନାର ଅସୀମ ଦିଗନ୍ତରେ ନୂତନ ସୁଯୋଗ ସୃଷ୍ଟି କରୁଛି", ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଭାରତର ବୈଜ୍ଞାନିକମାନଙ୍କ ଦ୍ୱାରା ତିନୋଟି ପରମ ରୁଦ୍ର ସୁପର କମ୍ପ୍ୟୁଟର ବିକାଶ ଏବଂ ଦିଲ୍ଲୀ, ପୁଣେ ଏବଂ କୋଲକାତାରେ ଏହାର ପ୍ରତିଷ୍ଠା ବିଷୟରେ ଉଲ୍ଲେଖ କରିବା ସହ ପାଣିପାଗ ଏବଂ ଜଳବାୟୁ ଗବେଷଣା ପାଇଁ ପ୍ରସ୍ତୁତ ଏକ ହାଇ-ପରଫର୍ମାନ୍ସ କମ୍ପ୍ୟୁଟିଂ (ଏଚପିସି) ପ୍ରଣାଳୀ 'ଅର୍କ' ଏବଂ 'ଅରୁଣିକା'ର ଉଦଘାଟନ ବିଷୟରେ ମଧ୍ୟ କହିଥିଲେ। ଏଥିପାଇଁ ସମଗ୍ର ବୈଜ୍ଞାନିକ ସମୁଦାୟ, ଇଞ୍ଜିନିୟର ଏବଂ ସମସ୍ତ ନାଗରିକଙ୍କୁ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି। ତୃତୀୟ ପାଳି ଆରମ୍ଭ ହେବାର ୧୦୦ ଦିନ ବ୍ୟତୀତ ଅତିରିକ୍ତ ୨୫ ଦିନ ଯୁବବର୍ଗଙ୍କୁ ସମର୍ପିତ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏଥିସହିତ ତିନୋଟି ପରମ ରୁଦ୍ର ସୁପର କମ୍ପ୍ୟୁଟରକୁ ଦେଶର ଯୁବବର୍ଗଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ଦେଶର ଯୁବ ବୈଜ୍ଞାନିକମାନଙ୍କ ପାଇଁ ଏଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ଉପଲବ୍ଧ କରାଇବା ଦିଗରେ ଏହି ସୁପର କମ୍ପ୍ୟୁଟରଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ଗୁରୁତ୍ୱାରୋପ କରିବା ସହ ପଦାର୍ଥ ବିଜ୍ଞାନ, ଭୂ-ବିଜ୍ଞାନ ଓ ବ୍ରହ୍ମାଣ୍ଡ ବିଜ୍ଞାନ କ୍ଷେତ୍ରରେ ଉନ୍ନତ ଗବେଷଣାରେ ଏହାର ବ୍ୟବହାର ଉପରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏଭଳି କ୍ଷେତ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଭବିଷ୍ୟତ ପାଇଁ ପରିକଳ୍ପନା କରିଥାଏ।

# ଗ୍ରାମାଞ୍ଚଳ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**କଟକ,୨୬।୯ (ସଂଚାର ବ୍ୟୁରୋ):** ଚଳିତ ବର୍ଷ କଟକ ଜିଲ୍ଲାରେ ଶାରଦୀୟ ଦୁର୍ଗାପୂଜା ଓ ଭସାଣୀ ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ନିମନ୍ତେ ଆଜି କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ କଟକ ଗ୍ରାମାଞ୍ଚଳ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିଧାୟକ ଶ୍ରୀ ଶାରଦା ପ୍ରସାଦ ପ୍ରଧାନ ବୈଠକରେ ଯୋଗଦେଇ ପ୍ରତ୍ୟେକ କ୍ଷେତ୍ରରେ ସତର୍କତାମୂଳକ ପଦକ୍ଷେପ ଅବଲମ୍ବନ ପୂର୍ବକ ସମସ୍ତଙ୍କ ସହଯୋଗରେ ଦୁର୍ଗାପୂଜା ପାଳନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଡିଜେ ଆମର ସଂସ୍କୃତି ନୁହେଁ, ଡିଜେ ବଦଳରେ ସ୍ଥାନୀୟ କଳାକାରମାନଙ୍କୁ ସେମାନଙ୍କ କଳା ପ୍ରଦର୍ଶନର ସୁଯୋଗ ଦେବାକୁ ପୂଜା କମିଟିର କର୍ମକର୍ତ୍ତାଙ୍କୁ ଜିଲ୍ଲାପାଳ ପ୍ରବର୍ତାଇଥିଲେ। ଛୋଟ ଛୋଟ ପିଲାଙ୍କୁ ରାସ୍ତାରେ ଥାଳି ଧରି ଚାନ୍ଦା ଆଦାୟ କାର୍ଯ୍ୟରେ ନିୟୋଜିତ ନ କରିବା, ମେଢର ଉଚ୍ଚତାକୁ ସିମୀତ ରଖିବା, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସମୟରେ ରାସ୍ତା ଅବରୋଧ ନକରିବା ଆଦି ବିଷୟ ଉପରେ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଆଜି ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହନ୍ତ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ସୁବାସ ଚନ୍ଦ୍ର ରାୟ, ଆଠଗଡ଼ ଉପଜିଲ୍ଲାପାଳ ଶ୍ରୀ ପ୍ରହଲ୍ଲାଦ ନାରାୟଣ ଶର୍ମା, ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ଥାନାର ଆଇଆଇସି, ତହସିଲଦାର ଓ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ କୃଷ୍ଣ ଚନ୍ଦ୍ର ପଟ୍ଟନାୟକ ପୋଲିସ୍ ପ୍ରଶାସନର ଏକ ମାର୍ଗଦର୍ଶିକା ଉପସ୍ଥାପନ କରିଥିବାବେଳେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଦେବଦତ ବରାଳ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶିବ ଟପୋ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଦାନ୍ତର 'ସ୍ୱର୍ଣ୍ଣ ପ୍ରାଶନ' ଅଭିଯାନ ଆରମ୍ଭ



**ଭବାନୀପାଟଣା,୨୬।୯ (ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାସ୍ଥିତ ମାଣିକେଶ୍ୱରୀ ହାଇସ୍କୁଲ ଓ ସରସ୍ୱତୀ ଶିଶୁ ମନ୍ଦିରରେ ଆୟୁଷ ମନ୍ତ୍ରଣାଳୟ ସହଯୋଗରେ 'ସ୍ୱର୍ଣ୍ଣ ପ୍ରାଶନ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି। ଏକ ପ୍ରାଚୀନ ଆୟୁର୍ବେଦିକ ଅଭ୍ୟାସ ସ୍ୱର୍ଣ୍ଣ ପ୍ରାଶନରେ ଶିଶୁମାନଙ୍କୁ ମହୁ ଏବଂ ଘିଅ ରେ ମିଶ୍ରିତ ସୁବର୍ଣ୍ଣ କଣିକା ଦିଆଯାଏ । ଏହି ମିଶ୍ରଣ ସ୍ମରଣଶକ୍ତି ବୃଦ୍ଧି, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଏବଂ ସାମଗ୍ରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ସହିତ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ପର୍ଯ୍ୟାୟରେ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବ ବୋଲି ବିଶ୍ୱାସ କରାଯାଏ ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସହକାରୀ ଚିକିତ୍ସାଧିକାରୀ (ଡିଏଏମ୍ଓ) ଡାକ୍ତର ଅଯୋଧ୍ୟାନାଥ ବେହେରା, କଳାହାଣ୍ଡି ଜିଲ୍ଲା ସହକାରୀ ଚିକିତ୍ସାଧିକାରୀ (ଏଏମ୍ଓ) ଡାକ୍ତର ଅକ୍ଷୟ କାଣ୍ଡ, ଡାକ୍ତର ଚନ୍ଦ୍ରଭାନୁ ଓ ଡାକ୍ତର ରାଜକୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ । ଓଡ଼ିଶା ସରକାର, ଆୟୁଷ ମନ୍ତ୍ରଣାଳୟର ସଚିବ ଓ ଅନ୍ୟାନ୍ୟ ସରକାରୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବେଦାନ୍ତ ଆଲୁମିନିୟମ କଳାହାଣ୍ଡି ଜିଲ୍ଲାରେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ଆଉ ଦୁଇଟି ଜିଲ୍ଲା ରାୟଗଡ଼ା ଓ କୋରାପୁଟକୁ ସହାୟତା ଯୋଗାଇଦେବାକୁ ଯୋଜନା କରିଛି। ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଓଡ଼ିଶା ସରକାର ଏବଂ ଆୟୁଷ ମନ୍ତ୍ରଣାଳୟ ସହ ଆମର ସହଯୋଗ ମାଧ୍ୟମରେ ଆମେ ଗୋଷ୍ଠିଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ପ୍ରଚଳିତ ସରକାରୀ ଯୋଜନାଗୁଡ଼ିକୁ ସମ୍ପ୍ରସାରଣ ଏବଂ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛୁ। 'ସ୍ୱର୍ଣ୍ଣ ପ୍ରାଶନ' କାର୍ଯ୍ୟକ୍ରମ ସାମୂହିକ ମୂଲ୍ୟବୋଧକୁ ସମ୍ମାନ ଦେବା ସହିତ ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ଆମର ସମର୍ପଣକୁ ପ୍ରତିଫଳିତ କରେ । ବେଦାନ୍ତ ଆଲୁମିନିୟମର ବକ୍ସାଇଟ୍ ମାଇନ୍ସର ସିଓଓ ନୀତିନ କୁମାର ତିୱାରୀ କହିଛନ୍ତି ଯେ ଓଡ଼ିଶା ସରକାର ଏବଂ ଆୟୁଷ ମନ୍ତ୍ରଣାଳୟ ସହ ଆମର ଭାଗିଦାରୀ ମାଧ୍ୟମରେ ଆମେ ୨୦୨୪ ସୁଦ୍ଧା କୋରାପୁଟ, କଳାହାଣ୍ଡି ଏବଂ ରାୟଗଡ଼ାରେ ଶିଶୁଠାରୁ ଆରମ୍ଭ କରି ୧୬ ବର୍ଷ ବୟସ ପର୍ଯ୍ୟନ୍ତ ୩୦,୦୦୦ ଶିଶୁଙ୍କୁ ଉପକୃତ କରିବା ପାଇଁ ସ୍ୱର୍ଣ୍ଣ ପ୍ରାଶନ କାର୍ଯ୍ୟକ୍ରମକୁ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛୁ ।

# ୨ଦିନ ମାଗଣା ଚିକିତ୍ସା ଓ ପରାମର୍ଶ ପ୍ରଦାନ




**ବ୍ରହ୍ମପୁର,୨୬।୯ (ସଂଚାର ବ୍ୟୁରୋ):** କର୍କଟ ରୋଗରେ ପୀଡ଼ିତ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ କରିବା ଲକ୍ଷ୍ୟ ନେଇ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ୍ (ଶୀତଳାପଲ୍ଲୀ କ୍ୟାମ୍ପସ) ଠାରେ ଆସନ୍ତା ସେପ୍ଟେମ୍ବର ୨୮ ତାରିଖରୁ ସପ୍ତାହରେ ଦୁଇ ଦିନ ମାଗଣା ଚିକିତ୍ସା ଓ ପରାମର୍ଶ ଶିବିର ଆୟୋଜନ କରାଯିବ। କର୍କଟ ବିଶେଷଜ୍ଞ ଏବଂ ସର୍ଜନମାନଙ୍କ ଠାରୁ ଏହି ଚିକିତ୍ସାର ସୁବିଧା ଉପଲବ୍ଧ ହୋଇପାରିବ ବୋଲି ହସ୍ପିଟାଲ୍ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତ୍ୟେକ ଶନିବାର ଓ ରବିବାର ଦୁଇ ଦିନ ଯଥାକ୍ରମେ ମେଡିକାଲ୍ ଓ ସର୍ଜିକାଲ୍ ଅଙ୍କୋଲୋଜି ଶିବିର ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଥିଲା ବେଳେ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ, ରୋଗ ନିରୂପଣ ଓ ଚିକିତ୍ସା ରୋଗୀମାନଙ୍କୁ ପ୍ରଦାନ କରାଯିବ। ଏହି ରୋଗର ଚିକିତ୍ସା ଓ ଅସ୍ତ୍ରୋପଚାର ସମ୍ବନ୍ଧୀୟ ସୁବିଧା ବିଷୟରେ ମଧ୍ୟ ପରାମର୍ଶ ଦିଆଯିବ। ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଶୀତଳାପଲ୍ଲୀ କ୍ୟାମ୍ପସ୍ ଦକ୍ଷିଣ ଓଡ଼ିଶାର ଜନସାଧାରଣଙ୍କୁ ଏହି ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବାର ସୁବିଧା ଉଠାଇବା ସହ ଉପଯୁକ୍ତ ସମୟରେ କର୍କଟ ରୋଗୀଙ୍କର ଚିକିତ୍ସା କରାଇବା ପାଇଁ ଆହ୍ୱାନ ଦେଇଛନ୍ତି। ଏହି ଚିକିତ୍ସାର ଲାଭ ଉଠାଇବା ପାଇଁ ରୋଗୀମାନେ ୯୧-୬୮୧୧୨୭୫୭୭୭ କିମ୍ବା ୯୧-୬୮୧୧୨୭୭୭୭୭ ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି ସମ୍ ହସ୍ପିଟାଲ୍ ଶୀତଳାପଲ୍ଲୀ କ୍ୟାମ୍ପସ୍‌ର ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ ସୂଚନା ଦେଇଛନ୍ତି।

# ଲକ୍ଷ୍ମୀ ନାରାୟଣଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ



**ଭୁବନେଶ୍ୱର,୨୬।୯ (ସଂଚାର ବ୍ୟୁରୋ):** ଭଦ୍ରକର ଅଦ୍ୱିତୀୟ ଛାତ୍ରନେତା, ଜନନେତା ତଥା ବିଶିଷ୍ଟ ସମାଜସେବୀ ଲକ୍ଷ୍ମୀ ନାରାୟଣ ମହାପାତ୍ରଙ୍କ ୭୨ ବର୍ଷ ବୟସରେ ପରଲୋକ ଘଟିଛି। ଜଣେ ସୁସଂଗଠକ ଓ ସମାଜସେବୀ ଭାବେ ସୁପରିଚିତ ସ୍ୱର୍ଗତଃ ମହାପାତ୍ର ଅତ୍ୟନ୍ତ ମେଳାପୀ ଥିଲେ। ସେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ପ୍ରାର୍ଥୀ ହୋଇ ଭଦ୍ରକ କଲେଜ ଏବଂ ବାଣୀବିହାର ଛାତ୍ରସଂସଦ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସ୍ୱର୍ଗତଃ ମହାପାତ୍ର ନିଜ ହାତରେ ଗଢିଥିବା ଅନେକ ନେତା ବର୍ତ୍ତମାନ ରାଜ୍ୟ ଓ ଦେଶରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅଛନ୍ତି। ସ୍ୱର୍ଗତଃ ମହାପାତ୍ରଙ୍କ ବିୟୋଗରେ ଓଡ଼ିଶା ବିଜେପି ତରଫରୁ ଶୋକ ପ୍ରକାଶ କରାଯାଇଅଛି। ସ୍ୱର୍ଗତଃ ମହାପାତ୍ରଙ୍କ ବିୟୋଗ ଆମ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି।

## ଟ୍ୱିନ୍ ସିଟି କ୍ରାଇମ୍

# ସାଇବର ଥାନାରେ ଗୀତ ଚୋରି ଅଭିଯୋଗ କଲେ ପମି

**ଭୁବନେଶ୍ୱର,୨୬।୯ (ସଂଚାର ବ୍ୟୁରୋ):** ଗୀତ ଚୋରି ଅଭିଯୋଗରେ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି କଣ୍ଠଶିଳ୍ପୀ ପମି ମିଶ୍ର। ତାଙ୍କର ୧୪ ବର୍ଷ ପୁରୁଣା ଗୀତ ଚୋରି ନେଇ ପ୍ରଯୋଜନା ସଂସ୍ଥା ନାଁରେ ସେ ଅଭିଯୋଗ କରିଛନ୍ତି। ସାଇ ସାଗର କ୍ରିଏସନ୍ ଓ ପବିତ୍ର ଏଣ୍ଟରଟେନମେଣ୍ଟ ନାଁରେ ଏହି ଅଭିଯୋଗ କରାଯାଇଛି। ପମିଙ୍କ ସୂଚନା ଅନୁଯାୟୀ, ତାଙ୍କ ଗୀତକୁ ନିଜର ବୋଲି ଦାବି କରି ପ୍ରଡ଼କ୍ସନ ହାଉସ ଭଲ ଟଙ୍କା ରୋଜଗାର କରିଛି। ସମ୍ପୃକ୍ତ ସଂସ୍ଥା ତାଙ୍କର ଏହି ଗୀତକୁ ସୋସିଆଲ ମିଡ଼ିଆରୁ ଡାଉନଲୋଡ଼ କରି ଏହାର ୟୁଟ୍ୟୁବ୍ ଚ୍ୟାନେଲରେ ଅପଲୋଡ଼ କରିଥିବା ଅଭିଯୋଗ କରି ସାଇ ସାଗର କ୍ରିଏସନ ଏବଂ ପବିତ୍ର ଏଣ୍ଟରଟେନମେଣ୍ଟ ବିରୋଧରେ ଏକ ଗୀତ ଚୋରି ମାମଲା ଦାୟର କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଏକ ଦମ୍ପତି କେବଳ ତାଙ୍କ ଗୀତ ଗାଇ ପାହାଁନ୍ତି ବରଂ ଏହି ଗୀତଟି ସେମାନଙ୍କର ବୋଲି ମଧ୍ୟ ଦାବି କରିଛନ୍ତି। ଘଟଣା ବିଷୟରେ ମୁଁ ଜାଣିଲି ଯେତେବେଳେ କିଛି ଶୁଭେଚ୍ଛୁ ମୋତେ ସାଇ ସାଗର କ୍ରିଏସନ୍‌ରୁ ମିଳିଥିବା ଭିଡ଼ିଓର ଲିଙ୍କ୍ ପଠାଇଥିଲେ। ସାଇ ସାଗର କ୍ରିଏସନ୍ ନିର୍ମାତା ପ୍ରସନ୍ନ ଉପାଧ୍ୟାୟଙ୍କ ପତ୍ନୀ ପ୍ରତୀଭା ଉପାଧ୍ୟାୟ ଛଦ୍ମନାମ ଦାସଙ୍କ ନାମରେ ଏହି ଭିଡ଼ିଓ ଅପଲୋଡ କରାଯାଇଛି ବୋଲି ସେମାନେ କହିଛନ୍ତି। ପମିଙ୍କର ଏହି ଗୀତଟି ନଭେମ୍ବର ୧୭. ୨୦୧୦ ମସିହାରେ ରେକର୍ଡ କରାଯାଇଥିଲା।

# ଭାଉଜସହ କୁକର୍ମ ; ଦିଅର ଗିରଫ

**ଭୁବନେଶ୍ୱର,୨୬।୯ (ସଂଚାର ବ୍ୟୁରୋ):** ଘରେ ଭାଇ ନଥିବା ସମୟରେ ଭାଉଜକୁ ବାରମ୍ବାର କୁକର୍ମ କରିଥିବା ଅଭିଯୋଗରେ ଅଭିଯୁକ୍ତ ସମ୍ପର୍କୀୟ ଦିଅରକୁ ଗିରଫ କଲା ତମାଣ୍ଡୋ ପୁଲିସ। ଗିରଫ ଅଭିଯୁକ୍ତ ହେଲା, ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଝଟକା ବେହେରା। ଏଠାରେ ସେ ତମାଣ୍ଡୋ ଅଞ୍ଚଳରେ ରହୁଥିବା ଗାଁର ସମ୍ପର୍କୀୟ ଭାଇ ଘରେ ରହି କାମ କରୁଥିଲା। ସୂଚନା ଯୋଗ୍ୟଯେ, ଅଭିଯୋଗକାରିଣୀ ଜଣଙ୍କ ନିଜ ପରିବାର ସହିତ ତମାଣ୍ଡୋ ଥାନା ଅଞ୍ଚଳରେ ରୁହନ୍ତି। ଐହି ସମୟରେ ଅଭିଯୁକ୍ତ ତଥା ଅଭିଯୋଗକାରିଣୀଙ୍କ ଗାଁର ସମ୍ପର୍କୀୟ ଭାଇ ଗତ ୨ ମାସ ତଳେ ତାଙ୍କ ତମାଣ୍ଡୋରେ ରହୁଥିବା ଭଡ଼ା ଘରକୁ ଆସି ରହୁଥିଲା। ଏଠି ରହିବା ସମୟରେ ଅଭିଯୁକ୍ତ ଅଭିଯୋଗକାରିଣୀଙ୍କ ଘନିଷ୍ଠ ହୋଇ ନିଜ ଜାଲରେ ଫସାଇ ତାଙ୍କ ସହିତ ବାରମ୍ବାର କୁକର୍ମ କରିଥିଲା। ଅଭିଯୋଗକାରିଣୀ ଏହାର ବିରୋଧ କରିବାରୁ ସେ, ତାଙ୍କ ସ୍ୱାମୀ ଓ ପୁଅକୁ ହତ୍ୟା କରିବାକୁ ଧମକ ଦେବା ସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିଲା ଓ ସମାଜରେ ତାଙ୍କ ନାମରେ ଅପପ୍ରଚାର କରି ସମ୍ମାନହାନୀ କରିବାର ଧମକ ଦେଇଥିଲା। ଏହି ଘଟଣାକୁ ନେଇ ଅଭିଯୋଗକାରିଣୀ ବାଧ୍ୟ ହୋଇ ତମାଣ୍ଡୋ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଗତକାଲି ପୁରୁଷୋତ୍ତମପୁର ଥାନା ପୁଲିସ ସହଯୋଗରେ ତମାଣ୍ଡୋ ପୁଲିସ ଟିମ ଅଭିଯୁକ୍ତକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି।

# ମୂକ ପ୍ରାଣୀମାନଙ୍କ ଚିକିତ୍ସା ଅଧିକ ଗୁରୁତ୍ୱପୂର୍ଣ୍ଣ

## ପ୍ରାଣୀଚିକିତ୍ସକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୨୬।୯ (ସଂଚାର ବ୍ୟୁରୋ):** ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗରେ କମିଯୁକ୍ତ ୮୨ ଶ ପ୍ରାଣୀ ବିପ୍ରଙ୍କ ପ୍ରାଥମିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନବନିଯୁକ୍ତ ପ୍ରାଣୀ ଚିକିତ୍ସକମାନେ ଯୋଗ୍ୟତା ତାଲିକା ଭିତିରେ ସେମାନଙ୍କ ପସନ୍ଦ ଅନୁଯାୟୀ ନିଜ ନିଜ ଚାକିରି ସ୍ଥାନ ବାଛିଥିଲେ । ଅପରାହ୍ଣରେ ମା ମତ୍ସ୍ୟ ଓ ପ୍ରାଣୀ ସଂଘର ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବଳାକ୍ଷୁଦ୍ର ପ୍ରାଣୀ କିପକମାନଙ୍କୁ ବିଗ୍‌ଦର୍ଶନ କ୍ରମେ କହିଥିଲେ ଯେ ଅବସ୍ଥାପନ ସଂପର୍କିତ ଧାରଣା ବାହାରେ ସେମାନେ ଯେକୌଣସି ସ୍ଥାନରେ ପ୍ରାଣୀ ସଂପଦ ବିକାଶ ଦିଗରେ କାର୍ଯ୍ୟ କରିବାର ହେଲେ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ। ପ୍ରାଣୀ ଚିକିତ୍ସକମାନେ ମୂକ ପ୍ରାଣୀ ମାନଙ୍କ ଚିକିତ୍ସା କରୁଥିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସେଣ୍ଡ୍‌ପାଇଁ ସେମାନଙ୍କୁ ଯଥେଷ୍ଟ ସଂବାଳ ହେବାକୁ ପଡ଼ିବ । ପ୍ରାଣୀଚିକିସରମାନଙ୍କୁ ଶ୍ରେଷ୍ଠ ବିକିପର ଆଖ୍ୟା ଦିଆଯାଏ କାରଣ ସେମାନେ ପ୍ରାଣୀମାନଙ୍କୁ ରୋଗ ସଂପର୍କିତ ପ୍ରଶ୍ନ ନପଚାରି ନିଦାନ ଓ ଚିକିତ୍ସା କରିଥାନ୍ତି । ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ କହିଥିଲେ ଯେ ପ୍ରାଣୀଚିକିସମାନେ ପୁଅମ ଗ୍ରୁପ୍-ଏ ଶ୍ରେଣୀରେ ନିଯୁକ୍ତି ପାଉଛନ୍ତି । ତେଣୁ ସେମାନଙ୍କର ବାୟିତ୍ୱ ବୃଦ୍ଧି ପାଇଛି ଏବଂ କର୍ତ୍ତବ୍ୟ ସଂପାଦନରେ ସେମାନେ ଯଥେଷ୍ଟ ଆନ୍ତରିକତା ଓ ନିଷ୍ଠା ପ୍ରଦର୍ଶନ କରିବା ଆବଶ୍ୟକ।

# ଜୁଆଆଡ୍ଡାରେ ଚଢ଼ାଉ ; ୫ ଗିରଫ

**ଭୁବନେଶ୍ୱର,୨୬।୯ (ସଂଚାର ବ୍ୟୁରୋ):**ଦୁର୍ଗାପୂଜା ପୂର୍ବରୁ ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ଆରମ୍ଭ ହୋଇଯାଇଛି ଜୁଆ ଖେଳ। ମାତିଲେଣି ଲୁଟେରା ଗ୍ୟାଙ୍ଗ୍। ନିଶା ବେପାରୀ ହେଲେଣି ପ୍ରସ୍ତୁତି। ସେହିଭଳି ଆଜି ନୟାପଲ୍ଲୀ ଥାନା ଅଧିନ ଆଇଆରସି ଭିଲେଜ୍ ଇସକନ୍ ମନ୍ଦିର ନିକଟ ଅରଚିଡ୍ ଭିଲ୍ଲାର ଏକ ଭଡ଼ା ଘରେ ଚାଲିଥିଲା ଜୁଆଆଡ୍ଡା। ଖବର ପାଇ ସନ୍ଧ୍ୟାରେ ରେଡ୍ କଲା ନୟାପଲ୍ଲୀ ଥାନା ସ୍ପେଶାଲ ଟିମ। ସୂଚନା ଯୋଗ୍ୟଯେ, ଗୁରୁବାର ସନ୍ଧ୍ୟା ୫ଟା ବେଳେ ନୟାପଲ୍ଲୀ ଆଇଆରସି ଭିଲେଜ ନିକଟ ଅରଚିଡ୍ ଭିଲ୍ଲାରେ ଥିବା ଏକ ଭଡ଼ା ଘରେ କିଛି ୟୁନିଟ୍-୧ ହାଟର କିଛି ବ୍ୟବସାୟୀ, କିଛି ଗଞ୍ଜାମର ଓ କିଛି କଟକର ବ୍ୟାବସାୟୀ ମାନେ ଜୁଆଆଡ୍ଡା ଚଳାଇଥିଲେ। ଏହି ଖେଳରେ ଖାଲି ୫୦୦ ଟଙ୍କିଆ ନୋଟରେ ଲାଗିଥିଲା ବାଜୀ। ଚଢ଼ାଉ ସମୟରେ ପୁଲିସ ଟିମ ୫ ଜଣଙ୍କୁ କାବୁ କରିବା ସହ ସେମାନଙ୍କ ଠାରୁ ନଗଦ ୨୦ ହଜାର ଟଙ୍କା, ୬ଟି ତାସ ପ୍ୟାକେଟ୍, ୮ଟି ମୋବାଇଲ ଜବତ କରାଯାଇଛି। ପରେ ସମସ୍ତଙ୍କୁ ଥାନାକୁ ଅଣାଯାଇ ପଚରା ଉଚରା କରାଯାଉଛି। ଶୁକ୍ରବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯିବ।



# ସୋଆରେ ୫୫ତମ ଏନ୍‌ଏସ୍‌ଏସ୍ ଦିବସ

**ଭୁବନେଶ୍ୱର,୨୬।୯ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ରେ ମଙ୍ଗଳବାର ଦିନ ୫୫ତମ ଏନ୍‌ଏସ୍‌ଏସ୍ ଦିବସ ପାଳିତ ହୋଇଯାଇଥିଲା ବେଳେ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ କ୍ଷେତ୍ରରେ ରାଷ୍ଟ୍ରୀୟ ସେବା ଯୋଜନାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏନ୍‌ଏସ୍‌ଏସ୍ କାର୍ଯ୍ୟଧାରାର ମହତ୍ୱ ବିଷୟରେ ଗୁରୁତ୍ୱାରୋପ କରିଥିଲେ। ସୋଆ ଏନ୍‌ଏସ୍‌ଏସ୍ ସଂଯୋଜକ ପ୍ରଫେସର ନଚିକେତା କେ. ଶର୍ମା କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ବିଶ୍ୱବିଦ୍ୟାଳୟର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

# 'ସ୍ୱଚ୍ଛ ଖାଦ୍ୟ' ସୁନିଶ୍ଚିତ କରିବା ପାଇଁ ଖୋର୍ଦ୍ଧା ରୋଡ ମଣ୍ଡଳ ଦ୍ୱାରା ସ୍ୱତନ୍ତ୍ର ଅଭିଯାନ



**ଭୁବନେଶ୍ୱର,୨୬।୯ (ସଂଚାର ବ୍ୟୁରୋ):** ଭାରତୀୟ ରେଳ ଦ୍ୱାରା ୧୪ ସେପ୍ଟେମ୍ବରରୁ ୧ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ "ସ୍ୱଚ୍ଛତା ହିଁ ସେବା" ଅଭିଯାନ ପାଳନ କରାଯାଉଛି। ରେଳ ଷ୍ଟେସନ, ଟ୍ରେନ୍, ରେଳବାଇ ଆବାସିକ କଲୋନୀ ଏବଂ ଉତ୍ପାଦନ ୟୁନିଟ୍ ଇତ୍ୟାଦିରେ ସ୍ୱଚ୍ଛତା ଉପରେ ସ୍ୱେଚ୍ଛାସେବୀ ତଥା ସାମୂହିକ କାର୍ଯ୍ୟାନୁଷ୍ଠାନକୁ ମଜବୁତ କରିବା ପାଇଁ ନିଆଯାଇଥିବା ଏକ ସ୍ୱତନ୍ତ୍ର ପଦକ୍ଷେପ। ଚାଲିଥିବା "ସ୍ୱଚ୍ଛତା ହିଁ ସେବା" ଅଭିଯାନର ଏକ ଅଂଶ ଭାବରେ ଖୋର୍ଦ୍ଧା ରୋଡ଼ ମଣ୍ଡଳ ଦ୍ୱାରା ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା ରୋଡ଼ ଏବଂ ବ୍ରହ୍ମପୁର ରେଳ ଷ୍ଟେସନରେ, ଯାତ୍ରୀମାନଙ୍କୁ ସ୍ୱଚ୍ଛ ଖାଦ୍ୟ ସୁନିଶ୍ଚିତ କରିବା ପାଇଁ, ଏକ ସ୍ୱତନ୍ତ୍ର ଡ୍ରାଇଭ କରାଯାଇଛି। କ୍ୟାଟରିଂ ଷ୍ଟଲଗୁଡିକରେ କେବଳ ପ୍ରମାଣିତ ଖାଦ୍ୟ ପଦାର୍ଥ ବିକ୍ରି ହେଉଛି କି ନାହିଁ ଯାଞ୍ଚ କରାଯାଇଥିଲା। ଖାଦ୍ୟର ଶୁଦ୍ଧତା ଏବଂ ଗୁଣ ଜାଣିବା ପାଇଁ, ଫୁଡ୍ ପ୍ଲାଜା, ଜନ ଆହାର କେନ୍ଦ୍ର, କ୍ୟାଟରିଂ ବିକ୍ରେତା ଦ୍ୱାରା ବିକ୍ରି ହେଉଥିବା ଖାଦ୍ୟର ନମୁନା ଯାଞ୍ଚ କରାଯାଇଥିଲା। ଟ୍ରେନରେ ଖାଦ୍ୟ ପ୍ରସ୍ତୁତି ବେଳେ ସଠିକ୍ ସ୍ୱଚ୍ଛତା ରକ୍ଷଣାବେକ୍ଷଣ କରାଯାଉଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ଟ୍ରେନର ପ୍ୟାଣ୍ଟ୍ରି କାରଗୁଡିକ ଯାଞ୍ଚ କରାଯାଇଥିଲା। ପ୍ୟାଣ୍ଟ୍ରି କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ମେଡିକାଲ ଫିଟନେସ୍ ସାର୍ଟିଫିକେଟ୍ ଏବଂ ଶାରୀରିକ ପରିଷ୍କାରତା ନିଶ୍ଚିତ କରାଯାଇଥିଲା। ଯାତ୍ରୀମାନଙ୍କୁ ସେବା ଯୋଗାଉଥିବାବେଳେ ସମସ୍ତ ପରିଷ୍କାର ପରିଚ୍ଛନ୍ନତା ଗ୍ରହଣ କରିବାକୁ ପାନ୍ଟ୍ରି କର୍ମଚାରୀ ଏବଂ ଲାଇସେନ୍ସପ୍ରାପ୍ତ ବିକ୍ରେତାମାନଙ୍କୁ ପରାମର୍ଶ ଦିଆଯାଇଥିଲା।

# ଦୁଗ୍ଧ ଚାହିଦା-ଅଣ୍ଟୁନି ଉତ୍ପାଦନ



**ଭୁବନେଶ୍ୱର, ୨୬।୯** ଆମ ରାଜ୍ୟରେ ଦୈନିକ ଯେତିକି ପରିମାଣର ଦୁଗ୍ଧ ଆବଶ୍ୟକ ତାହାର ଅଧା ବି ଉତ୍ପାଦନ ହେଉନାହିଁ। ଫଳରେ ନକଲି ଦୁଗ୍ଧ ପ୍ରସ୍ତୁତକାରୀମାନେ ସେମାନଙ୍କର କାୟାବିସ୍ତାର କରିବାରେ ଲାଗିଛନ୍ତି ଓ ଲୋକେ ସହଜରେ ସେମାନଙ୍କ ଜାଲରେ ପଡୁଛନ୍ତି।

ଆଇସିଏମ୍ଆରର ଆକଳନ ଅନୁଯାୟୀ ମୁଣ୍ଡପିଛା ଦୈନିକ ୩୦୦ ଗ୍ରାମ ଦୁଗ୍ଧ ହିସାବରେ ରାଜ୍ୟରେ ଦୈନିକ ୧୪.୬୭ ହଜାର ମେଟ୍ରିକ ଟନ୍ ଦୁଗ୍ଧ ଆବଶ୍ୟକ। ହେଲେ ଉତ୍ପାଦନ ହେଉଛି ମାତ୍ର ୬.୭୯ ହଜାର ମେଟ୍ରିକ ଟନ୍। ଅଧାରୁ କମ୍ ଦୁଗ୍ଧ ଉତ୍ପାଦନ ହେଉଥିବାରୁ ଚାହିଦା ମେଣ୍ଟାଇବାପାଇଁ ଓଡ଼ିଶାକୁ ଦୁଗ୍ଧ ସମେତ ଅନ୍ୟାନ୍ୟ ଦୁଗ୍ଧଜାତ ସାମଗ୍ରୀ ଅନ୍ୟାନ୍ୟ ରାଜ୍ୟରୁ ଆମଦାନୀ କରିବାକୁ ପଡୁଛି। ଏହା ଫଳରେ ଗୁଜୁରାଟର ଅମୁଲ ଭଳି ସଂସ୍ଥା ଓଡ଼ିଶାରେ ସେମାନଙ୍କର ବ୍ୟବସାୟ ବଢ଼ାଇବାରେ ଲାଗିଛନ୍ତି। ସେହିଭଳି କମ୍ ପରିମାଣରେ ଦୁଗ୍ଧ ଉତ୍ପାଦନ ଯୋଗୁଁ ବଜାରରେ ଏବେ ନକଲି ଦୁଗ୍ଧ ସହିତ ଅନ୍ୟାନ୍ୟ ଦୁଗ୍ଧଜାତ ଦ୍ରବ୍ୟର ବ୍ୟାପକାର କାରବାର ହେଉଛି। ଅବସ୍ଥା ଏଭଳି ହେଲାଣି ଅପମିଶ୍ରଣକାରୀମାନେ ନିଜର ସ୍ୱତନ୍ତ୍ର ବ୍ରାଣ୍ଡ୍ ତିଆରି କରି ସେହି ନାମରେ ବଜାରକୁ ଦୁଗ୍ଧ ଓ ଅନ୍ୟାନ୍ୟ ଦୁଗ୍ଧଜାତ ସାମଗ୍ରୀ ଛାଡ଼ିବାରେ ଲାଗିଛନ୍ତି। ତିରୁପତି ମନ୍ଦିରରେ ଘିଅର ଅପମିଶ୍ରଣ କଥା ପଦାକୁ ଆସିବାପରେ ଓଡ଼ିଶାରେ ଏବେ ଶୁଦ୍ଧ ଘିଅ କାରବାରକୁ ନେଇ ପ୍ରଶ୍ନ ଉଠିଲାଣି। ଏପରିକି ଶ୍ରୀମନ୍ଦିର ସମେତ ଅନ୍ୟାନ୍ୟ ଦେବାଳୟରେ ଖାଦ୍ୟ ପ୍ରସ୍ତୁତି ସହ ଦୀପରେ ବ୍ୟବହୃତ ହେଉଥିବା ଘିଅର ମାନ ଯାଞ୍ଚ ପାଇଁ ସବୁ ସ୍ତରରୁ ଦାବି ହେବାରେ ଲାଗିଛି। ଯେହେତୁ ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ କମ୍ ରହୁଛି ତେଣୁ ଲୋକଙ୍କର ଘିଅ ଚାହିଦା ପୂରଣ କରାଯାଇ ପାରୁନାହିଁ। ଏପରିକି ଓଡ଼ିଶାରେ ଦୁଗ୍ଧ କାରବାର କରୁଥିବା ଏକମାତ୍ର ସରକାରୀ ସଂସ୍ଥା ଓମ୍‌ଫେଡ୍ ମଧ୍ୟ ଘିଅର ଚାହିଦା ମେଣ୍ଟାଇବାପାଇଁ ଅନ୍ୟ ଉପରେ ନିର୍ଭରଶୀଳ ହେଉଛି ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଥିବାବେଳେ ଦୁଗ୍ଧ ଉତ୍ପାଦନ ଯେଭଳି ବୃଦ୍ଧି ପାଇବାକଥା ତାହା ହୋଇପାରୁନାହିଁ। ୨୦୧୪ ମସିହାରେ ରାଜ୍ୟରେ ୧୯୦୨ ହଜାର ମେଟ୍ରିକ ଟନ୍ ଦୁଗ୍ଧ ଉତ୍ପାଦନ ହୋଇଥିବାବେଳେ ୨୦୨୩-୨୪ ବର୍ଷରେ ତାହା ୨୬୫୩ ହଜାର ମେଟ୍ରିକ ଟନ୍‌ରେ ପହଞ୍ଚିଛି। ବୃଦ୍ଧି ପାଉଥିବା ଏହି ଦୁଗ୍ଧ ଉତ୍ପାଦନ ବି ରାଜ୍ୟର ଚାହିଦା ମେଣ୍ଟାଇବାପାଇଁ ଯଥେଷ୍ଟ ହେଉନାହିଁ। ତେବେ ରାଜ୍ୟ ସରକାର ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ କୃତ୍ରିମ ପ୍ରଜନନ, ଲିଙ୍ଗ ନିରୂପିତ କୃତ୍ରିକ ପ୍ରଜନନ, ସବୁଜ ଘାସ ଚାଷ, ରୋଗ ନିରାକରଣ ଓ ପ୍ରାଣୀ ଚିକିତ୍ସା ସେବା, ମଇଁଷି ପାଳନ ପାଇଁ ରିହାତି ପ୍ରଦାନ ଆଦି କାର୍ଯ୍ୟକାରୀ କରୁଛନ୍ତି। ତେବେ ରାଜ୍ୟରେ ଉନ୍ନତ ପ୍ରଜାତିର ଗୋବଂଶ ବୃଦ୍ଧି ନହେବା ଏବଂ ଗୋପାଳନ ପାଇଁ ଆବଶ୍ୟକ ଗୋଖାଦ୍ୟର ଅହେତୁକ ମୂଲ୍ୟବୃଦ୍ଧି ଯୋଗୁଁ ଦୁଗ୍ଧଚାଷୀମାନେ ଏହି ବେଉସାରୁ ମୁହଁ ଫେରାଉଛନ୍ତି। ଏହାର ଫାଇଦା ନେଇ ରାଜ୍ୟ ବାହାରର ଦୁଗ୍ଧ ଓ ଦୁଗ୍ଧଜାତ ବ୍ୟବସାୟୀମାନେ ଓଡ଼ିଶା ବଜାରକୁ ଦଖଲ କରୁଥିବାବେଳେ ଅପମିଶ୍ରଣକାରୀ ଓ କଳାବଜାରୀମାନେ ମଧ୍ୟ ବଜାରକୁ ନକଲି କ୍ଷୀର ସହିତ ଘିଅ ଓ ଛେନା ଆଦି ବଜାରକୁ ଛାଡିବାର ସୁଯୋଗ ପାଉଛନ୍ତି। (ତଥ୍ୟ)

# ପ୍ରତିବାଦରେ କର୍ମଚାରୀଙ୍କ ଆନ୍ଦୋଳନ



**ନୂଆପଡା,୨୬।୯ (ସଂଚାର ବ୍ୟୁରୋ):** ସିନାପାଲି ବ୍ଲକ ମିଶନଶକ୍ତି ଅଧୀନରେ କାର୍ଯ୍ୟରତ କର୍ମୀ ମାନଙ୍କୁ ଆଜକୁ ଛଅ ମାସ ହେଲା ପାରିଶ୍ରମିକ ମିଳିନଥିବା ଜଣାପଡିଛି। ଏନେଇ ମିଶନ ଶକ୍ତି ରେ କାର୍ଯ୍ୟରତ ପାଞ୍ଚ ଗୋଟି କମ୍ୟୁନିଟି ସପୋର୍ଟ ଷ୍ଟାଫ ଏମବିକେ , ବ୍ୟାଙ୍କ ମିତ୍ର,ସିଆରପି,କୃଷିମିତ୍ର, ପ୍ରାଣୀମିତ୍ର ପ୍ରମୁଖ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୃଣମୂଳ ସ୍ତରରୁ ସକ୍ରିୟ ଭାବେ ନିୟମିତ କାର୍ଯ୍ୟ ତୁଲାଉ ଆସୁଥିବା ବେଳେ ଆଜକୁ ଛଅମାସ ହେଲା ସେମାନେ ପାରିଶ୍ରମିକ ପାଇନାହାନ୍ତି। ଯାହାଦ୍ୱାରା ସେମାନଙ୍କ ଜୀବନ ଜୀବିକରେ ବହୁ ଅସୁବିଧା ପରିଲକ୍ଷିତ ହେଉଥିବା ପ୍ରକାଶ କରିଛନ୍ତି। ବାରମ୍ବାର ଏନେଇ ବିଭାଗୀୟ ଅଧିକାରୀ ତଥା ମନ୍ତ୍ରୀ ମହୋଦୟାଙ୍କୁ ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ କୌଣସି ସୁଫଳ ମିଳି ନଥିବା ପ୍ରକାଶ କରିଛନ୍ତି। ଏଣୁ ଚଳିତ ମାସ ୨୫ ତାରିଖ ଦିନ ଠାରୁ ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ନିଷ୍ପତ୍ତି ନିଆଯାଇଛି। ଏନେଇ ସିନାପାଲି ବିଡ଼ିଓ ଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ତତ୍ସହିତ ଓଏଲଏମ ବିପିଏମ,ବିପିସି, ସିଡ଼ିପିଓ, ଜିଲ୍ଲାପାଳ ନୂଆପଡା,ପିଡ଼ି , ଡିପିଏମ, ଡିପିସି ଓଏଲଏମ ,ସିଇଓ ମିଶନ ଶକ୍ତି, ମିଶନ ଶକ୍ତି କମିଶନର, ବିଭାଗୀୟ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇଥିବା ଜଣାପଡିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଗ୍ରାମ ପଞ୍ଚାୟତ ସ୍ତରୀୟ ମହାସଂଘ ର ସିନାପାଲି ବ୍ଲକ ସଭାନେତ୍ରୀ ବୀଣାପାଣି ବାରିକ ଓ ସମ୍ପାଦିକା ଖୀରମତି ରାଉତଙ୍କ ସମେତ ସିନାପାଲି ବ୍ଲକ ଅନ୍ତର୍ଗତ ୨୭ ଗୋଟି ଗ୍ରାମ ପଞ୍ଚାୟତ ର ସମସ୍ତ ଏମବିକେ,ସିଆରପି,ବ୍ୟାଙ୍କ ମିତ୍ର,ପ୍ରାଣୀମିତ୍ର,କୃଷିମିତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଜୀବନ ଅମୃତ ଅନୁଚିନ୍ତା

ଶ୍ରୀପଦ-ହେ ପ୍ରଭୁ! ବିଶ୍ୱର ସମସ୍ତ ଧର୍ମଗ୍ରନ୍ଥ, ଏପରିକି ତୁମ ଶ୍ରୀମୁଖ ନିଃସୃତ ଅଦ୍ୱିତୀୟ ଧର୍ମଗ୍ରନ୍ଥ ଗୀତା ବି ତୁମ ଶ୍ରୀପଦର ବର୍ଣ୍ଣନା କରିବାକୁ ଅସମର୍ଥ। ଏପରିକି ଆପଣ ପରମ ବ୍ରହ୍ମ ହୋଇ ବି ନିଜେ ନିଜ ଶ୍ରୀପଦର ଅସୀମ ଶକ୍ତିର ଆକଳନ କରିବାକୁ ଅସମର୍ଥ।

SANCHAR
ସଂଚାର
୪
ଶୁକ୍ରବାର ୨୭ ସେପ୍ଟେମ୍ବର ୨୦୨୪, ଭୁବନେଶ୍ୱର
Friday 27 September 2024 Bhubaneswar

# ଇସ୍ରାଏଲର ପ୍ରତିଶୋଧ

ୟୁକ୍ରେନ ଓ ରଷିଆ ମଧ୍ୟରେ ଯୁଦ୍ଧକୁ ଅଢ଼େଇ ବର୍ଷ ବିତିଗଲାଣି। ଏବେ ବି ଯୁଦ୍ଧ ଲାଗିଛି। ତେବେ ଉଭୟ ପକ୍ଷ ଏବେ ଯୁଦ୍ଧର ଅବସାନ ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ଏଥିଲାଗି ଶୀଘ୍ର ଶାନ୍ତି ଆଲୋଚନା ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଶନ୍ତି ଆଲୋଚନା ଲାଗି ଭାରତର ମଧ୍ୟସ୍ଥତା ନିମନ୍ତେ ଉଭୟ ରଷିଆ ଏବଂ ୟୁକ୍ରେନ ଆଗ୍ରହ ପ୍ରକାଶ କରିଛନ୍ତି। କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରଷିଆ ଓ ପରେ ପରେ ୟୁକ୍ରେନ ଗସ୍ତରେ ଯିବା ବେଳେ ଉଭୟ ପୁଟିନ ଏବଂ ଜେଲେନସ୍କି ମଧ୍ୟସ୍ଥତା ଲାଗି ମୋଦିଙ୍କୁ ଅନୁରୋଧ କରିଥିଲେ। ଏହାକୁ ମୋଦିଜୀ ଗୁରୁତ୍ୱ ଦେଇଛନ୍ତି। ପୁଟିନ କହିଥିଲେ ଯେ, ରଷିଆ ସବୁବେଳେ ଶାନ୍ତି ଆଲୋଚନା ଲାଗି ପ୍ରସ୍ତୁତ। ଏଥିଲାଗି ଭାରତ, ବ୍ରାଜିଲ ଏବଂ ଚୀନ ମଧ୍ୟସ୍ଥତା କରିବାକୁ ଯୋଗ୍ୟ। କିନ୍ତୁ ଚୀନ ଓ ବ୍ରାଜିଲ ଏଥିଲାଗି ଆଗ୍ରହ ପ୍ରକାଶ କରିନାହାଁନ୍ତି। କେବଳ ଭାରତ ହିଁ ଏଥିଲାଗି ପ୍ରସ୍ତୁତ। ଆଶା କରାଯାଉଛି ରଷିଆ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧର ଶୀଘ୍ର ପରିସମାପ୍ତି ହେବ। କିନ୍ତୁ ଏହି ଯୁଦ୍ଧ ଅବସାନ ହେଲେ ମଧ୍ୟ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସମ୍ଭାବନା କ୍ଷୀଣ। କାରଣ ମଧ୍ୟପ୍ରାଚ୍ୟରେ ଦିନକୁ ଦିନ ପରିସ୍ଥିତି ଜଟିଳ ହେଉଛି। ଗତ ବର୍ଷ ଅକ୍ଟୋବରରେ ହମାସ ଇସ୍ରାଏଲ ଉପରେ ଆକ୍ରମଣ କରି ଅନେକ ନିରୀହ ବ୍ୟକ୍ତିଙ୍କୁ ହତ୍ୟା କରିବା ସହ ଅନେକଙ୍କୁ ପଣବନ୍ଦୀ କରିଥିଲା। ଏହାପରେ ଇସ୍ରାଏଲ ହମାସର ମୁଖ୍ୟ କେନ୍ଦ୍ର ପାଲେଷ୍ଟାଇନର ଗାଜାଷ୍ଟ୍ରିପ ଉପରେ ଆକ୍ରମଣ କରିଥିଲା। ଏବେ ବି ହମାସ ବିରୋଧରେ ଇସ୍ରାଏଲର ଆକ୍ରମଣ ଜାରି ରହିଛି। ଏଥିରେ ଗାଜା ଷ୍ଟ୍ରିପ ସମ୍ପୂର୍ଣ୍ଣର୍ ଧ୍ୱଂସସ୍ତୁପରେ ପରିଣତ ହୋଇଛି। ୧୦ ହଜାରରୁ ଅଧିକ ବ୍ୟକ୍ତି ପ୍ରାଣ ହରାଇଲେଣି। କିନ୍ତୁ ହମାସ ଏବେ ବି ଅନେକ ପଣବନ୍ଦୀଙ୍କୁ ନିଜ ଅକ୍ତିଆରରେ ରଖିଛି। ସବୁ ପଣବନ୍ଦୀ ମୁକ୍ତ ନହେବା ପର୍ଯ୍ୟନ୍ତ ଇସ୍ରାଏଲ ଆକ୍ରମଣ ବନ୍ଦ କରିବ ନାହିଁ ବୋଲି ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି। ତେବେ ପରିସ୍ଥିତି ଅଧିକ ଜଟିଳ ହୋଇଛି ଏଥିପାଇଁ ଯେ, ହମାସକୁ ଅନେକ ମୁସଲିମ ରାଷ୍ଟ୍ର ଏବଂ ସଙ୍ଗଠନର ସମର୍ଥନ ଯୋଗୁଁ। ଇସ୍ରାଏଲକୁ ଅଧିକାଂଶ ମୁସଲିମ ରାଷ୍ଟ୍ର ବିରୋଧ କରନ୍ତି। କିନ୍ତୁ ଇରାନ ଏବଂ ଲେବାନନ ଏବେ ହମାସ ସପକ୍ଷରେ ବାହାରିଛନ୍ତି। ସେମାନେ ସିଧାସଳଖ ଇସ୍ରାଏଲ ବିରୋଧରେ ସ୍ୱର ଉତ୍ତୋଳନ କରିବା ସହିତ ହମାସକୁ ସମର୍ଥନ ଏବଂ ସବୁ ପ୍ରକାର ସହାୟତା କରୁଛନ୍ତି। ଲେବାନନର ମୌଳବାଦୀ ସଙ୍ଗଠନ ହିଜବୁଲ୍ଲା ଏଥିଲାଗି ଇସ୍ରାଏଲ ବିରୋଧରେ ଅସ୍ତ୍ର ଉଠାଇଛି। ହମାସ ବିରୋଧରେ ଇସ୍ରାଏଲର ଆକ୍ରମଣ ଆରମ୍ଭରୁ ହିଜବୁଲ୍ଲା ଇସ୍ରାଏଲକୁ ଟାର୍ଗେଟ କରିଆସୁଛି। ଇସ୍ରାଏଲ ଉପରେ ହିଜୁବଲ୍ଲା ପକ୍ଷରୁ ରକେଟ ମାଡ଼ କରିଆସୁଛି। ଏହାର ଜବାବରେ ଇସ୍ରାଏଲ ଏବେ ଲେବାନନ ଉପରେ ପ୍ରବଳ ରକେଟ ମାଡ଼ କରୁଛି। ଗତ ତିନିଦିନ ମଧ୍ୟରେ ଇସ୍ରାଏଲର ରକେଟ ମାଡ଼ରେ ଲେବାନନର ୬୦୦ରୁ ଅଧିକ ପ୍ରାଣ ହରାଇଲେଣି। ସେମାନଙ୍କ ମଧ୍ୟରୁ ଅନେକ ମହିଳା ଏବଂ ଶିଶୁ ଅଛନ୍ତି। ଏବେ ଇସ୍ରାଏଲ ସେନା ଲେବାନନ ଉପରେ ସ୍ଥଳଭାଗରେ ପଶିବାକୁ ଯୋଜନା କରିଛି। ଇସ୍ରାଏଲର ରିଜର୍ଭ ଫୋର୍ସକୁ ପ୍ରସ୍ତୁତ ରହିବାକୁ ଇସ୍ରାଏଲ ସେନା ମୁଖ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହା ଫଳରେ ମଧ୍ୟପ୍ରାଚ୍ୟରେ ଏବେ ଆଉ ଖଣ୍ଡଯୁଦ୍ଧ ନୁହେଁ, ପୁରା ବିଧିବଦ୍ଧ ଯୁଦ୍ଧ ଆରମ୍ଭ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଯଦି ଲେବାନନ ଉପରେ ଇସ୍ରାଏଲ ସ୍ଥଳ ଭାଗରେ ଆକ୍ରମଣ କରେ ଏବଂ ଲେବାନନରେ ଇସ୍ରାଏଲ ସେନା ପ୍ରବେଶ କରେ ତେବେ ଯୁଦ୍ଧ ପରିସ୍ଥିତି ଜଟିଳ ହେବ ଏବଂ ଏହା ସମ୍ପ୍ରସାରିତ ହେବ। ଅର୍ଥାତ ଇରାନ ଏବଂ ସିରିଆ ଯୁଦ୍ଧରେ ହିଜବୁଲ୍ଲା ସହ ସାମିଲ ହୋଇପାରନ୍ତି। ଏଥିନେଇ ଉଭୟ ଆମେରିକା ଏବଂ ରଷିଆ ଉଦବେଗ ପ୍ରକାଶ କରିଛନ୍ତି। ୟୁକ୍ରେନ ଓ ରଷିଆ ମଧ୍ୟରେ ଯୁଦ୍ଧର ଅବସାନ ଲାଗି ଉଦ୍ୟମ ହେଉଥିବା ବେଳେ ମଧ୍ୟପ୍ରାଚ୍ୟ ପରିସ୍ଥିତି ଦିନକୁ ଦିନ ଜଟିଳ ହେଉଛି। ଏହା ସାରା ବିଶ୍ୱକୁ ପ୍ରଭାବିତ କରିବ। ଏହା ଦ୍ୱାରା ଅଏଲ ଏବଂ ଅନ୍ୟ ଅତ୍ୟଶବଶ୍ୟକ ସାମଗ୍ରୀର ସପ୍ଲାଇ ଚେନ ପ୍ରଭାବିତ ହୋଇପାରେ। ଫଳରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇବ। କାରଣ ମଧ୍ୟପ୍ରାଚ୍ୟ ହେଉଛି ଅଏଲ ପ୍ରଡକ୍ସନର ମୁଖ୍ୟ କେନ୍ଦ୍ର। ଇରାନ ଓ ଇରାକ ହେଉଛନ୍ତି ଇସ୍ରାଏଲ ବିରୋଧୀ। ସେମାନେ ଲେବାନନକୁ ସହାୟତା ପ୍ରତିବଦଳରେ ତେଲ ଦର ବଢ଼ାଇପାରନ୍ତି। ତେଣୁ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ତୁରନ୍ତ ବନ୍ଦ ହେବା ଉଚିତ। ଏଥିରେ ଆମେରିକାର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଇସ୍ରାଏଲକୁ ଆମେରିକା ସାମରିକ ସହାୟତା ଏବେ ବନ୍ଦ କରିବା ଉଚିତ। ଅବଶ୍ୟ ସାମରିକ ଶକ୍ତିରେ ଇସ୍ରାଏଲ ଆତ୍ମନିର୍ଭରଶୀଳ। ଆମେରିକା ସହାୟତା ବନ୍ଦ କଲେ ମଧ୍ୟ ଇସ୍ରାଏଲ ଦୀର୍ଘ ଦିନ ପର୍ଯ୍ୟନ୍ତ ଯୁଦ୍ଧ ଚଳାଇପାରେ। ଟେକ୍ନୋଲୋଜିରେ ଇସ୍ରାଏଲ ବିଶ୍ୱର ଏକ ଅଗ୍ରଣୀ ରାଷ୍ଟ୍ର। ଏହାର ଚାରିପଟେ ମୁସଲିମ ରାଷ୍ଟ୍ର ଅଛନ୍ତି। ସେମାନଙ୍କ ମୁକାବିଲା ନିମନ୍ତେ ଇସ୍ରାଏଲ ବହୁ ବର୍ଷ ହେବ ନିୟମିତ ପ୍ରସ୍ତୁତି ଚଳାଇ ଆସିଛି। ଏହା ନିକଟରେ ଅତ୍ୟାଧୁନୀକ କ୍ଷେପଣାସ୍ତ୍ର, ଯୁଦ୍ଧ ବିମାନ ଏବଂ ସ୍ଥଳଭାଗରେ ଆକ୍ରମଣ ପାଇଁ ଅସ୍ତ୍ରଶସ୍ତ୍ର ରହିଛି। ତେଣୁ ଏହା ଏକାକି ନିଜ ଶତ୍ରୁ ପକ୍ଷର ମୁକାବିଲା ନିମନ୍ତେ ସକ୍ଷମ। କିନ୍ତୁ ଯୁଦ୍ଧ ରୋକିବା ଲାଗି ଇସ୍ରାଏଲ ଉପରେ କୂଟନୈତିକ ଚାପ ପ୍ରୟୋଗ କରାଯାଇପାରେ। କେବଳ ଆମେରିକା ଓ ରଷିଆ ଏଥିଲାଗି ସକ୍ଷମ। ଇସ୍ରାଏଲକୁ ଯୁଦ୍ଧରୁ ବିରତ ରଖିବାକୁ ହେଲେ ପ୍ରଥମେ ରଷିଆ ୟୁକ୍ରେନ ଉପରେ ଆକ୍ରମଣ ବନ୍ଦ କରିବାକୁ ପଡ଼ିବ। ଏହାପରେ ରଷିଆ ଇସ୍ରାଏଲ ଏବଂ ଲେବାନନକୁ ଶାନ୍ତି ପ୍ରତିଷ୍ଠା ନିମନ୍ତେ ନିବେଦନ କଲେ ତାହା ଗ୍ରହଣୀୟ ଏବଂ ସ୍ୱାଗତଯୋଗ୍ୟ ହେବ। ଯଦି ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଅଧିକ ଦିନ ଲାଗି ରହେ ତେବେ ଏହା ବିଶ୍ୱଯୁଦ୍ଧରେ ପରିଣତ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଏଥିରେ ଭାରତର ଭୂମିକା ମଧ୍ୟ ରହିଛି। ଉଭୟ ଇସ୍ରାଏଲ ଏବଂ ମଧ୍ୟପ୍ରାଚ୍ୟର ବିଭିନ୍ନ ରାଷ୍ଟ୍ର ସହ ଭାରତର ଉତ୍ତମ କୂଟନୈତିକ ସମ୍ପର୍କ ରହିଛି। ଏବେ ଭାରତ ସରକାର ଏହାର ଉପଯୋଗ କରି ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିରାମ ଲାଗି ଉଦ୍ୟମ କରିବା ଉଚିତ। ନଚେତ ଭାରତ ମଧ୍ୟ ଅର୍ଥନୈତିକ ଦୃଷ୍ଟିରୁ ପ୍ରଭାବିତ ହେବ। ତେଲ ଦର ବଢ଼ିଲେ ଭାରତରେ ମୁଦ୍ରାସ୍ଫୀତି ହାର ବଢ଼ିବ ଏବଂ ଅଭିବୃଦ୍ଧି ହାର କମିବ। ଏଥିପ୍ରତି ଭାରତ ସତର୍କ ରହିବା ଉଚିତ ଏବଂ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ଉଚିତ। ଇସ୍ରାଏଲ ହମାସ ବିରୋଧରେ ପ୍ରତିଶୋଧ ପରାୟଣ ହୋଇ ଯେପରି ରକ୍ତମୁଖା ହୋଇଛି ତାହାର ପରିଣାମ ସାରା ବିଶ୍ୱକୁ ଭୋଗିବାକୁ ପଡ଼ିବ।

## ସମ୍ପାଦକଙ୍କୁ ପତ୍ର

### ଜାଗା ମିଶନର ପୁନଃସମୀକ୍ଷା ହେଉ

*ମହାଶୟ,*

ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ବିଜେଡି ସରକାର ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ଥଇଥାନ ନିମନ୍ତେ ଜାଗା ମିଶନ ଆରମ୍ଭ କରିଥିଲେ। ସହରାଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ସରକାର ଜମି ଜବର ଦଖଲ କରି ବସବାସ କରୁଥିବା ମୂଲ୍ୟବାନ ଜମି ସେମାନଙ୍କ ନାମରେ ପଟ୍ଟା କରି ସେମାନଙ୍କୁ ସେଠାରେ ସ୍ଥାୟୀ ଭାବେ ବସବାସ କରିବାର ସୁଯୋଗ ଦେବା ହେଲା ଏହାର ଉଦ୍ଦେଶ୍ୟ। କିନ୍ତୁ ଅସଲ ଉଦ୍ଦେଶ୍ୟ ହେଲା ଭୋଟ ବ୍ୟାଙ୍କ ରାଜନୀତି। ବସ୍ତି ବାସିନ୍ଦାଙ୍କ ଭୋଟ ବା ସ୍ଥାୟୀ ସମର୍ଥନ ପାଇଁ ନବୀନ ସରକାର ଏହି ଯୋଜନା ଆରମ୍ଭ କରିଥିଲେ। ଏଥିରେ ଅନେକ ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ କରାଯାଇଛି। କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ସ୍ଥାୟୀ ପଟ୍ଟା ପାଇ ନାହାଁନ୍ତି। ଅନେକ ଏଥିଲାଗି ଯେଉଁ ପଟ୍ଟା ପାଇଛନ୍ତି ତାହା ବାସ୍ତବରେ ପଟ୍ଟା ନୁହେଁ। କିନ୍ତୁ ବର୍ତ୍ତମାନ ପାଇଁ ସେମାନେ ସ୍ଥାୟୀ ଭାବେ ଜବରଦଖଲରେ ଜମିରେ ବସବାସ କରିବାକୁ ସୁଯୋଗ ପାଇଛନ୍ତି। ଏହା ଏକ ସମ୍ପୂର୍ଣ୍ଣ ବେଆଇନ ଅଭିଯାନ। ସହରାଞ୍ଚଳର ବସ୍ତିବାସିନ୍ଦା ବା ଶ୍ରମଜୀବୀମାନଙ୍କୁ ଥଇଥାନ କରାଯାଉ। କିନ୍ତୁ ଜାଗା ମିଶନ ଯେପରି ଭାବେ ସରକାରୀ ଜମି ଜବରଦଖଲକୁ ପ୍ରୋତ୍ସାହିତ କରୁଛି ତାହା ଭବିଷ୍ୟତରେ ଅନେକ ସମସ୍ୟା ସୃଷ୍ଟି କରିପାରେ। ରାଜଧାନୀ ଭୁବନେଶ୍ୱରର ବାପୁଜୀ ନଗର ଏବଂ ଗୌତମ ନଗରସ୍ଥିତ ରେଳ ଲାଇନ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅନେକ ଲୋକ ବସ୍ତିରେ ସ୍ଥାୟୀ ଭାବେ ବସବାସ କରୁଛନ୍ତି। କିନ୍ତୁ ଭବିଷ୍ୟତରେ ଯେତେବେଳେ ରାସ୍ତା ବା ରେଳ ଲାଇନ ସମ୍ପ୍ରସାରଣ କରାଯିବ ସେତେବେଳେ ସେମାନଙ୍କୁ ସେଠାରୁ ହଟାଇବା କଷ୍ଟକର ହୋଇପାରେ। ଯଦି ବା ସେମାନଙ୍କୁ ସେଠାରୁ ହଟାଯିବ ତେବେ ସେଥିଲାଗି ସେମାନଙ୍କୁ କ୍ଷତିପୂରଣ ବାବଦରେ କୋଟି କୋଟି ଟଙ୍କା ବ୍ୟୟ କରିବାକୁ ପଡ଼ିବ। ଏହା ରାଜକୋଷରୁ ଅପବ୍ୟୟ ବୋଲି କୁହାଯାଇପାରେ। ସେହିପରି ଏକନମ୍ବର ହାଟ ନିକଟରେ ଥିବା ସରକାରୀ କ୍ୱାର୍ଟର ନିକଟରେ ଅନେକ ଜାଗା ମିଶନରେ ଅନୁମୋଦିତ ସ୍ଥାନରେ ଘର କରି ରହୁଛନ୍ତି। ଏହା ସମଗ୍ର ଅଞ୍ଚଳ ଲାଗି ସମସ୍ୟାର କାରଣ ହୋଇଛି। ବ୍ୟବସ୍ଥିତ ଢଙ୍ଗରେ ସେମାନେ ବସବାସ କରନ୍ତୁ। ତାହା ସେମାନଙ୍କ ପାଇଁ , ସମସ୍ତଙ୍କ ପାଇଁ ମଙ୍ଗଳକର ହେବ।

**ଗଦାଧର ସ୍ୱାଇଁ, ୟୁନିଟ-୧ , ଭୁବନେଶ୍ୱର**

# ସମାଜରେ ଅଲୋଡା ନୁହନ୍ତି ବରିଷ୍ଠ ନାଗରିକ



**କିଶୋର ଚନ୍ଦ୍ର ବେହେରା**

ଜ୍ୟେଷ୍ଠତ୍ୱ ବୟସରେ ନୁହେଁ , ସମାଜ ପ୍ରତି ଅବଦାନ, ଜୀବନର ଅନୁଭୂତି ତାଙ୍କୁ ଶ୍ରେଷ୍ଠତ୍ୱ ପ୍ରଦାନ କରିଛି , ଏପରି ଭାବନା ମନରେ ଆସିବା ସ୍ୱାଭାବିକ। କାରଣ, ସବୁକିଛି ତ୍ୟାଗ କରିଛନ୍ତି ପରିବାର ସୁଖ, ସମ୍ମାନ ତଥା ପିଲାମାନଙ୍କୁ ମଣିଷକରି ଗଢ଼ି ତୋଳିବାର ପ୍ରୟାସ। ସେ ଦିନମଜୁରିଆ, କୃଷକ, ଶିକ୍ଷକ, ବରିଷ୍ଠ ଅଧିକାରୀ , ପ୍ରଶାସକ ଅଥବା ସୈନିକ- ଯାହାବି ହୁଅନ୍ତୁ, ସମାଜ ତଥା ଦେଶପାଇଁ ଅବଦାନ ଅତୁଳନୀୟ। ଷାଠିଏ ବର୍ଷ ପୂରିଗଲେ ବୟସ୍କ ବ୍ୟକ୍ତିଙ୍କୁ ସମ୍ମାନ ସୂଚକ ସମ୍ବୋଧନ "ବରିଷ୍ଠ ନାଗରିକ" ମନରେ ଆତ୍ମ ସନ୍ତୋଷ ଭରିଦିଏ। ସିନିୟର ସିଟିଜେନ୍ ପରିଚୟରେ ଖୁବ ଗୌରବ ବୋଧ ଅନୁଭବ ହୁଏ ମାତ୍ର, ସ୍ୱାଭିମାନୀ ମଣିଷଟି ଜୀବନର ଅପରାହ୍ନରେ ଯେବେ ବାସ୍ତବତାକୁ ସାମ୍ନାକରେ, ବୁଝିପାରେ, ସତରେ କେତେ ଅଲୋଡ଼ା ଆଉ ମୂଲ୍ୟହୀନ। ନିଜର ବୋଲି କାହାକୁ କହିବ, ତା' ପାଇଁ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଦିଏ ଏ ସମାଜର କଛି କୃତଘ୍ନ ବ୍ୟକ୍ତି। ବରିଷ୍ଠ ନାଗରିକଙ୍କ ପରାମର୍ଶରେ ଯୁବପିଢ଼ୀ ହିଁ ସମାଜରେ ସଂସ୍କାର ଆଣିବାରେ ଆଗଭର ହୋଇଥାନ୍ତି। କେଉଁଟି ଭଲ ଓ କେଉଁଟି ମନ୍ଦ ତାହା ବରିଷ୍ଠ ନାଗରିକଙ୍କ ଠାରୁ କେହିବି ବୋଧ ହୁଏ ଅଧିକ ହୃଦୟଙ୍ଗମ କରିନଥିବେ। ସାରା ବିଶ୍ୱରେ ବୟସ୍କ ଲୋକଙ୍କ ପ୍ରତି ହେଉଥିବା ଦୁର୍ବ୍ୟବହାର ଓ ଅନ୍ୟାୟକୁ ରୋକିବାକୁ ତଥା ବୟସ ବ୍ୟକ୍ତିଙ୍କ ପ୍ରତି ଭଲ ବ୍ୟବହାର ନିମନ୍ତେ ସଚେତନତା ସୃଷ୍ଟି ପାଇଁ ପ୍ରତି ବର୍ଷ "ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ" ପାଳନ କରାଯାଉଛି। ବରିଷ୍ଠ ନାଗରିକଙ୍କ ପାଇଁ ଦିନଟିଏ। ପ୍ରତିବର୍ଷ ଅକ୍ଟୋବର ମାସର ଏକ ତାରିଖକୁ ଏହି ଦିବସ ପାଳନ କରାଯାଏ। ବରିଷ୍ଠ ନାଗରିକଙ୍କ ପାଇଁ ଆଜିର ଦିନଟି ସ୍ୱତନ୍ତ୍ର। ବରିଷ୍ଠ ନାଗରିକଙ୍କୁ ସମ୍ମାନ ଜଣାଇବା ଓ ସେମାନଙ୍କୁ ଭଲପାଇବା ପ୍ରତିବର୍ଷ ସାରା ବିଶ୍ୱରେ ଏହି ଦିବସ ପାଳନ କରାଯାଉଛି। ବରିଷ୍ଠ ନାଗରିକ ହିଁ ସମାଜକୁ ପରିବର୍ତ୍ତନ କରିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। କାହିଁକି ନା ବିଭିନ୍ନ ଜିନିଷକୁ ନେଇ ସେମାନଙ୍କ ନିଖୁଣ ପାରଙ୍ଗମତା ରହିଛି। ସେମାନଙ୍କ ଉଚିତ ମାର୍ଗଦର୍ଶନ, ସୁଚିନ୍ତିତ ମତାମତ ଓ ଅଭିଜ୍ଞତା ହିଁ ସମାଜରେ ଯୁବପିଢି ପାଇଁ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିଥାଏ। ଭାରତର ପାରମ୍ପାରିକ ମୂଲ୍ୟବୋଧ ବୟସ୍କ ଲୋକ ମାନଙ୍କୁ ସମ୍ମାନ ଦେବା ଓ ତାଙ୍କର ସେବା ଶୁଶ୍ରୂଷା କରିବା ଉପରେ ଜୋର ଦିଏ। ତେବେ ବର୍ତ୍ତମାନ ସମୟରେ ଯୌଥ ପରିବାର କମି ଯାଉଥିବା ଦେଖାଯାଉଛି। ଏହା ଫଳରେ ବହୁ ସଂଖ୍ୟାରେ ମାତା ପିତା ମାନେ ସେମାନଙ୍କ ପରିବାରରୁ ଅବହେଳାର ଶୀକାର ହେଉଛନ୍ତି ଓ ଭାବନାତ୍ମକ, ଶାରୀରିକ ଓ ଆର୍ଥିକ ସହାୟତାରୁ ବଞ୍ଚିତ ହେଉଛନ୍ତି ଆବଶ୍ୟକ ସାମାଜିକ ସୁରକ୍ଷା ଅଭାବରୁ ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିରୁ ସ୍ପଷ୍ଟ ଯେ ବୟସ୍କ ଲୋକ ମାନଙ୍କର ସମସ୍ୟା ଏକ ବଡ ସାମାଜିକ ସମସ୍ୟା ଭାବେ ଠିଆ ହେଉଛି ଓ ସେମାନଙ୍କୁ ସ୍ୱାସ୍ଥ୍ୟଗତ ଓ ଆର୍ଥିକ ଆବଶ୍ୟକତା ପୂରଣ କରିବା ସହ ଏକ ସାମାଜିକ ପ୍ରତିଷ୍ଠା ତିଆରି କରିବାର ଆବଶ୍ୟକତା ରହିଛି। ଯାହା ବୟସ୍କ ଲୋକ ମାନଙ୍କର ଭାବନାତ୍ମକ ଆବଶ୍ୟକତା ପ୍ରତି ସମ୍ବେଦନଶୀଳ ଥିବ।

୧୯୫୧ ମସିହା ଏକ ସର୍ବେକ୍ଷଣରେ ଭାରତରେ ୬୦ ବର୍ଷରୁ ଉର୍ଦ୍ଧ ବୟସ୍କ ଲୋକ ମାନଙ୍କ ସଂଖ୍ୟା ୧୯.୦୮ ମିଲିୟନ ଥିବା ବେଳେ ୫୦ ବର୍ଷ ପରେ ଅର୍ଥାତ ୨୦୦୧ରେ ଏହା ୭୬ ମିଲିୟନରେ ପହଞ୍ଚିଛି। ୨୦୩୦ ସୁଦ୍ଧା ଏହା ୧୯୮ ମିଲିୟନ ପହଞ୍ଚିବ ବୋଲି ଅନୁମାନ କରାଯାଉଛି । ବରିଷ୍ଠ ନାଗରିକଙ୍କ ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯୁଗାନ୍ତକାରୀ ପଦକ୍ଷେପ ନେବା ସହ ଜନହିତକର ଯୋଜନା ମାନ କରିଛନ୍ତି। ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଯେ ବୟସ୍କ ଲୋକ ମାନଙ୍କୁ ରହିବା, ଖାଦ୍ୟ, ଚିକିତ୍ସା ସୁବିଧା, ମନୋରଂଜନ ସୁଯୋଗ ଦେବା ତଥା ସେମାନଙ୍କୁ ଉତ୍ପାଦକ ଓ ସକ୍ରିୟତା ପାଇଁ ପ୍ରୋତ୍ସାହନ ପ୍ରଦାନ କରି ତାଙ୍କର ଜୀବନ ଧାରଣର ମାନ ବୃଦ୍ଧି କରିବା ଏବଂ ସରକାରୀ ଓ ଅଣ ସରକାରୀ ସଂସ୍ଥା, ପଞ୍ଚାୟତରାଜ ସଂସ୍ଥା ଓ



ସ୍ଥାନୀୟ ସଂସ୍ଥା ତଥା ଗୋଷ୍ଠୀର ସାମର୍ଥ ବୃଦ୍ଧିରେ ସହାୟକ ହେବା। ବୟସ୍କ ଲୋକ ମାନଙ୍କର ଆବଶ୍ୟକତା ବିଶେଷ ଭାରେ ରହିବା, ଖାଇବା ଓ ଚିକିତ୍ସା ସୁବିଧା ଆଦି ମୌଳିକ ସୁବିଧା ପୂରଣ ନିମନ୍ତେ ବିଭିନ୍ନ ପୀଢି ମଧ୍ୟରେ ସମ୍ପର୍କକୁ ଦୃଢ କରିବା ପାଇଁ କାର୍ଯ୍ୟକ୍ରମ ବିଶେଷ ଭାବେ ପିଲା ଓ ଯୁବକ ଏବଂ ବୟସ୍କ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ରଖିବାକୁ ପଡ଼ିଥାଏ। ଉଭୟ ସରକାରି ଓ ବେସରକାରୀ ଅନୁଷ୍ଠାନ ବୟସ୍କ ଲୋକ ମାନଙ୍କୁ ସଂସ୍ଥାଗତ ଏବଂ ଅଣ ସଂସ୍ଥାଗତ ଦେଖା ଶୁଣା କରିବା ଓ ସେବା ଯୋଗାଉଥିବା କାର୍ଯ୍ୟକ୍ରମ, ବୟସ ହେବା କ୍ଷେତ୍ରରେ ଅନୁସନ୍ଧାନ, ସମର୍ଥନ ତଥା ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମ ଆଦି ହାତକୁ ନେଇଥାନ୍ତି। ଅର୍ଥନୈତିକ ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା , ଡାକଘର ମାସିକ ଆୟ ଯୋଜନା, ବରିଷ୍ଠ ନାଗରିକ ଫିକ୍ସଡ୍ ଡିପୋଜିଟ୍, ମ୍ୟୁଚୁଆଲ୍ ଫଣ୍ଡ ଯୋଜନା ଓ ଗୋଲ୍ଡ ଫଣ୍ଡ୍ ବ୍ୟାଙ୍କ ଓ ଡାକଘର ମାଧ୍ୟମରେ ସଞ୍ଚୟ କରିବା ପାଇଁ ସୁବନ୍ଦୋବସ୍ତ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ବୀମା ଯୋଜନା ମାଧ୍ୟମରେ ମାଗଣା ଔଷଧ ଓ ଶରୀର ପରିକ୍ଷାକରି ରିହାତି ଦରରେ ସମସ୍ତ ସୁବିଧା ଯୋଗାଇ ଦିଆଯାଇଥାଏ। ଯାତାୟାତ ସୁବିଧା ନିମନ୍ତେ ସରକାରୀ ବସ୍ ଓ ରେଳ ଯୋଗେ ଯାତ୍ରା କଲେ ରିହାତି ଦରରେ ସମସ୍ତ ସୁବିଧା ଯୋଗାଇ ଦିଆଯାଇଥାଏ। ପୁଲିସ ସବୁବେଳେ ଲୋକଙ୍କ ପାଇଁ ଓ ଲୋକଙ୍କ ସହ ରହିଛି। ଏହି ବାର୍ତ୍ତା ଦେବା ପାଇଁ ପୁଲିସ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ବିଭିନ୍ନ ଯୋଜନା ହାତକୁ ନିଆଯାଉଥିବା ବେଳେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପୁଲିସ ଅଂଟା ଭିଡ଼ିଛି। କିଛିଦିନ ଧରି ଏଥିପାଇଁ ଆରମ୍ଭ ହୋଇଛି ଏକ ଯୋଜନା। ଏହି ଯୋଜନା ମାଧ୍ୟମରେ ଥାନା ଅଧିନରେ ବିଭିନ୍ନ ସ୍ଥାନରେ ରହୁଥିବା ବରିଷ୍ଠ ନାଗରିକମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ତାଲିକା ପ୍ରସ୍ତୁତ କରାଯାଉଛି ଓ ଏହାପରେ ସେମାନଙ୍କୁ ପୁଲିସ ପକ୍ଷରୁ ପ୍ରଦାନ କରାଯାଉଛି ପରିଚୟ ପତ୍ର। ବରିଷ୍ଠ ନାଗରିକଙ୍କ ନିମନ୍ତେ ଜୀବନର ଶେଷଭାଗରେ ବିଭିନ୍ନ ତୀର୍ଥ କ୍ଷେତ୍ର ଭ୍ରମଣରେ ନେଇଥାନ୍ତି ରାଜ୍ୟ ସରକାର। ଯାହାଫଳରେ କି ସମସ୍ତଙ୍କ ଭିତରେ ଆଧ୍ୟାତ୍ମିକ ଭାବନା ଜାଗ୍ରତ ହୋଇଥାଏ।

ଅନେକ ପରିବାରର ପାରିବାରିକ କନ୍ଦଳକୁ ନେଇ ବୃଦ୍ଧ ବାପା ମାଆ ଅଲୋଡା ଓ ବୋଝ ହୋଇଯାଆନ୍ତି ଜନ୍ମିତ ସନ୍ତାନ ସନ୍ତତିଙ୍କ ପାଖରେ। ଅନେକ ପରିବାରରେ ଆର୍ଥିକ ବୋଝକୁ ପାଥେୟ କରି ବିଭିନ୍ନ ଜରା ନିବାସରେ ଛାଡ଼ିଦେବା ପାଇଁ ପଛେଇ ନଥାନ୍ତି। ବେଳେବେଳେ ମନଭିତରେ ପ୍ରଶ୍ନ ଉଙ୍କି ମାର ସତରେ କ'ଣ ଜନ୍ମିତ ବାପା ମାଆ ଏହି ସମାଜ ପାଇଁ ବୋଝ ଓ ଅଲୋଡା? ସେ କ'ଣ ତାର ପରିବାର ପାଇଁ କିଛି କରିନି ନାଁ ଜନ୍ମ କଲା ପୁଅଝିଅଙ୍କ କଠୋର ହୃଦୟ? ଏଭଳି ଅନେକ ପ୍ରଶ୍ନବାଣରେ ଛନ୍ଦି ହୋଇଯାଇଛି ଜର୍ଜରିତ ସମାଜ। ବରିଷ୍ଠ ନାଗରିକଙ୍କ ବୟସ ସୀମା ପୃଥିବୀର ୨୨୭ ଦେଶ ମଧ୍ୟରେ ଭିନ୍ନଭିନ୍ନ ହୋଇଥାଏ। ଭାରତରେ ବୟସ ସୀମା ୬୦ ବର୍ଷକୁ ମାପଦଣ୍ଡ କରାଯାଇଥିଲା ବେଳେ ଏସିଆ, ୟୁରୋପ, ଜାପାନ, ଫାଇଲ୍ୟାଣ୍ଡ, ପର୍ତ୍ତୁଗାଲ ଓ ଗ୍ରିସ ରାଷ୍ଟ ମାନଙ୍କର ବୟସ ସୀମା ୬୫ରେ ରହିଅଛି। ବିଭିନ୍ନ ଅନ୍ତର୍ଜାତୀୟ ସର୍ବେକ୍ଷଣରେ ଜଣା ପଡିଛି ୬୫ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ସଂଖ୍ୟା ୧୦.୨୦% ବିଶ୍ୱରେ ହୋଇଥିଲା ବେଳେ ସର୍ବାଧିକ ୨୯.୨୨% ବରିଷ୍ଠ ନାଗରିକ ଜାପାନ ଅଧିବାସୀ ହୋଇଥିଲା ବେଳେ ସର୍ବନିମ୍ନ ୧.୪୧% କ୍ୟାଟର ଦେଶରେ ବରିଷ୍ଠ ନାଗରିକ ବସବାସ କରିଥାନ୍ତି। ଭାରତରେ ଏହାର ସଂଖ୍ୟା ୬.୮୧% ବରିଷ୍ଠବ୍ୟକ୍ତି ବସବାସ କରିଥାନ୍ତି। ଭାରତର ଜନସଂଖ୍ୟା ଦୃଷ୍ଟିରୁ ଏହାର ପରିମାଣ ଅତି ନଗଣ୍ୟ। ବରିଷ୍ଠ ନାଗରିକ ହେଉଛନ୍ତି ଅଭିଜ୍ଞତାର ପ୍ରତୀକ। ସେମାନଙ୍କ ଉପଦେଶ ସମାଜ ପାଇଁ ମଙ୍ଗଳକାରୀ। ରାଜନୈତିକ କ୍ଷେତ୍ରରେ ସେମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉଲ୍ଲେଖନୀୟ ହୋଇଥାଏ। ବିଶ୍ୱ ମାନଚିତ୍ରରେ ୧୦ଜଣ ପ୍ରତିଷ୍ଠିତ ରାଜନେତାମାନଙ୍କ ବୟସ ୭୦ ବର୍ଷରୁ ଉର୍ଦ୍ଧ ସର୍ବଜେଷ୍ଠ ଭାବେ ୮୧ ବର୍ଷିୟ ଆମେରିକା ରାଷ୍ଟ୍ରପତି ଜୋ ବାଇଡନ ଥିଲା ବେଳେ ସର୍ବ କନିଷ୍ଠ ୭୦ ବର୍ଷିୟ ମେକ୍ସିକୋ ରାଷ୍ଟ୍ରପତି ଲୋପେଜ ଆବ୍ରାଡୋର ରହିଛନ୍ତି। ୭୩ ବର୍ଷିୟ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଚକ୍ଷଣ ରାଜନୈତିକ କୌଶଳନୀତି ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ଏବେ ବି ସମାଜ ପାଇଁ ଆମର ଅବଦାନର ଆବଶ୍ୟକତା ରହିଛି, କିଭଳି ନୂତନ ପିଢ଼ିକୁ ଜୀବନର ମୂଲ୍ୟବୋଧ ବିଷୟରେ ଜ୍ଞାତ କରାଯିବ ସେ ଦାୟିତ୍ୱ ହେଉଛି ଆମ୍ଭମାନଙ୍କର। ଏହା ମଧ୍ୟରେ ରହିଛି ସୁଖ ଶାନ୍ତିର ଚାବିକାଠି। ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅବସରରେ ସମସ୍ତ ବରିଷ୍ଠଙ୍କ ପାଇଁ ଶୁଭ କାମନା।

**ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ
ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, କୋରାପୁଟ
ମୋବାଇଲ୍: ୯୪୩୭୯୫୫୫୬୮**

# ଜୀବନର ସଦୁପଯୋଗ



**ବିଦ୍ୟାଶ୍ରୀ ପଣ୍ଡା**

**"ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ
କର୍ମେ ଯିଏଁ ନର କର୍ମ ଏକା ତାର ଜୀବନର ମାନଦଣ୍ଡ"**

ଆମେ ଧରାରେ ଜନ୍ମ ନେଇଛନ୍ତି କେବଳ ବଞ୍ଚିବା ପାଇଁ ନୁହେଁ। ନିଜେ ବଞ୍ଚିବା ଓ ଅନ୍ୟଙ୍କୁ ବଞ୍ଚାଇବା। ନିଜେ କିଛି ଶିଖିବା ଓ ଅନ୍ୟମାନଙ୍କୁ ମହତ୍ ଉଦ୍ଦେଶ୍ୟ, ଆଦର୍ଶ ଓ ନୀତିବାଣୀ ଆଦି ଶିଖେଇବା ପାଇଁ। ଭଗବାନଙ୍କର ଅସୀମ କୃପା ଏବଂ ଆମର ସୁକର୍ମ ଯୋଗୁଁ ଭଗବାନ ଆମକୁ ଏକ ଦୁର୍ଲ୍ଲଭ ଜୀବନ 'ମାନବ' ଜୀବନ ଦେଇଛନ୍ତି। ଏଇ ଛୋଟିଆ ମୁଣ୍ଡରେ କେତେ ବୁଦ୍ଧି ଖଞ୍ଜି ଦେଇଛନ୍ତି। କଥା କହିବାର ଶକ୍ତି, ଭଲ ମନ୍ଦ ବିଚାର କରିବାର ଶକ୍ତି, ସ୍ମୃତି ଶକ୍ତି, ଦୃଷ୍ଟି ଶକ୍ତି, ଶ୍ରବଣ ଶକ୍ତି ଆଦି ସବୁକିଛି ଏ ବିଶ୍ୱନିୟନ୍ତା ଆମକୁ ଦେଇଛନ୍ତି। ତା'ର ସଦୁପଯୋଗ କରି ସମାଜ ପାଇଁ କିଛି ମଙ୍ଗଳ କାର୍ଯ୍ୟ କରି ଏ ମାନବ ଜୀବନକୁ ଦୁର୍ଲ୍ଲଭ କରିବା ପାଇଁ। କାହିଁକି ନା ଏ ଜୀବନ ଆମକୁ ଥରୁଟିଏ ମାତ୍ର ମିଳିଛି ବାରମ୍ବାର ଚେଷ୍ଟା କଲେ ମଧ୍ୟ ଅନ୍ୟ କିଛି ଆମକୁ ମିଳି ପାରିବ ହେଲେ ଏ ମାଣିଷ ଜୀବନ ନୁହେଁ। ଆମ ଜୀବନକାଳ ମଧ୍ୟରେ ସତ୍ କର୍ମ କରିବା, ସତ୍ ଚିନ୍ତନ କରିବା, ସତ୍ ମାର୍ଗରେ ପରିଚାଳିତ ହେବା, ସତ୍‌ସଙ୍ଗ ଗଠନ କରିବା ଏବଂ ଜୀବନକୁ ସଦୁପଯୋଗ କରିବା। ତେଣୁ କଥାରେ ଅଛି -

**"ସତ କହିବାକୁ କିଆଁ ଡରିବି
ସତ କହି ପଛେ ମଲେ ମରିବି"**

ଏ ଦୁର୍ଲ୍ଲଭ ଜୀବନକୁ ସାଧାରଣ ବାଉଁଶ ଖଣ୍ଡିଏ ନ ଭାବି କାହ୍ନୁର ସୁମଧୁର ବଇଁଶୀ ଭଳି ସୁନ୍ଦର ସୁଲଳିତ ସ୍ୱରଯୁକ୍ତ ବଇଁଶି ଟିଏ ତିଆରି କରିବା ହେଉଛି ଆମର ପରମ ଧର୍ମ। ହସ ଖୁସି ଆନନ୍ଦ ନିରାନନ୍ଦ ସୁଖ ଦୁଃଖ ଏ ସବୁର ସମାହାରରେ ତ' ଜୀବନ। ତେଣୁ ସେସବୁ ପାଥେୟ କରି ଜୀବନ ଜୀଇଁବା ତ ପ୍ରକୃତିର ନୀୟମ। ଜୀବନକୁ ହସି ହସି ବିତେଇ ନେଲେ ଜୀବନ ସ୍ୱର୍ଗ ପାଲଟି ଯିବ। ବର୍ତ୍ତମାନ ସମୟରେ ଜୀବନକୁ ସଫଳ କରିପାରିବାନି ତ ଭବିଷ୍ୟତରେ କେବେ ବି କରିପାରିବା ନାହିଁ। ଯେତେ ବିପଦ ଆପଦ ହାନି ଲାଭ ଜୀବନରେ ଆସିଲେ ମଧ୍ୟ ଯିଏ ତାକୁ ହସି ହସି ଶେଷ ମୁହୂର୍ତ୍ତ ଯାଏ ଦୃଢ଼ତାର ସହ ସାମ୍ନା କରିପାରେ ସେ ହିଁ ପ୍ରକୃତର ଜୀବନର ସ୍ୱାଦକୁ ଉପଲବ୍ଧି କରିପାରେ।

ଜୀବନରେ ଯେତେ ଝଡ଼ ଝଞ୍ଜା ଆସିଲେ ମଧ୍ୟ ତାକୁ ସଂଗ୍ରାମ କରି ଜୀବନର ନଉକାକୁ ଆଗେଇ ନେଲେ ଜୀବନ ସୁମଧୁର ହୋଇଯାଏ ଆଉ ମିଳିଯାଏ ସରଗ ସୁଖ। ଘନ ପଙ୍କିଳ ହ୍ରଦ ମଧ୍ୟରେ କୋଟି କୋଟି ପାଖୁଡ଼ା ବିଶିଷ୍ଟ ସଦ୍ୟ ପ୍ରସ୍ଫୁଟିତ ପଦୁଅଁ ପରି ଗୋଟିଏ ଗୋଟିଏ ପାଖୁଡ଼ା ଖୋଲିଯିବ ତୁମ ଜୀବନ ସରହଦରେ। ଧୈର୍ଯ୍ୟ ଆଉ ସହିଷ୍ଣୁତାର ସହିତ ସମସ୍ତ ବିପଦ ଆପଦକୁ ଦୃଢ଼ତାର ସହିତ ସଂଘର୍ଷ କରି ଆଗେଇ ଗଲେ ମିଳିଯାଏ କୋଟିନିଧି ଆଉ ଭୁରି ଭୁରି ଭାସିଯାଏ ତାର ସୁମଧୁର ବାସ୍ନା।

ହସି ହସି ବାଟ ଚାଲିବାକୁ ହେବ, ଆଉ ଖୁସି ବି ବାଣ୍ଟିବାକୁ ହେବ ଆଶୁତୋଷଙ୍କ ପରି। ସମଗ୍ର ସଂସାରର ମଙ୍ଗଳ ପାଇଁ ଯେମିତି ମହାଦେବ ଶିବଶଙ୍କର କରାଳ ହଳ ହଳ ବିଷକୁ ଆକଣ୍ଠ ପାନ କରି ନୀଳକଣ୍ଠ ସାଜିଥିଲେ ଠିକ୍ ସେହିପରି ତୁମକୁ ଶକ୍ତ କରିବାକୁ ହେବ। ମା ବସୁଧା ଯେମିତି ସମସ୍ତ ଦୁଃଖ କଷ୍ଟକୁ ନିଜ ଛାତିରେ ଧାରଣ କରି ପଥର ପାଲଟି ଯାଇଛି ଠିକ୍ ସେମିତି ଶକ୍ତ ପଥରଖଣ୍ଡ ସାଜିବାକୁ ହେବ। ଜୀବନର ମାନେ ନୁହେଁ ଅଧିକ ଧନ ଅର୍ଜନ କରିବା ବା ଭୋଗବିଳାସ ପୂର୍ଣ୍ଣ ଜୀବନ ଧାରଣ କରିବା। ଏ ଜୀବନ ଅମୂଲ୍ୟ ସମ୍ପଦ ଅଟେ। ଏ ଦୁର୍ମୁଲ୍ୟ ଜୀବନକୁ ମାନବ ସେବାରେ ନିୟୋଜିତ କରି ଏ ସଂସାରକୁ ରକ୍ଷା କରିବା। ଗର୍ବ, ଅହଂକାର, ହିଂସା, ଦ୍ୱେଷ ଆଦି ଠାରୁ ଦୂରେଇ ରହି ନିଷ୍କପଟ, ନିର୍ଭିକ, ସତ୍ୟ, ନିରଂହକାର ଭାବରେ ବଞ୍ଚିବାର ଖସଡ଼ା ପ୍ରସ୍ତୁତ କର। ନିଜ ଜୀବନକୁ ଅଧ୍ୟାତ୍ମିକ ଚିନ୍ତନ ଏବଂ ସତ୍



ପଥରେ ପରିଚାଳିତ କରିବାକୁ ଆପ୍ରାଣ ଉଦ୍ୟମ କର। ଏ ଜୀବନକୁ ସଦୁପଯୋଗ କର। ଯେପରି ସଙ୍ଗୀତ ସାଧନ କରିବା ପାଇଁ ବୀଣାର ତାରକୁ ସନ୍ତୁଳିତ କରି ସୁମଧୁର ସଙ୍ଗୀତ ସାଧନା କରାଯାଏ ଠିକ୍ ସେହିପରି ଜୀବନକୁ ସନ୍ତୁଳିତ କରି ଏକ ଅନୁପମ ଶାନ୍ତି ପ୍ରାପ୍ତି ପାଇଁ ପ୍ରୟାସ କରିଚାଲ। ଦେଖିବ ତୁମର ଏ ଆତ୍ମପ୍ରୟାସ ଦିନେ ନା ଦିନେ ତୁମକୁ ତୁମ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦେବ ଏବଂ ପରମ ତୃପ୍ତି ଲାଭ କରିପାରିବ। ଏ ଜୀବନର ପ୍ରତି କ୍ଷଣକୁ ସୁକର୍ମରେ ପରିଚାଳିତ କଲେ ଜୀବନ ସୁନ୍ଦର ସରସ ସୁମଧୁର ସ୍ୱରମୟ ହୋଇ ପାରିବ।

ଚିତା ହୋଇ ଜଳିବା ପୂର୍ବରୁ ନିଜର ଚେତନା ଜାଗ୍ରତ କର। ଯିଏ ନିଜକୁ ଭଲ ଭାବରେ ଚିହ୍ନି ପାରିଛି, ଆତ୍ମତନ୍ତ୍ରୀର ସ୍ୱରକୁ ଶ୍ରବଣ କରି ପାରିଛି, ଆତ୍ମଜ୍ଞାନ ପ୍ରାପ୍ତ କରି ପାରିଛି, ନିଜ ଅନ୍ତରରେ ସ୍ୱୟଂ ନାରାୟଣଙ୍କୁ ଚିହ୍ନି ପାରିଛି, ସେ ଜୀବନ୍ତ। ଯାହାଙ୍କ ଜୀବନରେ ଆନନ୍ଦ, ଉଲ୍ଲାସ, ଉତ୍ସାହ, ଉଦ୍ଦୀପନା, ଆତ୍ମଜ୍ଞାନ ବୋଲି କିଛି ନାହିଁ ସେ ତ ମୃତ ବ୍ୟକ୍ତି ସହ ସମାନ ଅଟେ।

ଆମ ମନ ମଧ୍ୟରେ ଏକ ଧାରଣା ଯେ ମନ୍ଦିର ଭିତରେ ଠାକୁର ଅଛନ୍ତି, ସିଏ ସବୁ ଦେଖୁଛନ୍ତି ତେଣୁ ସେଠାରେ ଆମେ କୌଣସି ଭୁଲ୍ କରିବା ନାହିଁ। ଏହା ପୂର୍ବରୁ ସିଏ ଜାଣିବା ଦରକାର ଯେ ଆମ ମନ ହେଉଛି ଏକ ମନ୍ଦିର। ଆମ ମନମନ୍ଦିରରେ ମଧ୍ୟ ଭଗବାନ ଅଛନ୍ତି। ପ୍ରତ୍ୟେକ ଜୀବ ହୃଦୟରେ ବ୍ରହ୍ମକୁ ଚିହ୍ନିପାରିଥିବା ବ୍ୟକ୍ତି କେବେ ଅନ୍ୟ ସହ ଝଗଡ଼ା, ନିନ୍ଦା, ପରଚର୍ଚ୍ଚା, ଈର୍ଷାପରାୟଣ, ଅହଂକାରୀ, ବେଇମାନୀ, ନିନ୍ଦା ସ୍ତୁତି କରିପାରିବ ନାହିଁ। ସ୍ୱୟଂ ଭଗବାନ ଆମର ପ୍ରତି କୋଣାନୁକୋଣରେ ଅଛନ୍ତି ଏବଂ ଆମର ପ୍ରତ୍ୟେକ କାର୍ଯ୍ୟକୁ ସେ ଖୁବ୍ ଭଲ ଭାବରେ ଦେଖୁଛନ୍ତି। ତେଣୁ ସେ କେବେ ଏ ସବୁ କାର୍ଯ୍ୟ କରି ପାରିବ ନାହିଁ। ଜୀବନରେ ଆସୁଥିବା ସମସ୍ୟା ଗୁଡ଼ିକୁ କେବଳ ହିଂସା ଓ ପ୍ରତିଶୋଧରେ ସମାଧାନ କରାଯାଇ ପାରେ ନାହିଁ। ସତ୍ୟ ଏବଂ ପ୍ରେମଦ୍ୱାରା ହିଁ ସେ ସବୁ ସମାସ୍ୟାର ସମାଧାନ ହୋଇପାରିବ।

ଉଦ୍ଦେଶ୍ୟ ବିନା କୌଣସି ବ୍ୟକ୍ତି ଜୀବନର ମୂଲ୍ୟ କିଛି ନାହିଁ। ଯେମିତି ନାଉରୀର ବିନା କାତରେ ନଉକାଟି ଟଳମଳ ହୋଇଥାଏ। ସାବଧାନର ସହିତ ସତ୍ କାର୍ଯ୍ୟ କରି ସଫଳ ଜୀବନ ଧାରଣ କରିବା ହିଁ ଜୀବନର ଉଦ୍ଦେଶ୍ୟ। ତେଣୁ ଉତ୍ତମ କର୍ମ, ସତ୍ ଚିନ୍ତା, ଉଚିତ୍ ମାର୍ଗ ଅନୁସରଣ କରି ଜୀବନର ନଉକାକୁ ବାହିନେଲେ ଜୀବନ ମଙ୍ଗଳମୟ ଏବଂ ପବିତ୍ରମୟ ହୋଇଉଠିବ। ପିତା ମାତାଙ୍କ ସେବା, ଗୁରୁଗୁରୁଜନଙ୍କ ପ୍ରତି ଭକ୍ତି ଓ ଉତ୍ତମ ଆଚରଣ, ସୁ-ମାର୍ଗରେ ପରିଚାଳିତ ହେବା ଇତ୍ୟାଦି ପ୍ରତି ଖୁବ୍ ଭଲଭାବରେ ନିରେଖି ଆଗେଇ ଯିବା ଉଚିତ। ମନ ମଧ୍ୟରେ ଏ ଚିନ୍ତାଚେତନା ରହିବା ଉଚିତ୍ ଯେ ଆମେ ସାଙ୍ଗରେ କ'ଣ ନେଇ ଆସିଥିଲେ, କ'ଣ ନେଇ ଯିବା ? ତା' ହେଲେ ଏ ସବୁ ଖରାପ କାର୍ଯ୍ୟ କରିବା କ'ଣ ପାଇଁ ? ଅନୈତିକ ଭାବରେ ଧନ ସଂଗ୍ରହ କରିବା କାହିଁକି?

ଯିଏ ନିଜ ଜୀବନକୁ ସତ୍‌ସଙ୍ଗ, ସତକର୍ମ, ସତ୍ ଚିନ୍ତନ, ଈଶ୍ୱର ଉପାସନା ଆଦିରେ ଜୀବନ ଅତିକ୍ରମ କରିଥାଏ ସେ ହିଁ ପ୍ରକୃତରେ ସାର୍ଥକ ମଣିଷ। ତେଣୁ ନିଜର ଆତ୍ମତତ୍ତ୍ୱକୁ ଜାଣ, ପ୍ରତିଦିନ ଈଶ୍ୱରଙ୍କୁ ସ୍ମରଣ କର, ଭଜନ କର, ଆତ୍ମଚିନ୍ତନ କର। ଦେଖିବ ଜୀବନ କେତେ ମଧୁର ଓ ଶିବମୟ ହୋଇଉଠିବ, ଜୀବନ ଆନନ୍ଦମୟ ହୋଇଯିବ। ଦର୍ପଣ ପରି ପାରଦର୍ଶୀ ଓ ଦୁରଦର୍ଶୀ କରି ନିଜକୁ ଗଢ଼ି ତୋଳ। ଈଶ୍ୱରଙ୍କ ଉପରେ ଅତୁଟ ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ରଖ। ସଦାସର୍ବଦା ଭଗବାନଙ୍କ ଶରଣରେ ସମର୍ପି ଦିଅ। ଦେଖିବ ତୁମର ଜୀବନ ନଉକାଟି କେବେହେଲେ ଅତଳ ଗର୍ଭରେ ଲୀନ ହୋଇ ଯିବ ନାହିଁ। ମନୁଷ୍ୟ ଜୀବନ ଏମିତି ଖାଲି ବଞ୍ଚିବା ପାଇଁ ନୁହେଁ। କିଛି କର୍ମ କରିଚାଲ ଯେମିତି ସମସ୍ତଙ୍କ ହୃଦୟର କେଉଁ ଏକ ନିଭୃତ କୋଣରେ ତୁମର ପ୍ରତିଛବି ଉତ୍ତଳିତ ହୋଇ ରହିଥିବ। ଯାହାକି ମୃତ୍ୟୁ ପରେ ବି ତୁମକୁ ବଞ୍ଚାଇ ରଖିବ।

**କୋରକୋରା, ଭଦ୍ରକ
ମୋବାଇଲ୍: ୯୦୯୦୮୯୯୮୨୬**

# କଥା ସାହିତ୍ୟର ସମ୍ରାଟ ଫକୀର ମୋହନ

**ଅକ୍ଷୟ କୁମାର ରାଉତ**

ବିଚିତ୍ର ଏ ପୃଥିବୀ। କିଏ ଧନୀ ତ କିଏ ଦରିଦ୍ର, କିଏ ରାଜା କିଏ ପ୍ରଜା, କିଏ ସବଳ କିଏ ଦୁର୍ବଳ। ଦୁର୍ବଳ ଉପରେ ସବଳର ଅତ୍ୟାଚାର ଜୀବଜଗତର ଏକ ପ୍ରଧାନ ପ୍ରକୃତି। ଛାଗ-ଶାର୍ଦ୍ଦୁଳ, ମୂଷିକ-ମାର୍ଜାର, ସର୍ପ-ଦର୍ଦ୍ଦୁର ଓ ଶ୍ୱେନ-କପୋତର ସମ୍ପର୍କରୁ ଏହି ପ୍ରକୃତିର ଯଥେଷ୍ଟ ପରିଚୟ ପାଉ। ଏହି ପ୍ରକୃତି, ଜଗତର ପ୍ରତ୍ୟେକ ପ୍ରାନ୍ତ, ପ୍ରତ୍ୟେକ କ୍ଷେତ୍ର ଓ ପ୍ରତ୍ୟେକ ଅନ୍ଧିସନ୍ଧିରେ ଦେଖିବାକୁ ମିଳେ। ମାନବ ସମାଜରେ ଯେଉଁମାନେ ଶକ୍ତିଶାଳୀ, ସେମାନେ ଶାର୍ଦ୍ଦୁଳ ପରି ଭୟଙ୍କର ଏବଂ ସର୍ପ ପରି ମାରାତ୍ମକ। ଏହି ସବଳ ବ୍ୟକ୍ତିମାନେ ଦୁର୍ବଳମାନଙ୍କ ଉପରେ ଅତ୍ୟାଚାର କରି ସେମାନଙ୍କୁ ନାନା ଭାବରେ ଶୋଷଣ କରି ନିଜର ସ୍ୱାର୍ଥବାସନ ଚରିତାର୍ଥ କରନ୍ତି। ଚାଲିଥିଲା ଓଡିଆ ଜାତି, ଭାଷା ଓ ଶିକ୍ଷା ଉପରେ ଅକଥନୀୟ ଅତ୍ୟାଚାର। ଇଷ୍ଟଇଣ୍ଡିଆ କମ୍ପାନୀ ସାଙ୍ଗକୁ ବଙ୍ଗାଳୀମାନେ ନାନା କୃତିମ ଉପାୟରେ ଓଡ଼ିଶାର ଜମିବାଡ଼ିକୁ ନିଲାମ କରୁଥିଲେ। ଷଡ଼ଯନ୍ତ୍ର କରି ଓଡିଆ ଭାଷାକୁ ଲୋପ କରି ବଙ୍ଗଳା ଭାଷା ପ୍ରଚଳନ କରିବାକୁ ଆପ୍ରାଣ ଉଦ୍ୟମ ଚଳାଇଥିଲେ। ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ, ଜନ୍ମ ନେଲେ ଓଡ଼ିଆ କଥା ସାହିତ୍ୟର ସମ୍ରାଟ, ଅଦ୍ୱିତୀୟ ଔପନ୍ୟାସିକ ଫକୀର ମୋହନ ସେନାପତି। ୧୮୪୩ ମସିହା ଜାନୁୟାରୀ ମାସ ୧୩ ତାରିଖ ମକର ସଂକ୍ରାନ୍ତି ମାଘ, କୃଷ୍ଣ ତ୍ରୟୋଦଶୀ, ଶୁକ୍ରବାର ପୂର୍ବାହ୍ନରେ ଓଡ଼ିଶାର ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁର ନାମକ ଗ୍ରାମରେ ଖଣ୍ଡାୟତ କୁଳରେ ଜନ୍ମ ଗ୍ରହଣ କରିଥିଲେ। ପିତାଙ୍କ ନାମ ଲକ୍ଷ୍ମଣ ଚରଣ ସେନାପତି ମାଆ ତୁଳସୀ ଦେଇ। ଅତି ଶୈଶବରୁ ପିତାମାତାଙ୍କୁ ହରାଇ ଫକୀର ମୋହନ ନିଜ ପିତାମହୀ କୁଚିଳା ଦେଈଙ୍କ ଦ୍ୱାରା ଲାଳିତପାଳିତ ହୋଇଥିଲେ। ଫକୀର ମୋହନଙ୍କର ପିତୃମାତୃ ଦତ ନାମ ଥିଲା ବ୍ରଜ ମୋହନ। ଦୁଃସାଧ୍ୟ ରୋଗରେ ପୀଡ଼ିତ ହୋଇ ଜୀବନ ସଙ୍କଟରେ ପଡ଼ିବାରୁ କୁଚିଳାଦେଈ ପୀର ଠାକୁରଙ୍କୁ ସମର୍ପଣ କରି ଦେଇଥିଲେ। ବ୍ରଜ ମୋହନ ହେଲେ ଫକୀର ମୋହନ।

ବଡ଼ ବାପାଙ୍କ ଅତ୍ୟାଚାର ପେଟର ଭୋକକୁ ପଛରେ ପକାଇ ଫକୀର ମୋହନ ମନଦେଇ ପାଠପଢ଼ିଲେ। ଚାହାଳୀ ପାଠ ଶେଷକରି ପାର୍ଶି ଅବୈତନିକ ସ୍କୁଲ ପାଠ ପଢ଼ିଲେ। ପଢ଼ା ଛାଡ଼ି ଜାହାଜାତି କାରବାରରେ ଯୋଗଦେଲେ। ଜାହାଜାତି କାର୍ଯ୍ୟ ବନ୍ଦ ହେବାରୁ କଚେରୀରେ ନିମକ୍ ମାହାଲ ସିରସ୍ତାରେ କାର୍ଯ୍ୟ କଲେ। ବଙ୍ଗଳା ଶିକ୍ଷା ପରେ ଓଡ଼ିଆ ଓ ବଙ୍ଗଳାର କଚେରୀ ସିରସ୍ତାରେ କାର୍ଯ୍ୟକଲେ। ବାରବାଟୀ ବଙ୍ଗୋତ୍କଳ ବିଦ୍ୟାଳୟରେ ପାଠପଢ଼ା ସମୟରେ ବିଦ୍ୟାଳୟର ଦରମା ଦେଇ ନ ପାରି ପଢ଼ା ଛାଡି ଦେଲେ। ବାରବାଟୀ ସ୍କୁଲ ସମ୍ପାଦକ ଶିବନ୍ଦ୍ର ସୋମ, ଫକୀର ମୋହନଙ୍କୁ ଡକାଇ ସେଇ ସ୍କୁଲର ତୃତୀୟ ଶିକ୍ଷକ ପଦରେ ନିଯୁକ୍ତ କରି ଦେଲେ। ଦରମା ମାସିକ ଅଢ଼େଇ ଟଙ୍କାରୁ ବୃଦ୍ଧି ହୋଇ ପାଞ୍ଚ ଟଙ୍କା ହେଲା। ସେ ଶିକ୍ଷାଦାନ ସହିତ ଜ୍ଞାନାର୍ଜନ ପାଇଁ ବିଭିନ୍ନ ବହି ପଢ଼ାପଢ଼ି କରୁଥିଲେ। ଏହି ସମୟରେ ବାଲେଶ୍ୱର ମିସନେରି ବିଦ୍ୟାଳୟରେ ଦଶଟଙ୍କା ବେତନରେ ପ୍ରଧାନ ଶିକ୍ଷକ ପଦବୀରେ ନିଯୁକ୍ତି ହେଲେ (ଖ୍ରୀ.ଅ. ୧୮୬୪)। ମିସନ୍ ବିଦ୍ୟାଳୟ ଓ ମିସନ୍ ବାଳିକା ବିଦ୍ୟାଳୟ ଗୋଟିଏ ବଡ଼ ବଙ୍ଗଳାରେ ହେଉଥିଲା। ବାଳିକା ବିଦ୍ୟାଳୟରେ ବିଶ୍ୱନାଥ ଶତପଥୀ ନାମରେ ଜଣେ ପଣ୍ଡିତ ଥିଲେ। ବିଦ୍ୟାଳୟ ଚାଲିଥିଲା ସମୟରେ ଶାରଦା ନାମ୍ନୀ ଗୋଟିଏ ଛାତ୍ରୀର ଆବଶ୍ୟକ ପଡ଼ିବାରୁ ଫକୀରମୋହନ ପଣ୍ଡିତ ବିଶ୍ୱନାଥଙ୍କ ନିକଟକୁ ଏକ ଲେଖା ପଠାଇଥିଲେ।

ପଣ୍ଡିତ ବିଶ୍ୱନାଥ ଲେଖିଥିଲେ - "ଲଜ୍ଜାବତୀ ନେଚ୍ଛତି ତନ୍ତ୍ର ଗନ୍ତୁମ୍" ଫକୀର ମୋହନ ସେହି ଲେଖାକୁ ପୂରଣ କରିବାକୁ ପଣ୍ଡିତଙ୍କୁ କହିଲେ। ତତ୍‌କ୍ଷଣାତ୍ ମୁହେଁ ମୁହେଁ ପଣ୍ଡିତ କହିଲେ।

"ଉତ୍ତୁଙ୍ଗ ବକ୍ଷାହି ନିତମ୍ବ ଗୁର୍ବୀ
ନବୀନ ଧାରାଧର ଚାରୁକେଶା
ସଦୈବ ହାସ୍ୟାମୃତ ପୂର୍ଣ୍ଣବକ୍ତ୍ରା
ଲଜ୍ଜାବତୀ ନେଚ୍ଛତି ତନ୍ତ୍ର ଗନ୍ତୁମ୍"

## ଯୁଦ୍ଧବିରତି ପ୍ରସ୍ତାବକୁ ନେତନ୍ୟାହୁଙ୍କ ଅଗ୍ରାହ୍ୟ

# ହିଜବୁଲ୍ଲା ବିରୋଧରେ ପୂରା ଦମ ଲଗାଇବାକୁ ସେନାକୁ ନିର୍ଦ୍ଦେଶ

**ତେଲଆଭିଭ, ୨୬।୯:** ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଆହୁରି ଜଟିଳ ହୋଇଛି। ରାଜଧାନୀ ତେଲଆଭିଭ ଉପରେ ହିଜବୁଲ୍ଲାର ରକେଟ ମାଡ଼ ପରେ ଇସ୍ରାଏଲ ସେନା ସ୍ଥଳପଥରେ ଲେବାନନରେ ପ୍ରବେଶ ଏବଂ ଆକ୍ରମଣ ନିମନ୍ତେ ପ୍ରସ୍ତୁତ ହେଉଛି। ପରିସ୍ଥିତିର ଗମ୍ଭୀରତାକୁ ଉପଲବ୍ଧି କରି ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରମାନେ ୨୧ ଦିନ ଲାଗି ଯୁଦ୍ଧ ବିରତି ଲାଗି ଆହ୍ୱାନ ଦେଇଥିଲେ। କିନ୍ତୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏହାକୁ ଅଣଦେଖା କରିଛନ୍ତି। ଆମେରିକାର ପରାମର୍ଶକୁ ଖାତିର ନକରି ନେତାନ୍ୟାହୁ ନିଜ ସେନାକୁ ହିଜବୁଲ୍ଲା ବିରୋଧରେ ପୁରା ଦମ ଲଗାଇ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ନେତାନ୍ୟାହୁଙ୍କ ଅଫିସ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ, ଆମେରିକା ଓ ଫ୍ରାନ୍ସ ପକ୍ଷରୁ ଯେଉଁ ଯୁଦ୍ଧ ବିରତି ପ୍ରସ୍ତାବ ଦିଆଯାଇଥିଲା, ସେଥିପ୍ରତି ନେତାନ୍ୟାହୁ କୌଣସି ପ୍ରତିକ୍ରିୟା ବ୍ୟକ୍ତ କରି ନାହାଁନ୍ତି। ବରଂ ସେ ନିଜ ସେନାକୁ ହିଜବୁଲ୍ଲା ବିରୋଧରେ ପୁରା ଦମ ଲଗାଇ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆମେରିକା ଓ ଫ୍ରାନ୍ସ ବ୍ୟତିତ ୟୁରୋପିୟାନ ୟୁନିୟନ ଏବଂ ଆରବ ରାଷ୍ଟ୍ର ସମୂହ ପକ୍ଷରୁ ୨୧ ଦିନ ଯୁଦ୍ଧ ବିରତି ଲାଗି ଆହ୍ୱାନ କରାଯାଇଥିଲା। ଏହି ୨୧ ଦିନ ମଧ୍ୟରେ ସମସ୍ୟାର ସମାଧାନ ଲାଗି କିଛି ସୂତ୍ର ବାହାରିବ ବୋଲି ଆଶା ପ୍ରକାଶ କରାଯାଇଥିଲା। କିନ୍ତୁ ଇସ୍ରାଏଲ ଏହାକୁ ଗ୍ରହଣ କରି ନାହିଁ।

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କ ପକ୍ଷରୁ ଏକ ମିଳିତ ବିବୃତିରେ କୁହାଯାଇଛି ଯେ, ଲେବାନନ ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ଯୁଦ୍ଧ କୌଣସି ପକ୍ଷର ହିତ ସାଧନ କରିବ ନାହିଁ। ଉଭୟ ପକ୍ଷ ଏହା ଦ୍ୱାରା କ୍ଷତିଗ୍ରସ୍ତ ହେବେ। କୂଟନୈତିକ ସ୍ତରରେ ଏହାର ସମାଧାନ ଲାଗି ଉଦ୍ୟମ ହେବା ଉଚିତ। ଏଥିପାଇଁ ୨୧ ଦିନ ଲାଗି ଇସ୍ରାଏଲ-ଲେବାନନ ସୀମାରେ ଯୁଦ୍ଧବିରତି ହେବା ଉଚିତ। ଏଥିରେ ୟୁରୋପୀୟ ରାଷ୍ଟ୍ରସଂଘ, ଜାପାନ, ୟୁଏଇ, ସାଉଦୀ ଆରବ, କାତାର ପ୍ରମୁଖ ସ୍ୱାକ୍ଷର କରିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଗତ ୪ଦିନ ମଧ୍ୟରେ ଇସ୍ରାଏଲର ରକେଟ ମାଡ଼ରେ ଲେବାନନର ୬୦୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଛନ୍ତି।





## ସଞ୍ଜୟ ରାଉତଙ୍କୁ ୧୫ ଦିନ ଜେଲ



**ମୁମ୍ବାଇ, ୨୬।୯:** ଏକ ମାନହାନୀ ମାମଲାରେ ଶିବସେନା (ଠାକରେ ଗୋଷ୍ଠୀ)ର ନେତା, ସାଂସଦ ସଞ୍ଜୟ ରାଉତଙ୍କୁ ୧୫ ଦିନ ଜେଲ ଦଣ୍ଡାଦେଶ ହୋଇଛି। ଏହା ସହିତ ତାଙ୍କୁ ୨୫ ହଜାର ଟଙ୍କାର ଫାଇନ ମଧ୍ୟ କରାଯାଇଛି। ମୁମ୍ବାଇର ମାଜାଗାଓଁସ୍ଥିତ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟଙ୍କ ଅଦାଲତରେ ବିଜେପି ନେତା କିରିଟ ସୋମାୟାଙ୍କ ପତ୍ନୀ ମେଧା ସୋମାୟା ଏକ ମାନହାନୀ ମାମଲା କରିଥିଲେ। ଅଦାଲତ ଏହାର ବିଚାର କରି ସଞ୍ଜୟଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ଜେଲ ଦଣ୍ଡାଦେଶ ଦେଇଛନ୍ତି। ମେଧା ଅଭିଯୋଗ କରିଥିଲେ ଯେ, ସଞ୍ଜୟ ତାଙ୍କ ସ୍ୱାମୀଙ୍କ ବିରୋଧରେ ୧୦୦ କୋଟି ଟଙ୍କାର ମିଥ୍ୟା ଅଭିଯୋଗ ଆଣିଥିଲେ। ଏହାର କୌଣସି ପ୍ରମାଣ ନାହିଁ। ସଞ୍ଜୟ ଅଭିଯୋଗ କରିଥିଲେ ଯେ, ପବ୍ଲିକ ଟଏଲେଟ ନିର୍ମାଣ ଏବଂ ରକ୍ଷଣାବେକ୍ଷଣରେ ଏହି ଦୁର୍ନୀତି ହୋଇଛି ଏବଂ ଏଥିରେ କିରୀଟ ସୋମାୟା ସମ୍ପୃକ୍ତ। କିନ୍ତୁ ସେ ଅଦାଲତରେ ଏହାର ପ୍ରମାଣ ଉପସ୍ଥାପନ କରିପାରିନଥିଲେ କିମ୍ବା କ୍ଷମା ପ୍ରାର୍ଥନା କରିନଥିଲେ। ଏଥିପାଇଁ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡିତ କରିଛନ୍ତି।

## ଜିତିଆ ପର୍ବରେ ଅଘଟଣ

## ଜଳାଶୟରେ ବୁଡ଼ି ୩୯ ମୃତ

**ପାଟନା, ୨୬।୯:** ଜିତିଆ ପର୍ବ ପାଳନର ଖୁସି ଦୁଃଖରେ ପରିଣତ ହୋଇଯାଇଛି। ବିହାରରେ ଜିତିଆ ପର୍ବ ପାଳନ ସମୟରେ ବିଭିନ୍ନ ସ୍ଥାନରେ ପୋଖରୀ ଓ ନଦୀରେ ଗାଧୋଇବା ବେଳେ ୩୯ ଜଣଙ୍କ ମୃତ୍ୟୁ ଘଟିଲାଣି।

ରାଜ୍ୟର ୧୪ଟି ଜିଲ୍ଲାରେ ୩୯ ଜଣଙ୍କ ଜୀବନ ଯାଇ ଥିବାବେଳେ ମୃତକଙ୍କ ମଧ୍ୟରେ ସର୍ବାଧିକ ଔରଙ୍ଗାବାଦ ଜିଲ୍ଲାର ୧୦ ଜଣ ଅଛନ୍ତି। ସେହିପରି ଛପରାରେ ୫ ଜଣ, ରୋହତାସରେ ୪, କୈମୁରରେ, ସିୱାନରେ, ମୋତିହାରୀରେ ୩ ଲେଖାଏ, ବେତିଆରେ, ବେଗୁସରାୟରେ ୨ ଜଣ ଲେଖାଏଁ, ଗୋପାଳଗଞ୍ଜ, ଭୋଜପୁର, ନାଳନ୍ଦା, ଦରଭଙ୍ଗା, ମଧୁବନୀ, ସମସ୍ତିପୁର ଏବଂ ଅରୱାଲରେ ଜଣେ ଲେଖାଏଁ ଲୋକଙ୍କ ମୃତ୍ୟୁ ଘଟିଛି। ଅନ୍ୟପଟେ ଅନ୍ୟ କେତେକ ଲୋକ ମଧ୍ୟ ଗାଧୋଇବା ବେଳେ ପାଣିରେ ବୁଡି ନିଖୋଜ ଅଛନ୍ତି। ଉଦ୍ଧାରକାରୀ ଟିମ୍ ସେମାନଙ୍କୁ ଖୋଜାଖୋଜି କରୁଛି। ଏଭଳି ପରିସ୍ଥିତିରେ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ନେଇ ଆଶଙ୍କା କରାଯାଉଛି। ସେପଟେ ପାର୍ବଣର ମାହୋଲ ସମୟରେ ଏପରି ଦୁଃଖଦ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ପ୍ରତ୍ୟକ ପରିବାରକୁ ୪ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି।

### ଜିତିଆ ପର୍ବ କ'ଣ ?

ଜିତିଆ ପର୍ବକୁ ଜୀବିତ ପୁତ୍ରିକା ମଧ୍ୟ କୁହାଯାଏ। ପୁଅଙ୍କ ଶୁଭ ମନାସୀ ମାଆମାନେ ଏହି କଠୋର ନିର୍ଜଳା ବ୍ରତ ପାଳନ କରନ୍ତି। ଏହି ବ୍ରତରେ ବ୍ରତଧାରୀମାନେ ପୋଖରୀ କିମ୍ବା ନଦୀରେ ସ୍ନାନ କରିବା ପରେ ସେହି ସ୍ଥାନରେ ପୂଜାର୍ଚ୍ଚନା କରନ୍ତି। ଆଶ୍ୱିନ ମାସର କୃଷ୍ଣପକ୍ଷରେ ଜିତିଆ ପର୍ବ ପାଳନ କରାଯାଏ। ଏହା ବିଶେଷ କରି ନେପାଳର ମୁଖ୍ୟ ପର୍ବ ହୋଇ ଥିବାବେଳେ ଆମ ଦେଶରେ ଉତ୍ତର ପ୍ରଦେଶ, ବିହାର ଏବଂ ଝାଡ଼ଖଣ୍ଡରେ ପାଳନ କରାଯାଇଥାଏ।

## ଭାରତକୁ ମିଳୁ ୟୁଏନ୍ଏସ୍‌ସିର ସ୍ଥାୟୀ ସଦସ୍ୟତା: ଫ୍ରାନ୍ସ ରାଷ୍ଟ୍ରପତି

**ପ୍ୟାରିସ୍୨୬।୯:** ମିଳିତ ଜାତିସଂଘ ସୁରକ୍ଷା ପରିଷଦ(ୟୁଏନଏସସିରେ ଭାରତକୁ ସ୍ଥାୟୀ ସଦସ୍ୟ କରାଯାଉ ବୋଲି କହିଛନ୍ତି ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରନ। ମିଳିତ ଜାତିସଂଘ ସୁରକ୍ଷା ପରିଷଦର ପରିସରକୁ ବିସ୍ତାର କରିବା ସମ୍ପର୍କରେ ମତ ରଖି ମାକ୍ରନ ଭାରତକୁ ୟୁଏନଏସସିର ସ୍ଥାୟୀ ସଦସ୍ୟତା ମିଳୁ ବୋଲି କହିଛନ୍ତି। ମିଳିତ ଜାତିସଂଘର ସାଧାରଣ ମହାସଭାକୁ ସମ୍ବୋଧନ କରି ମାକରନ କହିଛନ୍ତି, ବର୍ତ୍ତମାନ ବିଶ୍ୱରେ ଅନେକ ପରିବର୍ତ୍ତନ ହେଉଛି। ଏହାକୁ ଦୃଷ୍ଟିରେ ରଖି ୟୁଏନଏସସିର ମଧ୍ୟ ବିସ୍ତାର ହେବା ଦରକାର। ଏହାର ସ୍ଥାୟୀ ସଦସ୍ୟଙ୍କ ସଂଖ୍ୟା ବୃଦ୍ଧି କରାଯାଉ। ଫ୍ରାନ୍ସ ଏହା ସମର୍ଥନରେ ରହିଛି। ଜର୍ମାନୀ, ଜାପାନ, ଭାରତ ଓ ବ୍ରାଜିଲ ଭଳି ଦେଶକୁ ୟୁଏନଏସସିର ସ୍ଥାୟୀ ସଦସ୍ୟତା ମାନ୍ୟତା ମିଳିବା ଦରକାର। ଏହା ବାଦ ଦୁଇ ଆଫ୍ରିକା ଦେଶର ପ୍ରତିନିଧି ମଧ୍ୟ ଏଠାରେ ରହିବା ଦରକାର। ତଥାପି ଏପରି ସଂସ୍କାର ମଧ୍ୟ ପରିଷଦର ପ୍ରଭାବକୁ ପୁନଃ ଲାଗୁ କରିପାରିବ ନାହିଁ। ତେଣୁ ୟୁଏନଏସସିର କାର୍ଯ୍ୟ ଶୈଳୀକୁ ବଦଳାଇବାକୁ ପଡ଼ିବ। ସାମୂହିକ ଅପରାଧ ବେଳେ ଭିଟୋ ପ୍ରୟୋଗ କରିବାର ଅଧିକାରର ସୀମା ନିର୍ଦ୍ଧାରଣ ହେବା ଉଚିତ। ଶାନ୍ତି ପ୍ରତିଷ୍ଠା ପାଇଁ ୟୁଏନଏସସି ଅଧିକ ଗୁରୁତ୍ୱ ଦେବା ସପକ୍ଷରେ ମାକ୍ରନ ମତ ରଖିଛନ୍ତି। ୟୁକ୍ରେନ ଓ ଗାଜାରେ ଚାଲିଥିବା ଯୁଦ୍ଧକୁ ରୋକିବାରେ ମିଳିତ ଜାତିସଂଘ ବିଫଳ ହୋଇଥିବା ବେଳେ ଏଥିରେ ସଂସ୍କାର ଆଣିବା ପାଇଁ ବର୍ତ୍ତମାନ ସ୍ୱର ଉଠିବାରେ ଲାଗିଛି।

## ସକାଳୁ ଦୌଡୁଥିଲେ ଯୁବକ, ରାସ୍ତାରେ ଟଳି ପଡ଼ିଲେ

**ନୂଆଦିଲ୍ଲୀ, ୨୬।୯:** ପୁଲିସ୍ ବିଭାଗରେ ଚାକିରି ପାଇବା ପାଇଁ ସ୍ୱପ୍ନ ଦେଖୁଥିଲେ। ଏଥିନିମନ୍ତେ ଶାରୀରିକ ପ୍ରସ୍ତୁତି ବି ଚଳାଇଥିଲେ। ପ୍ରତିଦିନ ସକାଳୁ ମାଇଲ ମାଇଲ ବାଟ ଦୌଡୁଥିଲେ। ମାତ୍ର ସବୁ ସ୍ୱପ୍ନ ଅଧୁରା ରହିଗଲା। ସକାଳେ ଦୌଡୁଥିବା ବେଳେ ହୃଦଘାତ ଯୋଗୁ ଟଳିପଡ଼ିଲେ ଯୁବକ। ଏପରି ଏକ ଅଭାବନୀୟ ଘଟଣା ଗୁଜରାଟର ଜାମନଗରରେ ଘଟିଛି। ଜାମନଗର ଅଞ୍ଚଳର ହେମନ୍ତ ଭାଇ ଜୋଗଲ ନାମକ ଯୁବକ ପୁଲିସ୍ ବିଭାଗରେ ଚାକିରି ପାଇଁ ଆଶାୟୀ ଥିଲେ। ଏଥିନିମନ୍ତେ ସେ ବିଭିନ୍ନ ପରୀକ୍ଷା ଦେଉଥିବା ବେଳେ ନିଜକୁ ଶାରୀରିକ ଭାବେ ଫିଟ୍ ରଖୁଥିଲେ। ଏଥିନିମନ୍ତେ ପ୍ରତିଦିନ ସକାଳେ ସାଙ୍ଗଙ୍କ ସହ ଦୌଡ଼ାଦୌଡ଼ି କରନ୍ତି। ଘଟଣା ଦିନ ସକାଳେ ଦୌଡୁଥିବା ବେଳେ ହଠାତ୍ ନିଜ ଉପରୁ ନିୟନ୍ତ୍ରଣ ହରାଇ ସେ ତଳେ ପଡ଼ି ଯାଇଥିଲେ। ପାଖରେ ଉପସ୍ଥିତ ସାଙ୍ଗମାନେ ତାଙ୍କୁ ଉଠାଇବାକୁ ଚେଷ୍ଟା କରିବାରୁ ସେ ଅଚେତ ହୋଇ ପଡ଼ିଥିଲେ। ତୁରନ୍ତ ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜିକାଲି ଯୁବବର୍ଗ ତଥା ପିଲାମାନେ ହୃଦଘାତ ଯୋଗୁ ଅକାଳରେ ଟଳି ପଡୁଥିବା ଘଟଣା ଚିନ୍ତାର କାରଣ ପାଲଟିଛି।

## ଦିଲ୍ଲୀ ବିଧାନସଭାର ଦୁଇଦିନିଆ ଅଧିବେଶନ

**ନୂଆଦିଲ୍ଲୀ, ୨୬।୯:** ଆଜିଠୁ ଦିଲ୍ଲୀ ବିଧାନସଭାର ଦୁଇ ଦିନିଆ ଅଧିବେସନ। ପ୍ରଥମ ଥର ପାଇଁ ଆତିଶୀ ମୁଖ୍ୟମନ୍ତ୍ରୀ ହେବା ପରେ ଏହି ଅଧିବେଶନରେ ଭାଗ ନେବେ। ସେହିପରି କେଜ୍ରିଓ୍ୱାଲ ବିଧାୟକ ରୂପେ ପ୍ରଥମ ଥର ପାଇଁ ଗୃହରେ ଉପସ୍ଥିତ ରହିବେ।

ବିଶେଷ କଥା ହେଉଛି କେଜ୍ରିୱାଲ ସମାନ ଆସନରେ ବସିବେ ନା ଏକ ଭିନ୍ନ ସିଟ୍ ସ୍ଥିର ହୋଇଛି ନା ମୁଖ୍ୟମନ୍ତ୍ରୀଙ୍କ ଅଫିସ ଭଳି ବିଧାନସଭାରେ ମଧ୍ୟ କେଜ୍ରିୱାଲଙ୍କ ଚୌକି ଖାଲି ରହିବ। ଆତିଶୀଙ୍କ ନିଷ୍ପତ୍ତି ଉପରେ ଏବେ ସମସ୍ତଙ୍କ ନଜର ରହିଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଚେୟାର ବାଚସ୍ପତିଙ୍କ ଆସନ ସମ୍ମୁଖରେ ଥିବାବେଳେ ବିରୋଧୀ ଦଳର ନେତାଙ୍କ ଚେୟାରରେ ୯୦ ଡିଗ୍ରୀ ରହିଥାଏ। ଏହାପୂର୍ବରୁ ସୋମବାର ଦିନ ଆତିଶୀ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ସମୟରେ ସିଏମ୍ ଅଫିସ୍‌ରେ ସେ କେଜ୍ରିଓ୍ୱାଲଙ୍କ ପାଇଁ ଚୌକି ଖାଲି ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆସନ ପାଖରେ ଆଉ ଏକ ଚୌକି ପକାଇ ସେ ବସିଥିଲେ। ଆତିଶୀ କହିଥିଲେ, 'ଯେପରି ରାମାୟଣରେ ସିଂହାସନରେ ରାମଙ୍କ କଠଉ ରଖି ଭରତ ରାଜ୍ୟଭାର ଗ୍ରହଣ କରିଥିଲେ ସେହିପରି ମୁଁ ଦିଲ୍ଲୀ ପାଇଁ କାମ କରିବି। କେଜ୍ରିଓ୍ୱାଲ ଫେରିବା ଯାଏ ଏହି ଚୌକି ତାଙ୍କ ପାଇଁ ଖାଲି ରହିବ।'



ଅନ୍ୟପଟେ ଆଜି ଆରମ୍ଭ ହେବାକୁ ଥିବା ଦିଲ୍ଲୀ ବିଧାନସଭା ଅଧିବେଶରେ ଆପ୍‌କୁ ଘେରିବା ପାଇଁ ଅଣ୍ଟା ଭିଡିଛି ବିଜେପି। ଦିଲ୍ଲୀ ବିଧାନସଭାରେ ବିରୋଧୀ ଦଳର ନେତା ବିଜୟେନ୍ଦ୍ର ଗୁପ୍ତା କହିଛନ୍ତି ଯେ ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବା ଏହି ଅଧିବେଶନରେ ସମସ୍ତ ବିଜେପି ବିଧାୟକ ଦିଲ୍ଲୀର ୨ କୋଟି ଲୋକଙ୍କ ସମସ୍ୟା ଉପରେ ଆଲୋଚନା କରିବେ। ୧୪ଟି ପ୍ରସଙ୍ଗରେ ସରକାରଙ୍କଠାରୁ ଜବାବ ମାଗିବ।

## ଶିଆ-ସୁନ୍ନି ସଙ୍ଘର୍ଷରେ ୨୫ ମୃତ

**ଲାହୋର, ୨୬।୯:** ପାକିସ୍ତାନର ଉତ୍ତର-ପଶ୍ଚିମ ଖାଇବର ପଖତନଖ୍ୱାରେ ଦୀର୍ଘ ଦିନ ଧରି ଶିଆ ଏବଂ ସୁନ୍ନି ମୁସଲିମଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ପୁଣି ଥରେ ମୁଣ୍ଡ ଟେକିଛି। ଦୁଇ ଗୋଷ୍ଠୀ ମଧ୍ୟରେ ସଙ୍ଘର୍ଷ ଘଟି ୨୫ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଏହି ହିଂସାରେ ଉଭୟ ପକ୍ଷରୁ ପ୍ରାୟ ୧୦ ହଜାରରୁ ଅଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଚେଷ୍ଟା କରାଯାଉଥିବା ଖାଇବର ପଖତନଖ୍ୱାର ଆଇନ ମନ୍ତ୍ରୀ ଅଫତାବ ଆଲମ କହିଛନ୍ତି। ସୂଚନା



ଅନୁସାରେ, ଏହି ଅଞ୍ଚଳରେ ଜମିଜମା ବିବାଦକୁ ନେଇ ସୁନ୍ନି ଏବଂ ଶିଆ ସମ୍ପ୍ରଦାୟ ମଧ୍ୟରେ ବିବାଦ ଲାଗି ରହିଛି। ଚଳିତ ବର୍ଷ ଜୁଲାଇରେ ମଧ୍ୟ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରବଳ ହିଂସା ଦେଖିବାକୁ ମିଳିଥିଲା। ଏଥିରେ ୫୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। କିଛି ଦିନର ବିରତୀ ପରେ ପୁଣି ଥରେ ହିଂସା ପରିସ୍ଥିତି ସୃଷ୍ଟି ହୋଇଛି। ହଜାର ହଜାର ସଂଖ୍ୟକ ମହିଳା ଓ ପୁରୁଷ ରାସ୍ତାକୁ ଓହ୍ଲାଇ ଆକ୍ରମଣ କରିଛନ୍ତି। ଏଥିରେ ୨୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଲୋକ ଆହତ ହୋଇଛନ୍ତି। ଖାଇବର ପଖତନଖ୍ୱାର ଆଇନ ମନ୍ତ୍ରୀ କହିଛନ୍ତି, "ସଙ୍ଘର୍ଷରେ କିଛି ଲୋକେ ଇରାନରେ ନିର୍ମିତ ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଏ ଉପରେ ନିଶ୍ଚୟ ତଦନ୍ତ ହେବ। ବର୍ତ୍ତମାନ ଶାନ୍ତି ଫେରାଇ ଆଣିବାକୁ ଚେଷ୍ଟା କରାଯାଉଛି।"

## ଲଗାଣ ବର୍ଷାରେ ବୁଡ଼ିଲା ମୁମ୍ବାଇ

**ମୁମ୍ବାଇ, ୨୬।୯:** ଲଗାଣ ବର୍ଷାରେ ବେହାଲ ମାୟାନଗରୀ ମୁମ୍ବାଇ। ଯୁଆଡେ ଦେଖିବ ସିଆଡେ ଖାଲି ପାଣି ଆଉ ପାଣି। ଗତ ତିନି ଦିନ ହେବ ଲାଗି ରହିଛି ପ୍ରବଳ ବର୍ଷା। କିଛି କିଛି ସ୍ଥାନରେ ଜଳବନ୍ଦୀ ସ୍ଥିତ ସୃଷ୍ଟି ହୋଇଛି। ଫଳରେ ଲୋକଙ୍କ ଟେନସନ୍ ବଢ଼ାଇ ଦେଇଛି। ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଚାଲୁଛି। ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଛି। ସେପଟେ ମୁକୁଳା ଡ୍ରେନ୍‌ରେ ବୁଡି ଯାଇ ଜଣଙ୍କ ମୃତ୍ୟୁ ହୋଇଛି। ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଚାଲିଥିବାରୁ ଟ୍ରାଫିକ ସମସ୍ୟା ମଧ୍ୟ ଉପୁଜିଛି। ଲୋକାଲ ଟ୍ରେନ୍‌ର ଗତି ଉପରେ ବର୍ଷା ବ୍ରେକ୍ ଲଗାଇ ଦେଇଛି। ସେହିପରି ୧୪ରୁ ଅଧିକ ବିମାନ ଉଡାଣକୁ ଡାଇଭର୍ଟ କରାଯାଇଛି। ୧୦୦ ମିମିରୁ ଅଧିକ ବର୍ଷା ହୋଇଥିବା ରେକର୍ଡ ହୋଇଛି। ସେପଟେ ପ୍ରବଳ ବର୍ଷା ଯୋଗୁ ମୁମ୍ବ୍ରା ବାଇପାସ୍ ରୋଡ୍‌ରେ ଭୂସ୍ଖଳନ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଛି। ପ୍ରଶାସନ ପକ୍ଷରୁ ରାସ୍ତାରୁ ମାଟି ଅତଡା ହଟାଇବା କାମ ଜାରି ରହିଛି।

### ସ୍କୁଲ-କଲେଜ ଛୁଟି, ଜଣେ ମୃତ



ନେହୁରୁ ନଗର ଭଳି କିଛି କିଛି ସ୍ଥାନରେ ଲୋକଙ୍କ ଘରେ ମଧ୍ୟ ପାଣି ପଶିଥିବା ଦେଖିବାକୁ ମିଳିଛି। ଭୀଷଣ ବର୍ଷା ନେଇ ମୁମ୍ବାଇ, ଥାଣେ, କୋଙ୍କଣ ଏବଂ ନାଶିକକୁ ରେଡ୍ ଆଲର୍ଟ ଜାରି କରିଛି ଆଇଏମଡି। ତେଣୁ ସ୍ଥିତି ଆଗକୁ ଆହୁରି ବିଗିଡିବା ନେଇ ଆଶଙ୍କା କରାଯାଉଛି। ଅନ୍ୟପଟେ ମୁମ୍ବାଇରେ ପ୍ରବଳ ବର୍ଷା ହେତୁ ଶିକ୍ଷା ମନ୍ତ୍ରୀ ଛୁଟି ଘୋଷଣା କରିଛନ୍ତି। ବିଏମସି ଏକ ନିର୍ଦ୍ଦେଶ ଜାରି କରି କହିଛି ଯେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଏମସି ଅଧୀନରେ ଥିବା ସମସ୍ତ ସ୍କୁଲ ଏବଂ କଲେଜ ଗୁରୁବାର ଦିନ ବନ୍ଦ ରହିବ। ସେହିପରି ମୁମ୍ବାଇ ପୁଲିସ ମାୟାନଗରୀ ବାସିନ୍ଦାଙ୍କୁ କେବଳ ଆବଶ୍ୟକ ସମୟରେ ଘରୁ ବାହାରକୁ ଯିବାକୁ ଅନୁରୋଧ କରିଛି। ଦୟାକରି ସୁରକ୍ଷିତ ରୁହନ୍ତୁ। କୌଣସି ଜରୁରୀକାଳୀନ ପରିସ୍ଥିତିରେ ୧୦୦ ଡାଏଲ୍ କରନ୍ତୁ ପୁଲିସ ନିଜ ଟ୍ୱିଟ୍ କରି ଜଣାଇଛି। ଗୁଜରାଟରେ ମଧ୍ୟ ପ୍ରବଳ ବର୍ଷା ଯୋଗୁଁ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ସୁରଟରେ ଅନେକ ରାସ୍ତା ଉପରେ ଚାଲୁଛି ପାଣି। ରାସ୍ତାରେ ପାଣି ଯୋଗୁ ଗମନାଗମନ ଏକପ୍ରକାର ବାଧା ଉପୁଜିଛି।

## ଅଡୁଆରେ ନେଟ୍‌ଫ୍ଲିକ୍ସ, ୪୭ କୋଟିର ଠକେଇ ଅଭିଯୋଗ ଆଣିଲେ ପ୍ରଡ୍ୟୁସର୍

**ମୁମ୍ବାଇ, ୨୬।୯:** ବଢ଼ିଲା ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସ ଇଣ୍ଡିଆର ଅଡୁଆ। ଠକେଇ ଅଭିଯୋଗ ଆଣିଲେ ବଲିଉଡର ଅନ୍ୟତମ ସବୁଠାରୁ ବଡ଼ ପ୍ରଡ୍ୟୁସର। ଫିଲ୍ମ ରାଇଟସ୍ ବଦଳରେ ନେଟ୍‌ଫ୍ଲିକ୍ସ କୁଆଡେ ୪୭ କୋଟିରୁ ଅଧିକ ଟଙ୍କା ଠକିଥିବା ପ୍ରଡ୍ୟୁସର ବାସୁ ଭଗନାନୀ ଅଭିଯୋଗ ଆଣିଛନ୍ତି। ଏବେ ଏହି ମାମଲାରେ ମୁମ୍ବାଇ ପୁଲିସର ଇକୋନୋମିକ୍ ଅଫେନ୍ସ ୱିଙ୍ଗ (ଇଓଡବ୍ଲ୍ୟୁ) ତଦନ୍ତ ଆରମ୍ଭ କରିଛି।

ଏକ ଏଜେନ୍ସି ରିପୋର୍ଟ ଅନୁଯାୟୀ, ଇଓଡବ୍ଲ୍ୟୁ ଜଣେ ଅଧିକାରୀ ଏହି ପୂରା ମାମଲାରେ ସୂଚନା ଦେଇଛନ୍ତି। ଅଧିକାରୀଙ୍କ କହିବା ଅନୁଯାୟୀ, ପ୍ରଡ୍ୟୁସର ବାସୁ ଭଗନାନୀ ଦାବି କରିଛନ୍ତି ଯେ ନେଟ୍‌ଫ୍ଲିକ୍ସ ତାଙ୍କର ତିନୋଟି ଫିଲ୍ମ - 'ହିରୋ ନଂ-୧', 'ମିଶନ୍ ରାନିଗଞ୍ଜ' ଏବଂ 'ବାଡେ ମିୟାଁ ଛୋଟ୍ ମିୟାଁ'ର ରାଇଟ୍‌ସ ନାଁରେ ଠକେଇ କରିଛି। ନିର୍ମାତା ଭାଗନାନୀ କହିଛନ୍ତି ଯେ ଏହି ତିନୋଟି ଫିଲ୍ମ ପାଇଁ ଷ୍ଟ୍ରିମିଂ ପ୍ଲାଟଫର୍ମ ତାଙ୍କୁ ୪୭.୩୭ କୋଟି ଟଙ୍କା ଦେଇଥାନ୍ତା। ହେଲେ ସେ ଏପର୍ଯ୍ୟନ୍ତ ନେଟ୍‌ଫ୍ଲିକ୍ସ ତରଫରୁ କୌଣସି ଟଙ୍କା ପାଇନାହାଁନ୍ତି। ପୂଜା ଏଣ୍ଟରଟେନମେଣ୍ଟ ନାମକ ପ୍ରଡକ୍ସନ ଓ ଡିଷ୍ଟ୍ରିବ୍ୟୁସନ କମ୍ପାନୀର ମାଲିକ ହେଉଛନ୍ତି ବାସୁ ଭଗନାନୀ। ସେ ଲସ୍ ଗାଟୋସ୍ ପ୍ରଡକ୍ସନ୍ କମ୍ପାନୀ ବିରୋଧରେ ଅଭିଯୋଗ ଦାଖଲ କରିଛନ୍ତି, ଯାହା ମାଧ୍ୟମରେ ନେଟ୍‌ଫ୍ଲିକ୍ସ ଭାରତରେ ତା'ର କଣ୍ଟେଣ୍ଟ ଇନ୍‌ଭେଷ୍ଟମେଣ୍ଟ କରେ। ତେବେ ବାସୁ ଭଗନାନୀ କରିଥିବା ଅଭିଯୋଗକୁ ଖଣ୍ଡନ କରିଛି ନେଟ୍‌ଫ୍ଲିକ୍ସ। ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସର ପ୍ରବକ୍ତା ଏକ ବୟାନ ଜାରି କରି କହିଛନ୍ତି ଯେ, 'ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ବାସ୍ତବରେ ପୂଜା ଏଣ୍ଟରଟେନମେଣ୍ଟ ଓଲଟା ନେଟ୍‌ଫ୍ଲିକ୍ସକୁ ଟଙ୍କା ଦେଇନି। ସେ ଟଙ୍କା ବକେୟା ରଖିଛି। ଆମ ପାଟନରସିପ୍‌ର ଟ୍ରାକ୍ ରେକର୍ଡ ବେଶ୍ ଜବରଦସ୍ତ ରହିଛି। ଆମେ ଏହି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରୁଛୁ।' ବାସୁ ଭଗନାନୀ ହେଉଛନ୍ତି ବଲିଉଡର ଜଣେ ଜଣାଶୁଣା ପ୍ରଡ୍ୟୁସର। ସେ ଅଭିନେତା ତଥା ନିର୍ମାତା ଜ୍ୟାକି ଭଗନାନୀଙ୍କ ବାପା। ସେ ବଲିଉଡକୁ ଅନେକ ହିଟ୍ ଫିଲ୍ମ ଦେଇଛନ୍ତି।

## ଅନ୍ ଲାଇନ୍ ଗେମିଂ ଆପ୍ ପଛରେ ଚୀନ୍ ନାଗରିକ

# ଭାରତରୁ ଠକି ନେଲେଣି ୪୦୦ କୋଟି

**ନୂଆଦିଲ୍ଲୀ, ୨୬।୯:** ଏକ ଅନଲାଇନ୍ ଗେମିଂ ଆପ୍ ଉପରେ ଚଢ଼ାଉ କରି ୪୦୦ କୋଟି ଟଙ୍କା ଠକେଇର ପର୍ଦ୍ଦାଫାସ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଏହି ଗେମିଂ ଆପରେ ଚୀନ୍ ନାଗରିକଙ୍କ ସମ୍ପୃକ୍ତି ଥିବା ମଧ୍ୟ ଜଣାପଡିଛି। ରିପୋର୍ଟ ଅନୁସାରେ, ଇଡି ଅନଲାଇନ୍ ଗେମିଂ ଆପ୍ ଫିୱିନ୍ ଉପରେ ଚଢାଉ କରିଥିଲା। ଏହି ଆପ୍ ସହ ଜଡ଼ିତ ଥିବା କେତେକ ଚୀନ୍ ନାଗରିକଙ୍କ ଆକାଉଣ୍ଟ ସହ ସେମାନଙ୍କ ଆକାଉଣ୍ଟରେ ଥିବା ପ୍ରାୟ ୨୫ କୋଟି ଟଙ୍କା ଅଚଳ କରାଯାଇଛି। ପୂର୍ବରୁ ଏହି ଠକେଇରେ ଚୀନ୍ ନାଗରିକଙ୍କୁ ସାହାଯ୍ୟ କରୁଥିବା ଅଭିଯୋଗରେ କୋଲକାତାର ଚାରି ଜଣ ନାଗରିକଙ୍କୁ ଗିରଫ କରିଥିଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ଅନଲାଇନ୍ ଆପ୍ ଠକାମି ନେଇ ଥାନାକୁ ଏକାଧିକ ମାମଲା ଆସିବା ପରେ ପୁଲିସ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଇଡିକୁ ମାମଲା ହସ୍ତାନ୍ତର କରିଥିଲା। ଏହାପରେ ପୁଲିସ କୋଲକାତାର ଚାରି ଜଣଙ୍କୁ ଗିରଫ କରି ଖୋଳତାଡ଼ ଆରମ୍ଭ କରିଥିଲା। ବିଶ୍ୱର ସର୍ବବୃହତ୍ତ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ (ଅଦଳବଦଳ) କରୁଥିବା କମ୍ପାନୀ ବିନାନ୍ସର ସହାୟତାରେ ଏହି ତଦନ୍ତ କରିଥିଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ।



### ଫିୱିନ୍ କିପରି ଠକେଇ କରେ ?

ବିନାନ୍ସର ରିପୋର୍ଟ ଅନୁସାରେ, ମିନି ଗେମ୍ ଖେଳିବା ଦ୍ୱାରା ଉପଭୋକ୍ତାମାନଙ୍କୁ ସହଜରେ ଟଙ୍କା ରୋଜଗାରର ସୁଯୋଗ ଦେଇ ଠକେଇ କରୁଥିଲା ଫିୱିନ୍। ୟୁଜର୍ ଆପର ଆକାଉଣ୍ଟ ଖୋଲିବା ମାତ୍ରେ ଏହାର ଗେମିଂ ପ୍ରକ୍ରିୟାରେ ସାମିଲ ହୁଅନ୍ତି। ଏହାପରେ ଗେମରୁ ରୋଜଗାର କରୁଥିବା ଟଙ୍କା ସେମାନଙ୍କ ଆକାଉଣ୍ଟରେ ଜମା ହୁଏ। ଯେତେବେଳେ ଆକାଉଣ୍ଟରେ ମୋଟା ଅଙ୍କର ଅର୍ଥ ଜମା ହୋଇଯାଏ, ସେତେବେଳେ ତୁରନ୍ତ ସେମାନଙ୍କ ଆକାଉଣ୍ଟ ହ୍ୟାକ୍ ହୋଇଯାଏ। ବ୍ୟବହାରକାରୀମାନେ ସେମାନଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ପାରନ୍ତି ନାହିଁ। ଏହାପରେ ଏହି ସବୁ ଟଙ୍କା ବିଭିନ୍ନ କ୍ରିପ୍ଟୋକରେନ୍ସି ଆଡ୍ରେସକୁ ଟ୍ରାନ୍ସଫର ହୋଇଥାଏ। ଏହି ଉପାୟରେ ଆପ୍ ଭାରତରୁ ପ୍ରାୟ ୪୦୦ କୋଟି ଟଙ୍କା ଲୁଟ୍ କରିଥିବା ଇଡି ତଦନ୍ତରୁ ଜଣାପଡିଛି। ଏଥିରେ ଚୀନ୍ ନାଗରିକଙ୍କ ସମ୍ପୃକ୍ତି ଥିବା ମଧ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜାଣିବାକୁ ପାଇଛି। ଆପ୍ ସହ ଜଡ଼ିତ କିଛି ଚୀନ୍ ନାଗରିକଙ୍କ ଆକାଉଣ୍ଟର ୨୫ କୋଟି ଟଙ୍କା ଅଚଳ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ।

# ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କଲେ ସାକିବ ଅଲ ହାସନ

**ନୂଆଦିଲ୍ଲୀ, ୨୬।୯:** ଅବସର ଘୋଷଣା କରିଛନ୍ତି ବାଂଲାଦେଶର କିମ୍ବଦନ୍ତୀ ଅଲରାଉଣ୍ଡର ସାକିବ ଅଲ ହାସନ। ଆସନ୍ତାକାଲି କାନପୁରରେ ଭାରତ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ଏହା ପୂର୍ବରୁ ସାକିବ ଅବସର ଘୋଷଣା କରିଛନ୍ତି।



ଦକ୍ଷିଣ ଆଫ୍ରିକା ବିପକ୍ଷ ମୀରପୁରରେ ସେ ତାଙ୍କ ଟେଷ୍ଟ କ୍ୟାରିୟରର ଶେଷ ମ୍ୟାଚ୍ ଖେଳିବେ ବୋଲି କହିଛନ୍ତି। ବାଂଲାଦେଶକୁ ଅନେକ ମ୍ୟାଚ୍‌ରେ ଜିତାଇଥିବା ସାକିବ ଦୀର୍ଘ ବର୍ଷ ଧରି ୩ଟି ଯାକ କ୍ରିକେଟ ଫର୍ମାଟ ଖେଳି ଆସୁଥିଲେ। ସାକିବ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ମଧ୍ୟ ଆଉ ଖେଳିବେ ନାହିଁ ବୋଲି ଆଜି ସ୍ପଷ୍ଟ କରିଛନ୍ତି।

ସେ କହିଛନ୍ତି, ଦକ୍ଷିଣ ଆଫ୍ରିକା ବିପକ୍ଷ ମୀରପୁର ମ୍ୟାଚ୍ ପରେ ମୁଁ ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ଚାହୁଁଛି। କିନ୍ତୁ ଯଦି ଉକ୍ତ ମ୍ୟାଚ୍ ସମ୍ଭବ ପର ହେବ ନାହିଁ, ତା'ହେଲେ ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ତାଙ୍କ ନାଲି ବଲ କ୍ୟାରିୟରର ଶେଷ ମ୍ୟାଚ୍ ହେବ। ସେ ନିଜ ଟି-୨୦ କ୍ୟାରିୟରର ଶେଷ ମ୍ୟାଚ୍ ପୂର୍ବରୁ ଖେଳି ସାରିଛନ୍ତି ବୋଲି ସାକିବ କହିଛନ୍ତି। ଏଯାଏ ୭୦ଟି ଟେଷ୍ଟ ମ୍ୟାଚ୍ ଖେଳିଥିବା ସାକିବ ୩୮.୩୩ ହାରରେ ୪୬୦୦ ରନ କରିଛନ୍ତି। ତାଙ୍କ ବ୍ୟାଟରୁ ୫ଟି ଶତକ ଓ ୩୧ଟି ୫୦ ଦେଖିବାକୁ ମିଳିଛି। ବ୍ୟାଟିଂ ବ୍ୟତୀତ ସେ ବୋଲିଂରେ ମଧ୍ୟ କମାଲ କରିଛନ୍ତି। ସେ ଟେଷ୍ଟ କ୍ରିକେଟରେ ୨୪୨ଟି ୱିକେଟ ନେଇଥିବା ବେଳେ ଏହା ମଧ୍ୟରେ ୫ଟି ଫାଇଫର ରହିଛି। ସେ ୨ ଥର ୧୦ଟି ୱିକେ ନେବାର ମଧ୍ୟ ରେକର୍ଡ କରିଛନ୍ତି।

ଜଣେ ଭଲ ଅଲରାଉଣ୍ଡରର ମାନ୍ୟତା ପାଇ ଥିବା ସାକିବ ୨୦୦୭ରେ ଭାରତ ବିପକ୍ଷ ଚିତ୍ତୋଗ୍ରାମ ଟେଷ୍ଟରେ ଡେବ୍ୟୁ କରିଥିଲେ। ଏବେ ସେ ୩୭ ବର୍ଷ ବୟସରେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି।

# ମାତ୍ର ୩୫ ରନ୍ କରିବା ମାତ୍ରେ ଇତିହାସ ରଚିବେ କୋହଲି



ନୂଆଦିଲ୍ଲୀ, ୨୬।୯: ଭାରତୀୟ ଦଳର ତାରକା ବ୍ୟାଟ୍ସମ୍ୟାନ ବିରାଟ କୋହଲିଙ୍କ ନଜର ଏକ ବଡ଼ ରେକର୍ଡ ଉପରେ ରହିଛି। କାନପୁର ଟେଷ୍ଟରେ ସେ ମହାନ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିବାର ସୁଯୋଗ ରହିଛି। କିଙ୍ଗ କୋହଲି ଅନ୍ତର୍ଜାତୀୟ କ୍ରିକେଟରେ ୨୭ ହଜାର ରନ ଆକଳନରୁ ମାତ୍ର ୩୫ ରନ ଦୂରରେ ଅଛନ୍ତି। ଚେନ୍ନାଇ ଟେଷ୍ଟ ପୂର୍ବରୁ ସେ ଏହି ଆକଳନରୁ ୫୮ ରନ ଦୂରରେ ଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ୨୭ ହଜାର ରନ୍‌ରେ ପହଞ୍ଚିବାରେ ତେନ୍ଦୁଲକର ଦ୍ରୁତତମ ଖେଳାଳି। ସେ ୬୨୩ ଇନିଂସରେ (୨୨୬ ଟେଷ୍ଟ ଇନିଂସ, ୩୯୬ ଦିନିକିଆ ଇନିଂସ, ଗୋଟିଏ ଟି-୨୦ ଇନିଂସ) ରେ ଏହା କରିଥିଲେ। କୋହଲି ଏପର୍ଯ୍ୟନ୍ତ ସମସ୍ତ ଫର୍ମାଟ ସହିତ ୫୯୩ ଇନିଂସରେ ୨୬୯୬୫ ରନ ସ୍କୋର କରିଛନ୍ତି।

## ଆଇସିସି ମାନ୍ୟତାରେ ବଡ଼ ଧରଣର ଅଦଳବଦଳ

# ଶ୍ରେଷ୍ଠ ୧୦ରେ ପନ୍ତ, ଗୁରବାଜ୍






ଦୁବାଇ, ୨୬।୯: ପାଖାପାଖି ୭୦୦ ଦିନ ପରେ ଟେଷ୍ଟ୍ କ୍ରିକେଟ୍‌କୁ ଫେରି ବାଂଲାଦେଶ ବିପକ୍ଷରେ ଅନ୍ୟତମ ମ୍ୟାଚ୍ ବିଜୟୀ ପାଳି ଖେଳିଥିବା ଭାରତୀୟ ୱିକେଟ୍‌ରକ୍ଷକ ଋଷଭ ପନ୍ତ ପୁଣି ଥରେ ଆଇସିସି ଟେଷ୍ଟ୍ ମାନ୍ୟତାରେ ଧମାକାଦାର ପ୍ରବେଶ କରିଛନ୍ତି। ସଦ୍ୟ ପ୍ରକାଶିତ ମାନ୍ୟତାରେ ସେ ସିଧାସଳଖ ଷଷ୍ଠ ସ୍ଥାନକୁ ଲମ୍ଫ ମାରିଛନ୍ତି। ହେଲେ ଏହି ଟେଷ୍ଟ୍‌ର ଉଭୟ ପାଳିରେ ବିଫଳ ହୋଇଥିବା ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କ ସହ ବରିଷ୍ଠ ବ୍ୟାଟର୍ କୋହଲିଙ୍କ ମାନ୍ୟତାରେ ବିରାଟ ଅବନତି ଦେଖିବାକୁ ମିଳିଛି। ରୋହିତ ୫ଟି ସ୍ଥାନ ତଳକୁ ଖସି ଦଶମ ସ୍ଥାନରେ ପହଞ୍ଚି ଯାଇଥିଲା ବେଳେ କୋହଲି ମଧ୍ୟ ଅନୁରୂପ ଭାବେ ୫ଟି ସ୍ଥାନ ଖସି ଶ୍ରେଷ୍ଠ ୧୦ ବାହାରକୁ ଚାଲି ଯାଇଛନ୍ତି।

କୋହଲି ସଂପ୍ରତି ଦ୍ୱାଦଶ ସ୍ଥାନରେ ଅଛନ୍ତି। ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ୍‌ର ପ୍ରଥମ ପାଳିରେ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଯୁବ ଓପନର୍ ଯଶସ୍ୱୀ ଜୟସ୍ୱାଲ ପଞ୍ଚମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଅନ୍ୟପକ୍ଷରେ ଆଫଗାନିସ୍ତାନର ଚର୍ଚ୍ଚିତ ଓପନର ରହମନୁଲ୍ଲା ଗୁରବାଜ ଇତିହାସ ରଚିଛନ୍ତି। ଆଫଗାନିସ୍ତାନର ପ୍ରଥମ ବ୍ୟାଟର୍ ଭାବେ ଏହି ମାନ୍ୟତାର ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ପ୍ରବେଶ କରିଛନ୍ତି ସେ। ନିଜ ୨୩ତମ ଜନ୍ମଦିବସରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦ୍ରୁତ ଓ ଦାୟିତ୍ୱବାନ ଶତକ ଅର୍ଜନ କରିଥିବା ଗୁରବାଜ ଏକାଥରକେ ଦଶଟି ସ୍ଥାନ ଲମ୍ଫ ମାରି ଅଷ୍ଟମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଏହା ପୂର୍ବରୁ ଏହି ଦେଶର ଇବ୍ରାହିମ ଜର୍ଦାନ ନିଜ ଦେଶର ସର୍ବଶ୍ରେଷ୍ଠ ମାନ୍ୟତା ହାସଲ କରିଥିଲେ। ତେବେ ଦ୍ୱାଦଶ ସ୍ଥାନରେ ରହି ଶ୍ରେଷ୍ଠ ୧୦କୁ ଯାଇପାରି ନଥିଲେ। ଗୁରବାଜ୍ ଏବେ ତାଙ୍କୁ ଟପି ଯାଇଛନ୍ତି। ଇଂଲଣ୍ଡର ଜୋ ରୁଟ୍ ଟେଷ୍ଟ୍ ମାନ୍ୟତାର ଏକ ନମ୍ବର ସ୍ଥାନରେ ସ୍ଥିର ରହିଛନ୍ତି।

ବୋଲର ମାନ୍ୟତାରେ ଚେନ୍ନାଇ ଟେଷ୍ଟ୍‌ର ଶ୍ରେଷ୍ଠ ଖେଳାଳି ଆର୍. ଅଶ୍ୱିନ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ତାଙ୍କ ପଛକୁ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍ରା ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଶ୍ରେଷ୍ଠ ୧୦ ବୋଲର ମାନ୍ୟତା ତାଲିକାରେ ଥିବା ଅନ୍ୟତମ ଭାରତୀୟ ସ୍ପିନର ହେଉଛନ୍ତି ରବୀନ୍ଦ୍ର ଜାଡ଼େଜା (୭)। ବୋଲରଙ୍କ ଭଳି ଶ୍ରେଷ୍ଠ ଅଲରାଉଣ୍ଡର୍ ମାନ୍ୟତାର ପ୍ରଥମ ଦୁଇ ସ୍ଥାନରେ ମଧ୍ୟ ଦୁଇ ଭାରତୀୟ ଜାଡ଼େଜା ଓ ଅଶ୍ୱିନ ରହିଛନ୍ତି।

# ରୋହିତଙ୍କ ନାମରେ ଟାଟୁ ଆଙ୍କିଛନ୍ତି ପ୍ରଶଂସକ

**ନୂଆଦିଲ୍ଲୀ, ୨୬।୯:** କ୍ରିକେଟ ଖେଳ ତଥା ଖେଳାଳିଙ୍କ ପାଇଁ ଲୋକେ ପାଗଳପ୍ରାୟ ହୋଇଯାଇଥାଆନ୍ତି। ଯେତେ ଅସୁବିଧା ଥିଲେ ବି କ୍ରିକେଟ ପ୍ରେମୀ ପ୍ରତିଟି ମ୍ୟାଚ ଦେଖିବା୍ ପାଇଁ ଷ୍ଟାଡିୟମରେ ପହଞ୍ଚି ଯାଇଥାଆନ୍ତି। ଯେଉଁମାନେ ଷ୍ଟାଡିୟମ ଯାଇ ପାରନ୍ତି ନାହିଁ ସେମାନେ ସମସ୍ତ କାମକୁ ପଛରେ ପକାଇ ଦେଇ ଖେଳ ଦେଖିବା ପାଇଁ ଟେଲିଭିଜନ ସାମ୍ନାରେ ବସିଯାଇଥାଆନ୍ତି। ଏଭଳି କ୍ରମରେ ଯଦି କୌଣସି କ୍ରିକେଟ ଖେଳାଳିଙ୍କୁ ଆଖି ସାମ୍ନାରେ ଦେଖିବା ପାଇଁ ପ୍ରଶଂସକମାନେ ସୁଯୋଗ ପାଇଯାଇଥାଆନ୍ତି ସେମାନଙ୍କ ପାଇଁ ଏହାଠାରୁ ଖୁସିର ମୁହୂର୍ତ୍ତ ଆଉ କିଛି ହୋଇ ନଥାଏ। ନିକଟରେ କ୍ରିକେଟ ଖେଳ ତଥା ଖେଳାଳିଙ୍କୁ ଭଲ ପାଉଥିବା ଜଣେ ଫ୍ୟାନ୍ସ ପିଠିରେ ଆଙ୍କିଥିବା ଟାଟୁ ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିଲା। ଯାହାକି ଭାଇରାଲ ହୋଇଯାଇଛି। ଫ୍ୟାନ୍ସ ଜଣକ ନିଜ




ପିଠରେ ଭାରତ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମାଙ୍କ ନାମରେ ଆଙ୍କିଛନ୍ତି। ଟାଟୁରେ ଫ୍ୟାନ୍ସଜଣକ ରୋହିତ ଶର୍ମାଙ୍କ ନାମରେ ଏଯାବତ ଥିବା ରେକର୍ଡକୁ ଆଙ୍କିଛନ୍ତି।

ଭାରତ ଏବଂ ବାଂଲାଦେଶ ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜର ଦ୍ୱିତୀୟ ମ୍ୟାଚ୍ ସେପ୍ଟେମ୍ବର ୨୭ରେ କାନପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମରେ ଖେଳାଯିବ ଏବଂ ଏଥିପାଇଁ ଉଭୟ ଦଳର ଖେଳାଳି କାନପୁରରେ ପହଞ୍ଚି ଯାଇଛନ୍ତି। ଉଭୟ ଦଳ ୨୫ ଓ ୨୬ ସେପ୍ଟେମ୍ବର ପର୍ଯ୍ୟନ୍ତ ଅଭ୍ୟାସ କରିବେ । ଏହି ସମୟ ମଧ୍ୟରେ ମ୍ୟାଚ୍ ପାଇଁ ୱିଣ୍ଡୋ ଟିକେଟ୍ ବିକ୍ରି ଆରମ୍ଭ ହେବ। ଏହା ବ୍ୟତୀତ ଲୋକମାନେ ଅନଲାଇନରେ ଟିକେଟ ବୁକିଂ ମଧ୍ୟ କରୁଛନ୍ତି। ଏହି ସମୟରେ, ରୋହିତ ଶର୍ମାଙ୍କ ଜଣେ ପ୍ରଶଂସକ ଯିଏ କି ଟିକେଟ୍ କିଣିବାକୁ ବୃନ୍ଦା ଜିଲ୍ଲାରୁ କାନପୁରରେ ଆସି ପହଞ୍ଚିଥିଲେ। ଯାହାକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଭାରତୀୟ ଅଧିନାୟକଙ୍କ ଏହି ପ୍ରଶଂସକ ଅନ୍ୟମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଥିଲେ। ବାସ୍ତବରେ ବୃନ୍ଦା ଜିଲ୍ଲାର ବାସିନ୍ଦା ଜିତେନ୍ଦ୍ର ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କର ଜଣେ ବଡ଼ ପ୍ରଶଂସକ। ଷ୍ଟାଡିୟମ ବାହାରେ ଟିକେଟ ବିକ୍ରି ପାଇଁ ରୋହିତ ଶର୍ମାଙ୍କ ପ୍ରଶଂସକ ଜିତେନ୍ଦ୍ର ଲାଇନରେ ଛିଡ଼ା ହୋଇଥିଲେ। ଏହି ସମୟରେ ତାଙ୍କ ପିଠିରେ ରୋହିତ ଶର୍ମାଙ୍କ ନାମାରେ ଅଙ୍କା ଯାଇଥିବା ଟାଟୁ ଦେଖିବାକୁ ମିଳିଥିଲା। ଏଥିସହିତ ରୋହିତଙ୍କ ଜର୍ସି ନମ୍ବର ୪୫ମଧ୍ୟ ଜିତେନ୍ଦ୍ରଙ୍କ ପିଠିରେ ଟାଟୁଭାବେ ଅଙ୍କା ଯାଇଥିବା ବି ନଜର ଆସିଛି।

# ଚେସ୍ ଅଲିମ୍ପିଆଡ୍ ବିଜେତାଙ୍କୁ ଭେଟିଲେ ମୋଦୀ



**ନୂଆଦିଲ୍ଲୀ, ୨୬।୯:** ବୁଦାପେଷ୍ଟ ଚେସ୍ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ପୁରୁଷ ଓ ମହିଳା ଦଳର ଖେଳାଳିମାନଙ୍କୁ ନୂଆଦିଲ୍ଲୀରେ ଭେଟିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଦିବ୍ୟା ଦେଶମୁଖ, ତାନିଆ ସଚଦେବ, ଡି ଗୁକେଶ, ଅର୍ଜୁନ ଇରିଗାସି, ଆର୍. ପ୍ରଜ୍ଞାନନ୍ଦଙ୍କ ସହିତ ମୋଦୀ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଜ୍ଞାନନ୍ଦ ଓ ଇରିଗାସୀଙ୍କ ମଧ୍ୟରେ ହୋଇଥିବା ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌କୁ ମଧ୍ୟ ମୋଦୀ ଉପଭୋଗ କରିଛନ୍ତି। ପରେ ସମସ୍ତ ଖେଳାଳିଙ୍କୁ ପ୍ରଧାନମନ୍ତ୍ରୀ ସମ୍ମାନିତ କରିଥିଲେ ଓ ଅଭିନନ୍ଦନ ଜଣାଇଥିଲେ। ଭାରତୀୟ ଦଳକୁ ମଧ୍ୟ ସର୍ବଭାରତୀୟ ଚେସ୍ ମହାସଂଘ ୩.୨ କୋଟି ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେପିରେ...

ରାମ ମନ୍ଦିର ନିର୍ମାଣ କରିବୁ କହିଥିଲୁ, କରି ଦେଖାଇଲୁ। କାଶ୍ମୀରରୁ ଧାରା ୩୭୦ ହଟାଇ ସମ୍ବିଧାନକୁ ସାର୍ବଭୌମ କରିଛୁ। ଏପରିକି ବିଜେପି ଲାଷ୍ଟ ମ୍ୟାନ୍ ଆଟ୍ ଲାଷ୍ଟ ମାଇଲରେ ବିଶ୍ୱାସ କରୁଥିବା ଦଳ। ସେଥିପାଇଁ ୨ ସେପ୍ଟେମ୍ବରରୁ ଏଯାଏଁ ୬ କୋଟି ନୂଆ ସଦସ୍ୟ ଦଳରେ ଯୋଡ଼ି ହେଲେଣି। ସଦସ୍ୟତା କହିବାରେ ନୁହେଁ ଅନ୍ ରେକର୍ଡ ଅଛି । ଏହି ସଦସ୍ୟତା ପରେ ଆକ୍ଟିଭ ସଦସ୍ୟ ଚୟନ ହେବେ। ଏହାପରେ ମଣ୍ଡଳ ନିର୍ବାଚନ, ଜିଲ୍ଲା ଓ ରାଜ୍ୟ ଏହାପରେ ନିର୍ବାଚନ ହୋଇ ରାଷ୍ଟ୍ରୀୟ ଅଧ୍ୟକ୍ଷ ବଛାଯିବ। ପୂର୍ବରୁ ୧୮ କୋଟି ସଦସ୍ୟ ଥିଲେ। ପ୍ରତି ୬ ବର୍ଷରେ ସମସ୍ତେ ନୂଆ ସଦସ୍ୟ ଯୋଡ଼ି ହୋଇଥାନ୍ତି । ଦେଶରେ ଦେଢ଼ ଲକ୍ଷ ଶକ୍ତିମଣ୍ଡଳ ଅଛି । ୩୫୦ ଲୋ ସଦସ୍ୟ, ୧୫୦୦ରୁ ଅଧିକ ବିଧାୟକ, ୭ ହଜାରରୁ ଅଧିକ କର୍ପୋରେଟର, ମେୟର , ମ୍ୟୁନିସିପାଲଟି ସଦସ୍ୟ ଅଛନ୍ତି। ଅର୍ଥନୀତିରେ ଆମେରିକା, ୟୁରୋପ, ଅଷ୍ଟ୍ରେଲିଆ, ଚାଇନା,ଜାପାନ ଖସିଛନ୍ତି ୫ପ୍ରତିଶତକୁ। ଆମ ଅର୍ଥନୀତିରେ ୭ ପ୍ରତିଶତ ଅଭିବୃଦ୍ଧି ଲକ୍ଷ୍ୟ ରଖାଯାଇଛି। ବ୍ରିଟେନକୁ ପଛରେ ପକାଇ ଭାରତ ୧୧ରୁ ୫ମ ସ୍ଥାନରେ ପହଞ୍ଚିଛି। ତୃତୀୟ ଅର୍ଥନୀତି ହେବା ଆମ ଲକ୍ଷ୍ୟ। ୯୭ ପ୍ରତିଶତ ମୋବାଇଲ ଏବେ ଭାରତରେ ତିଆରି ହେଉଛି । ଅଟୋ ମୋବାଇଲରେ ଆମେ ତୃତୀୟ ଅର୍ଥନୀତିରେ ପହଞ୍ଚିଛେ।

ଏହି ଅବସରରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଆହୁରି କହିଛନ୍ତି, ମେଟ୍ରୋ, ଫ୍ଲାଇ ଓଭରର ଭିତ୍ତିଭୂମି ପାଇଁ ୧୦ଲକ୍ଷ ଖର୍ଚ୍ଚ ହୋଇଛି। ଆୟୁଷ୍ମାନ ଭାରତ ବିଶ୍ୱର ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ଯୋଜନା। ଏଥିରେ ୭୦ବର୍ଷରୁ ଅଧିକ ବୟସ୍କଙ୍କୁ ସାମିଲ କରାଯାଇଛି। ଏଥିରେ ଆଉ ୬ କୋଟି ଲୋକ ସାମିଲ ହେବେ। ଆବାସ ଯୋଜନାରେ ଆଉ ୩ କୋଟି ନୂଆ ଘର ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଦଳକୁ ଅଧିକ ଦୃଢ଼ କରିବା ଓ ସଦସ୍ୟ ବଢ଼ାଇବେ ପାଇଁ ସଦସ୍ୟତା ଅଭିଯାନ କରାଯାଉଛି। ଗତଥର ରାଜ୍ୟରେ ୪୧ ଲକ୍ଷ ସଦସ୍ୟ ବୃଦ୍ଧି ପାଇଥିଲେ । ଦଳକୁ ସଶକ୍ତ ହେଲେ ସରକାରକୁ ଆସିବା ସହିତ ଜନସାଧାରଣଙ୍କ ସେବା କରିବାକୁ ଅଧିକ ସୁଯୋଗ ମିଳିଥାଏ । ସଦସ୍ୟତା ଅଭିଯାନର ୨୫ ଦିନିଆ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ହେଉଛି । ବିଜେପି ଲୋକଙ୍କ ସେବା କରିବା ପାଇଁ ସରକାରକୁ ଆସିଛି । ଡବଲ ଇଞ୍ଜିନ ସରକାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକୁ ସମର୍ଥନ କରି ଆପଣମାନେ କ୍ଷମତା ଦେଇଛନ୍ତି। ୨୦୧୯ରେ ଆମେ ବିରୋଧୀ ଦଳ ଆସନରେ ବସିଥିଲୁ। ନୂଆ ସରକାର ଗଠନ କରିଥିବାରୁ ଧନ୍ୟବାଦ ଦେଉଛି। ଏକ କୋଟି ସଦସ୍ୟ ସଂଗ୍ରହ ଲକ୍ଷ୍ୟ ନିଶ୍ଚିତ ଭାବରେ ପୂରଣ ହେବ। ସଦସ୍ୟତା ଅଭିଯାନ ମହାନ ପର୍ବରେ ଆପଣମାନେ ସାମିଲ ହେବାକୁ ଆସିଛନ୍ତି, ଆଶା କରିବି ଦଳ ଆହୁରି ଶକ୍ତିଶାଳୀ ହେବ।

କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ବିଜେପି କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ମନ୍ତ୍ରିମଣ୍ଡଳର ବରିଷ୍ଠ ସଦସ୍ୟଙ୍କ ସମେତ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ପ୍ରମୁଖ ସାମିଲ ହୋଇଥିଲେ। ଶ୍ରୀ ନଡ୍ଡା ପୂର୍ବାହ୍ନ ପ୍ରାୟ ୧୧ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପହଞ୍ଚିବା ପରେ ତାଙ୍କୁ ଦଳୀୟ କାର୍ଯ୍ୟକର୍ତ୍ତା ସ୍ୱାଗତ କରିଥିଲେ। ସେଠାରୁ ସେ ଦଳର ସଦସ୍ୟତା ସଂଗ୍ରହ ଅଭିଯାନରେ ସାମିଲ ହୋଇଥିଲେ।

### ବାଦଲଫଟା...

ଯାଜପୁର ଆଦି ଜିଲ୍ଲାରେ ପ୍ରବାହିତ ନଦୀଗୁଡ଼ିକରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଝାଡ଼ଖଣ୍ଡର ଗାଲୁଡିହ ବ୍ୟାରେଜ୍‌ରୁ ପାଣି ଛଡ଼ା ଯିବାରୁ ସୁବର୍ଣ୍ଣରେଖାରେ ବନ୍ୟା ଆଶଙ୍କା ପ୍ରକାଶ ପାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ବାଲିକୁଦାରେ ୧୦୫ ମିମି, ଜଗତସିଂହପୁର ୯୯.୧ ମିମି, ଉଦଲା ୯୪ ମିମି, କପ୍ତିପଦା ୯୨ ମିମି, ଗୋପ ୯୧ ମିମି, କେନ୍ଦୁଝରଗଡ଼ ୮୯ ମିମି, କଙ୍କଡ଼ାହାଡ଼ ୮୪.୪ ମିମି, ମହାକାଳପଡ଼ା ୮୦ ମିମି, ଅନୁଗୁଳ ୬୯ ମିମି ବର୍ଷା ରେକର୍ଡ ହୋଇଛି। ୨୪ଘଣ୍ଟା ମଧ୍ୟରେ ଘଡଘଡି ସହ ବର୍ଷା ହେବା ସମ୍ଭାବନା ଥିବାରୁ ଉତ୍ତର ଓଡ଼ିଶାରେ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ଏବଂ ଘଡ଼ଘଡ଼ି ହେବାର ସମ୍ଭାବନା ନେଇ ସତର୍କ କରିଛି ପାଣିପାଗ ବିଭାଗ। ପୁରୀ, ଖୋର୍ଦ୍ଧା, କଟକ ଏବଂ ଜଗତସିଂହପୁରକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି କେନ୍ଦ୍ରାପଡ଼ା, କେନ୍ଦୁଝର, ମୟୁରଭଞ୍ଜ, ଝାରସୁଗୁଡ଼ା, ରାୟଗଡ଼ା ଆଦି ୨୧ ଜିଲ୍ଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଅନ୍ୟପକ୍ଷରେ ଲଘୁଚାପ ଦୁର୍ବଳ ହେବାରେ ଲାଗିଛି ଏବଂ ଶୁକ୍ରବାର ବର୍ଷା ପରିମାଣ କମିପାରେ ବୋଲି ସୂଚନା ଦେଇଛି ପାଣିପାଗ ବିଭାଗ।

### ଜିଦ୍‌ରେ ...

୧୦ ଦଫା ଦାବି ନେଇ ବୁଧବାର ଠାରୁ ଆନ୍ଦୋଳନକୁ ଓହ୍ଲାଇଥିବା ନର୍ସିଂ ଅଫିସର ଜରୁରୀ ସେବାକୁ ବାଦ୍ ଦେଇ ଅନ୍ୟ ଡ୍ୟୁଟି ବନ୍ଦ ଡାକରା ଦେଇଥିଲେ। ଗତ ରାତିରେ ସରକାରଙ୍କ ସହିତ ସଂଘର ଆଲୋଚନା ହୋଇଥିଲା। କିନ୍ତୁ ଏହା ବିଫଳ ହୋଇଥିବାରୁ ଜରୁରୀକାଳୀନ ସେବା ବନ୍ଦ ଡାକରା ଦିଆଯାଇଛି ବୋଲି କହିଛନ୍ତି ରାଜ୍ୟ ନର୍ସିଂ ସଂଘ ସମ୍ପାଦିକା ସରୋଜିନୀ ଜେନା। ସେ କହିଛନ୍ତି, ଗତକାଲି ନର୍ସିଂ ଅଫିସର ସଂଘ ସହ ରାଜ୍ୟ ସରକାରଙ୍କ ଆଲୋଚନାରେ କୌଣସି ସୁଫଳ ମିଳିନାହିଁ। ତେଣୁ ଶୁକ୍ରବାରଠାରୁ ସମସ୍ତ ପ୍ରକାର କାର୍ଯ୍ୟବନ୍ଦ କରାଯିବ। ରାଜ୍ୟ ସରକାର ନର୍ସମାନଙ୍କୁ ନେଇ ଅଣଦେଖା କରୁଛନ୍ତି। ଏସମା ଲଗାଇ ସରକାର ଡରେଇବା ପାଇଁ ଚେଷ୍ଟା କରୁଛନ୍ତି, ସେଥିରେ ସଂଘ ବରଂ ଯେତିକି କ୍ଷତି ହେବ ନାହିଁ ରୋଗୀମାନେ ଅଧିକ ପ୍ରଭାବିତ ହେବେ। ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ସବୁ ଦିଗକୁ ନଜର ରଖି ନିଷ୍ପତ୍ତି ନିଆଯାଉ । ସୂଚନାଯୋଗ୍ୟ, ୨୦୧୩ ମସିହା ପୂର୍ବରୁ ନିଯୁକ୍ତି ପାଇଥିବା ନର୍ସିଂ ଅଫିସରଙ୍କ ୬ ବର୍ଷ ଚୁକ୍ତି ଭିତ୍ତିକ ଅବଧିକୁ ଚାକିରିରେ ମିଶାଇ ପଦୋନ୍ନତି ପ୍ରଦାନ, ବରିଷ୍ଠତା ଭିତ୍ତିରେ ସିନିୟର ନର୍ସିଂଙ୍କୁ ପଦୋନ୍ନତି, ସହକାରୀ ନର୍ସିଂ ଅଧୀକ୍ଷକ ପଦବୀରେ ପଦୋନ୍ନତି ଲାଗି ସ୍ଥିରୀକୃତ ଅବଧିକୁ କମ କରି ୧୬ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସେବା ଯୋଗାଇ ଆସୁଥିବା ବରିଷ୍ଠ ନର୍ସିଂ ଅଫିସରଙ୍କ ଦୁଇଟି ପଦୋନ୍ନତି ଦେବା, ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ନିୟୋଜିତ ସରକାରୀ ନର୍ସିଂ ଅଫିସରଙ୍କୁ ସିଏଚ୍‌ଓ ପଦବୀରୁ ଫେରାଇ ଆଣି ସରକାରୀ ହସ୍ପିଟାଲରେ ମୁତୟନ କରିବା ଆଦି ଦାବି ଉପସ୍ଥାପନ କରିଛି ସଂଘ । ଏହାବ୍ୟତୀତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନରେ ନର୍ସିଂ ଅଫିସରଙ୍କୁ ଓଡ଼ିଶା ନର୍ସିଂ ସର୍ଭିସ କ୍ୟାଡରେ ଅନ୍ତର୍ଭୁକ୍ତ କରିବା, ଡ୍ରେସ କୋର୍ଡ ପରିବର୍ତ୍ତନ, ଠିକା ସଂସ୍ଥା ମାଧ୍ୟରେ ହେଉଥିବା ନର୍ସିଂ ଅଫିସରଙ୍କ ନିଯୁକ୍ତି ବନ୍ଦ କରିବା ଭଳି ଦାବି ରଖିଛି ସଂଘ।

### ବଢୁଛି...

ବନ୍ଦୋବସ୍ତ ହୋଇଛି। ତେବେ ଇଭେଣ୍ଟ ସଂସ୍ଥା ଜରିଆରେ ଏଭଳି ପାଣିଭଳି ପଇସା ଖର୍ଚ୍ଚକୁ ବିଜେଡିର ଅନେକ ନେତା ପସନ୍ଦ କରୁନାହାନ୍ତି। ଏବେ ଯେଭଳି ପଇସା ଖର୍ଚ୍ଚ ହେଉଛି ଓ ତାହାକୁ ନିର୍ଦ୍ଦିଷ୍ଟ ଇଭେଣ୍ଟ ସଂସ୍ଥା ନେଉଛନ୍ତି ତାହା ଜାରି ରହିଲେ ବିଜେଡି ଘଡା ଅଳ୍ପ ଦିନରେ ଖାଲି ହୋଇଯିବ ବୋଲି କହୁଛନ୍ତି । ଗୋଟିଏ ପଟେ ଦଳ ସଭାପତି ନିର୍ବାଚନ ପରାଜୟର ସମୀକ୍ଷା କରୁନଥିବାବେଳେ ଅନ୍ୟ ପଟେ ଏଭଳି ନାଚଗୀତରେ ପଇସା ଖର୍ଚ୍ଚ କରିବା ଅନେକଙ୍କ ଆଶ୍ଚର୍ଯ୍ୟ ଓ ବ୍ୟଥିତ କରିଛି । ତେବେ ବିଜେଡିର ଗୋଟିଏ ଗୋଷ୍ଠି କହୁଛନ୍ତି ଯେ ପରାଜୟର ସମୀକ୍ଷା ହେଲେ ନବୀନଙ୍କ ନଜରକୁ ଅନେକ ସତ କଥା ଆସିଯିବ ଓ ମାମଲତକାରମାନେ ବଳି ପଡିଯିବେ। ତେଣୁ ସେଥିରୁ ନଜର ହଟାଇବାପାଇଁ ଏଭଳି ନାଚଗୀତର ଆୟୋଜନ ଚାଲିଛି । ତେବେ ଏଥିରେ କେବଳ ଇଭେଣ୍ଟ ସଂସ୍ଥା ଓ ତାକୁ କାମ ଦେଇଥିବା ମାମଲତକାରମାନେ ମାଲେମାଲ ହେଉଥିବାବେଳେ ବିଜେଡି ଦଳର ପଇସାଟିଏର ଲାଭ ହେଉନାହିଁ। ବରଂ ଦଳର ଗୋଷ୍ଠି କନ୍ଦଳ ନବୀନ ନିବାସରୁ ଆରମ୍ଭ ହୋଇ ଶଙ୍ଖଭବନରେ ଉଗ୍ର ହେବାରେ ଲାଗିଛି।

### ବଢ଼ିଲା...

ସଂଶୋଧନ ପରେ, ଅଣକୁଶଳୀ କାର୍ଯ୍ୟ ପାଇଁ ନିର୍ମାଣ, ସଫେଇ, ଲୋଡିଂ ଓ ଅନଲୋଡିଂରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ସେକ୍ଟର 'ଏ 'ରେ ସର୍ବନିମ୍ନ ମଜୁରି ଦିନକୁ ୭୮୩ ଟଙ୍କା (ମାସିକ ୨୦, ୩୫୮ ଟଙ୍କା) ହେବ।

ଅର୍ଦ୍ଧ କୁଶଳୀ ଶ୍ରମିକଙ୍କ ପାଇଁ ଏହା ଦୈନିକ ୮୬୮ ଟଙ୍କା ବା ମାସକୁ ୨୨, ୫୬୮ ଟଙ୍କା ମିଳିବ। କୁଶଳୀ ଶ୍ରମିକମାନେ ଦିନକୁ ୯୫୪ ଟଙ୍କା ଏପରି ମାସକୁ ୨୪,୮୦୪ ଟଙ୍କା ପାଇବେ। ଉଚ୍ଚ କୁଶଳୀ ଶ୍ରମିକମାନେ ପ୍ରତିଦିନ ୧୦୩୫ ଟଙ୍କା (ମାସକୁ ୨୬,୯୧୦) ଟଙ୍କା ପାଇବେ ବୋଲି ଧାର୍ଯ୍ୟ ହୋଇଛି।

### ଖସିଗଲା...

ଆତଙ୍କି ଲିଙ୍କ ପଦାକୁ ଆସିବା ବେଳେ ପୋଲିସର ଏଭଳି କାମ ନିହାତି ପ୍ରଶଂସା ଯୋଗ୍ୟ। କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି ବେଶ ପାରିବାର ନିଜକୁ ବୋଲାଉଥିବା ସ୍ପେଶାଲ ସ୍କ୍ୱାର୍ଡ କଣ' କିଛି ବାକ୍ସ ଜବତ କରି ନିଜର କାମ ସାରିଦେଲା ? ରାଜୁ ମଣ୍ଡଳ ନାମକ ଜଣେ ଭଡାଟିଆ ବ୍ୟତୀତ ଏ କେସରେ କଣ' ଦ୍ୱିତୀୟ ଅଭିଯୁକ୍ତକୁ ଧରିବାରେ ପୋଲିସ ସକ୍ଷମ ହେଲା ନାହିଁ? ଯଦି ହେଲାନାହିଁ ତେବେ ବାଂଲାଦେଶ, ପାକିସ୍ତାନ ନାଁ କହି କାହିଁକି ବାଃ ବାଃ ନେଉଥିଲା କମିଶନରେଟ ପୋଲିସ ?

ଭରତପୁର ଥାନା ଘଟଣା ଘଟିବା ପରେ ଟଙ୍କା ଖାଇ ଟିଙ୍କ ହୋଇଯାଇଥିବା ଏଭଳି ଅନେକ ଅଫିସରଙ୍କୁ ନେଇ ଏବେ ବଢ଼ିବାରେ ଲାଗିଛି ଚର୍ଚ୍ଚା । ଖୁବଶୀଘ୍ର ସେମାନଙ୍କ ଗୁମର ମଧ୍ୟ ଖୋଲିବୁ । ଚିଟଫଣ୍ଡ ଅଭିଯୁକ୍ତଙ୍କ ସହ ଲିଙ୍କ ପଦାକୁ ଆଣିବୁ । ଫାଇଭ ଷ୍ଟାର ହୋଟେଲ ଭିତରେ ହୋଇଥିଲା ଡିଲର ପର୍ଦ୍ଦାଫାସ ଖୁବଶୀଘ୍ର କରିବୁ । ଫେକ ଏନକାଉଣ୍ଟରର ସତ କହିବୁ। କିନ୍ତୁ ଏସବୁ ପୂର୍ବରୁ ସିମବକ୍ସ ନାମକ ବାକ୍ସର ତଦନ୍ତ କେତେବାଟ ଗଲା ତାହା କହିଲେ, ହୁଏତଃ କମିଶନରଙ୍କ ପାରିବାପାଣିଆ ଜାଣିପାରନ୍ତେ ଟୁଇନ ସିଟି ବାସିନ୍ଦା ।

### ସରୋଗେସୀ...

ଇତିମଧ୍ୟରେ ଉଦାର ମାତୃତ୍ୱ ପାଇଁ କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ଉଭୟ ମାତୃତ୍ୱ ଓ ପିତୃତ୍ୱ ଛୁଟି ସୁବିଧା ପ୍ରଦାନ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମଧ୍ୟ ରାଜ୍ୟ ସରକାରୀ କର୍ମଚାରୀଙ୍କୁ ଏହି ସୁବିଧା ପ୍ରଦାନ କରିଛନ୍ତି। ଏହାଦ୍ୱାରା ଜଣେ ମହିଳା କର୍ମଚାରୀ ଯଦି ୨ରୁ କମ୍ ଜୀବିତ ସନ୍ତାନ ଥାଇ ଉଧାର ମାତୃତ୍ୱ ଲାଭ କରନ୍ତି, ତେବେ ସେ ୧୮୦ ଦିନର ଛୁଟି ପାଇବାକୁ ଯୋଗ୍ୟ ବିବେଚିତ ହେବେ। ସେହିଭଳି ଜଣେ ସରକାରୀ ମହିଳା କର୍ମଚାରୀ ଯଦି ୨ରୁ କମ୍ ଜୀବିତ ସନ୍ତାନ ଥାଇ ଅଧିଷ୍ଠାତା ମାତା ବା କମିସନିଂ ମଦର ହୁଅନ୍ତି, ତେବେ ତାଙ୍କୁ ମଧ୍ୟ ୧୮୦ ଦିନର ଛୁଟି ମିଳିବ। କମିଶନିଂ ମଦରମାନେ ଅନ୍ୟ ମହିଳାଙ୍କ ଗର୍ଭରେ ଭ୍ରୂଣ ପ୍ରତିରୋପଣ ପାଇଁ ନିଜ ଡିମ୍ବାଣୁ ବ୍ୟବହାର କରନ୍ତି।

### ପୁତିନଙ୍କ ...

ଆମେରିକା ଏବଂ ନାଟୋ ଦେଶ ୟୁକ୍ରେନକୁ ଅନେକ ବିନାଶକାରୀ ଅସ୍ତ୍ର ଯୋଗାଇ ଦେଇଛନ୍ତି, କିନ୍ତୁ ୟୁକ୍ରେନକୁ ଏହି ମାରାତ୍ମକ କ୍ଷେପଣାସ୍ତ୍ର ବ୍ୟବହାର କରିବାକୁ ଅନୁମତି ଦିଆଯାଇ ନାହିଁ। ଯଦି ମାରାତ୍ମକ କ୍ଷେପଣାସ୍ତ୍ର, ଡ୍ରୋନ ଏବଂ ବିମାନ ଦ୍ୱାରା ଆକ୍ରମଣ କରାଯାଏ, ତେବେ ଏହାକୁ ମିଳିତ ଆକ୍ରମଣ ବୋଲି ବିବେଚନା କରି ଆଣବିକ ବୋମା ଦ୍ୱାରା ପ୍ରତିଶୋଧ ନେବେ ବୋଲି ପୁତିନ କହିଛନ୍ତି।

### ସିବିଆଇକୁ...

ଦ୍ୱାରସ୍ଥ ହୋଇଥିଲେ ସିଦ୍ଧରମେୟା। ହେଲେ କୋର୍ଟ ଏହାକୁ ଖାରଜ୍ କରିଦେଇଛନ୍ତି। ଫଳରେ ସିବିଆଇ ତଦନ୍ତ ପୂର୍ବରୁ ରାଜ୍ୟ ସରକାର କଟକଣା ଜାରି କରିଛନ୍ତି।

### ସରକାରୀ କର୍ମଚାରୀଙ୍କ ପରକୀୟା ପ୍ରୀତି

# ରାସ୍ତାରେ ଗଡ଼ାଗଡ଼ି ହେଲେ ପ୍ରେମିକପ୍ରେମିକା

**କେନ୍ଦ୍ରାପଡ଼ା, ୨୬।୯ (ସଂଚାର ବ୍ୟୁରୋ):** ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଦୁଇ ସରକାରୀ କର୍ମଚାରୀଙ୍କ ପରକୀୟା ପ୍ରିତୀ ଦାଣ୍ଡରେ ପଡି ହାଟରେ ଗଡିଛି। ଆଉ ସବୁଠୁ ଆଶ୍ଚର୍ଯ୍ୟ କଥା ହେଉଛି ଉଭୟ କର୍ମଚାରୀ ବିବାହିତ। ଦୀର୍ଘ ଦୁଇବର୍ଷ ଧରି ଉଭୟଙ୍କ ମଧ୍ୟରେ ଏହି ଗୋପନ ପ୍ରେମପୀରତି ଚାଲିଥିଲା । କିନ୍ତୁ କିଛିମାସ ହେବ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଆରମ୍ଭ ହୋଇଯାଇଛି । ଫଳରେ ମହିଳା ବନ୍ଧୁ ଜଣକ ପୁରୁଷ ବନ୍ଧୁଙ୍କ ସହ ସଂପର୍କ କାଟିଦେବାକୁ ମନସ୍ତ କରିଥିଲେ । କିନ୍ତୁ ଏହାକୁ ସହଜରେ ଗ୍ରହଣ କରିପାରି ନଥିଲେ ପୁରୁଷ ବନ୍ଧୁ ଜଣଙ୍କ । ତେଣୁ ଉଭୟଙ୍କ ମଧ୍ୟରେ ବଚସା ହୋଇ ଫାଟ ସୃଷ୍ଟି ହୋଇଥିଲା । ଗୁରୁବାର କୌଣସି କାରଣକୁ ନେଇ ଉଭୟ ବନ୍ଧୁଙ୍କ ମଧ୍ୟରେ ବଚସା ହୋଇଥିଲା । ଯାହା ଫଳରେ କି ମହିଳା ବନ୍ଧୁଙ୍କୁ ପାନେ ଦେବାକୁ ଯୋଜନା କରିଥିଲେ ପୁରୁଷ ବନ୍ଧୁ ଜଣଙ୍କ। ପୁରୁଷ ବନ୍ଧୁ ଜଣକ ରାଜସ୍ୱ ନିରୀକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି । ମହିଳା ଜଣକ ତହସିଲରେ ରେକର୍ଡ କିପର ଭାବେ କାର୍ଯ୍ୟ କରୁଛନ୍ତି। ଗୁରୁବାର ସନ୍ଧ୍ୟାରେ ଅଫିସ କାର୍ଯ୍ୟ ସାରି ମହିଳା ଜଣକ ସ୍କୁଟିରେ ଘରକୁ ଫେରୁଥିଲେ । କିନ୍ତୁ ତହସିଲ କାର୍ଯ୍ୟାଳୟ ନିକଟରୁ ପୁରୁଷ ବନ୍ଧୁ ଜଣକ ତାଙ୍କୁ ଅନୁସରଣ କରିଥିଲେ । ଗୁଲନଗର ଦଣ୍ଡାମୁଣ୍ଡ ଛକ ନିକଟରେ ପୁରୁଷ ବନ୍ଧୁ ଜଣକ ମହିଳାଙ୍କ ସ୍କୁଟିକୁ ସାଇଡ ମାରିଥିଲେ । ଫଳରେ ମହିଳା ଜଣକ ତଳେ ପଡି ଯାଇଥିଲେ। ଏହାପରେ ଉଭୟ ରାସ୍ତାରେ ଗଡ଼ାଗଡ଼ି ହୋଇଥିଲେ । ସ୍ଥାନୀୟ ଲୋକମାନେ ଏଥିରେ ହସ୍ତକ୍ଷେପ କରି ପୁରୁଷ ବନ୍ଧୁଙ୍କୁ ବହେ ଛେଚିଲେ। ଖବର ପାଇ ତହସିଲଦାର ଘଟଣା ସ୍ଥଳରେ ପହଞ୍ଚିବାରୁ ଉଭୟେ ତାଙ୍କୁ ଅଭିଯୋଗ କରିବାକୁ ଉଦ୍ୟମ କରିବାରୁ କାର୍ଯ୍ୟାଳୟ କଥା ପଦାରେ ପଡିଯିବା ଭୟରେ ଆହତ ମହିଳା କର୍ମଚାରୀ ଜଣଙ୍କୁ ତହସିଲଦାର ଏକ ଘରୋଇ ନର୍ସିଂହୋମକୁ ନେଇ ପ୍ରାଥମିକ ଚିକିତ୍ସା କରାଇଥିଲେ । ଚିକିତ୍ସା ପରେ ମହିଳା କର୍ମଚାରୀ ଜଣଙ୍କ ଘରକୁ ଫେରିଥିଲେ । ସୂଚନା ଅନୁଯାଇ ଉଭୟଙ୍କ ମଧ୍ୟରେ ୪ ମାସ ତଳେ ବଚସା ହୋଇ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା । ମାମଲା ସଦର ଥାନାକୁ ଯାଇଥିଲା ।

# ସର୍ପଘାତରେ ଯୁବକର ମୃତ୍ୟୁ

**ପାଟଣାଗଡ, ୨୬।୯ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅଧିନସ୍ଥ ଖପ୍ରାଖୋଲ ପଞ୍ଚାୟତ ଅନ୍ତର୍ଗତ ମହୁରୁଣ୍ଡି ଗାଁର ଶ୍ରୀଯୁକ୍ତ ହରି ମୁଣ୍ଡା ଓ ସ୍ତ୍ରୀ ନୁଆଁଦେଈ ମୁଣ୍ଡା ଙ୍କ ଦ୍ୱିତୀୟ ପୁଅ ଶକ୍ତିମାନ ମୁଣ୍ଡା (ଗୁଲଠୁ) ୨୫ ବର୍ଷ । ପ୍ରତିଦିନ ପରି ଗତକାଲି ବାପାଙ୍କ ଭଉଣୀ ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ ଦଂଶନରେ ଗୁରୁତର ହେବା ପରେ ଆମ୍ବୁଲାନ୍ସରେ ପାଟଣାଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ



ନେଇଥିଲେ। ଡାକ୍ତର ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବଲାଙ୍ଗୀରକୁ ରେଫର କଲେ। ବଲାଙ୍ଗିର ଡାକ୍ତର ତାଙ୍କୁ ବୁର୍ଲା ଚିକିତ୍ସାଳୟକୁ ରେଫର କରିଥିଲେ । ତେବେ ଚିକିତ୍ସାଧୀନ ଅବସ୍ଥାରେ ଯୁବକର ମୃତ୍ୟୁ ହୋଇଥିବା ଜଣାପଡିଛି । ପରିବାର ଚଳାଉଥିବା ପୁତ୍ରର ମୃତ୍ୟୁରେ ବାପା ମା' ମର୍ମାହତ। ଯୁକ୍ତ ୨ ପଢୁଥିବା ପୁତ୍ର ଅର୍ଥ ଅଭାବରୁ ପାଠପଢ଼ା ଛାଡି କାମକରି ଘର ଚଳାଉଥିଲେ । ଏପରି ସ୍ଥଳେ ସରକାରଙ୍କ ତରଫରୁ କିଛି ଆର୍ଥିକ ମିଳିବା ପାଇଁ ମୃତକଙ୍କ ବାପା, ମାଁ ଅନୁରୋଧ କରିଛନ୍ତି ।



### ଆଜି ହେବ ଅନାସ୍ଥା ଭୋଟ

# ବିବାଦ ଘେରରେ ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳର ଭାଗ୍ୟ

**ନୟାଗଡ଼, ୨୬।୯ (ସଂଚାର ବ୍ୟୁରୋ):** ଆଜି ନିର୍ଣ୍ଣାୟକ ହେବ ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ଭାଗ୍ୟ । ଅଧ୍ୟକ୍ଷା ପଦକୁ ନେଇ ଅନାସ୍ଥା ଆସିଥିବା ବେଳେ ଭୋଟ ହେବ କି ନାହିଁ, ନା ପୂର୍ବ ପରି ବାତିଲ ହେବ ତାକୁ ନେଇ ଦ୍ୱନ୍ଦ୍ୱ ନୟାଗଡ଼ ଜିଲ୍ଲାବାସୀ । ସେପ୍ଟେମ୍ବର ୧୭ ତାରିଖରେ ଅନାସ୍ଥା ହେବାକୁ ଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶଙ୍କୁ ଚଞ୍ଚକତା କରି ଅନ୍ୟତ୍ର ଡ୍ୟୁଟିରେ ପଠାଇ ଅନାସ୍ତାକୁ ବାତିଲ କରିଥିଲେ। ପରବର୍ତ୍ତୀ ସମୟରେ ଆନ୍ଦୋଳନ ପରେ ଜିଲ୍ଲାପାଳ ସେପ୍ଟେମ୍ବର ୨୭ ତାରିଖରେ ପୁନଃ ଅନାସ୍ଥା ଭୋଟ ହେବ ବିଜ୍ଞପ୍ତି ପ୍ରକାଶ କରିଥିଲେ। ବିଜ୍ଞପ୍ତି ପ୍ରକାଶ ପାଇଲା ପରେ ଅଧ୍ୟକ୍ଷା ସମର୍ଥକମାନେ ଅପହରଣ ମାମଲା ଆଣି ଅନାସ୍ଥା ଭୋଟ ଉପରେ ଦ୍ୱନ୍ଦ୍ୱ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲେ।

କିନ୍ତୁ ମାନ୍ୟବର କୋର୍ଟ ସମସ୍ତ ତଥ୍ୟକୁ ବୁଝି ବିଚାରି ଅନାସ୍ଥାରେ ହେବ ବୋଲି କ୍ଲିନ ଚିଟ୍ ଦେଇଥିଲେ । ତେବେ ୨୬ ତାରିଖ ସଂନ୍ଧ୍ୟାରେ ପୋଲିସ ପ୍ରଶାସନ ତରଫରୁ ଖଣ୍ଡପଡା ସହରରେ ଫ୍ଲାଗ ମାର୍ଚ୍ଚ କରି ଆଇନ ଶୃଙ୍ଖଳା ସ୍ଥିତି ଅନୁଧ୍ୟାନ କରିଥିବା ବେଳେ ସକାଳ ପଇଲେ ଅନାସ୍ଥା ଭୋଟ ହେବ ବୋଲି ସୂଚନା ମିଳିଛି । ତେବେ ଗତ ନିର୍ବାଚନରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ ନିର୍ବାଚନ ଅଧିକାରୀ ଥିବା ବେଳେ ତାଙ୍କୁ ୨୭ ତାରିଖ ନିର୍ବାଚନରେ ପରିବର୍ତ୍ତନ କରି ଉପ ଜିଲ୍ଲାପାଳଙ୍କୁ ନିର୍ବାଚନର ଦାୟୀତ୍ୱ ଦିଆଯାଇଥିବା ନେଇ ବିଶେଷ ସୂତ୍ରରୁ ଜଣାପଡିଛି ।

# ଜ୍ୱରରେ କମ୍ପୁଛି ଗାଁ, ଗଲା ଦୁଇ ଜୀବନ

**ନବରଙ୍ଗପୁର/ରାଇଘର, ୨୬।୯ (ସଂଚାର ବ୍ୟୁରୋ):** ନବରଙ୍ଗପୁରର ଦୁଇଟି ଗାଁରେ ବ୍ୟାପୁଛି ମ୍ୟାଲେରିଆ। ଏଥିରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହେଉଛି। ଏବେ ବି ଜ୍ୱରରେ କମ୍ପୁଛି ଗାଁ । ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଯୋଡ଼େଙ୍ଗା ପଂଚାୟତ ନୁଆଗାଁ ସାନପାରା ଗାଁର ରାଇସିଂ ଗଣ୍ଡ ଓ ବଡ଼ପାରା ଗାଁରେ ବ୍ୟାପିଛି ମ୍ୟାଲେରିଆ। ଆଜି ଏହି ଜ୍ୱରରେ ଦୁଇଜଣ ପ୍ରାଣ ହରାଇଛନ୍ତି । ଏହି ଦୁଇ ଗାଁର ୧୬ ଜଣଙ୍କୁ ଜ୍ୱର ହେଉଥିବା ଯୋଗୁଁ ଘରେ ରହି ଚିକିତ୍ସିତ ହେଉଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମ୍ୟାଲେରିଆ ଯୋଗୁଁ ଜଣକର ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଥିବା ବେଳେ ଅନ୍ୟ ଜଣଙ୍କ ମୃତ୍ୟୁର କାରଣ ଜଣା ପଡି ନଥିବା ପ୍ରକାଶ କରିଛନ୍ତି। ହାଟଭରଣ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଟିମ ଓ ଜିଲ୍ଲା ମ୍ୟାଲେରିଆ ଟିମ ଗାଁରେ ରହି ଚିକିତ୍ସା କରୁଛନ୍ତି ।

ସୂଚନାଥାଉ କି କିଛି ଦିନ ତଳେ ଏହି ଦୁଇ ଗାଁର ୨୩ ଜଣ ଯୁବକ ରାୟଗଡା ଜିଲ୍ଲା ପାଞ୍ଚବାଇ କୁ ନୀଳଗିରି ଗଛ କାଟିବାକୁ ଯାଇ ସେହିଠାରୁ ଅସୁସ୍ଥ ହୋଇ ଦଶ ଦିନ ପୂର୍ବେ ଗ୍ରାମକୁ ଫେରି ଆସି ଚିକତ୍ସା ଆରମ୍ଭ କରିଥିଲେ । ଏହାପରେ ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଛି । ୨୫୦ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି । ବର୍ତ୍ତମାନ ଯାଏ ରାୟଗଡାରୁ ଫେରିଥିବା ୨୩ ଜଣଙ୍କ ମଧ୍ୟରୁ ୧୧ ଜଣ ମ୍ୟାଲେରିଆ ପଜିଟିଭି ଚିହ୍ନଟ ହୋଇଛନ୍ତି। ମୃତ ଦୁଇଜଣଙ୍କ ଶବ ସତ୍କାର କରାଯାଇଥିବା ବେଳେ ବର୍ତ୍ତମାନ ଗ୍ରାମରେ ଭୟର ବାତାବରଣ ଦେଖୁବାକୁ ମିଳିଛି।

# ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର ଓ ବୃକ୍ଷରୋପଣ

**ଖୋର୍ଦ୍ଧା, ୨୬।୯ (ସଂଚାର ବ୍ୟୁରୋ):** ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ କାଇପଦର, ଖୋର୍ଦ୍ଧା ପରିସରରେ ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ଉପଲକ୍ଷେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ କିଶୋର ଛୋଟରାୟଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ଡକ୍ଟର ଦିଲୀପ ଶ୍ରୀଚନ୍ଦନ ମୁଖ୍ୟ ଅତିଥି ଓ ମହାବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଡକ୍ଟର ଜନ୍ମେଜୟ ଚୌଧୁରୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କର ଚରିତ୍ର ଓ ବ୍ୟକ୍ତିତ୍ୱର ବିକାଶର ଉପଯୁକ୍ତ ମଧ୍ୟମ ସେବା ବୋଲି ମନ୍ତବ୍ୟ ପ୍ରଦାନ କରିଥିଲେ ।



ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ଶ୍ରୀମତୀ ଅନୁପମା ଚମ୍ପତିରାୟ ସ୍ୱାଗତ ଭାଷଣରେ ସେବା ମାଧ୍ୟମରେ ନେତୃତ୍ୱ ବିକାଶର ଅଭିଜ୍ଞତା ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ବକ୍ତା ଭାବରେ ଅଧ୍ୟାପିକା ସଚଳା ସାମନ୍ତରାୟ, ସୁଜ୍ଞାନୀଭଞ୍ଜ ସାମନ୍ତ , ଅନିତା ଦାସ, ଅନିତା ପଣ୍ଡା, ସବିତା ବେହେରା, ଅଧ୍ୟାପକ ସୁଧାଂଶୁ ଶେଖର ରଣସିଂହ, ସୌମ୍ୟରଞ୍ଜନ ମିଶ୍ର, ସୁମନ୍ତ ଦେହେରୀ ପ୍ରମୁଖ ସଭାରେ ଯୋଗଦେଇ ଛାତ୍ରଛାତ୍ରୀ ମାନେ ସେମାନଙ୍କ ଦକ୍ଷତା ମାଧ୍ୟମରେ ମହାବିଦ୍ୟାଳୟକୁ ଉଚ୍ଚ ସ୍ତରକୁ ନେଇପାରିବେ ବୋଲି ଦର୍ଶାଇଥିଲେ। ଅତିଥି ପରିଚୟ ଓ ଧନ୍ୟବାଦ୍ ପ୍ରଦାନ କରିଥିଲେ ଜାତୀୟ ସେବା ଯୋଜନାର ଅଧିକାରୀ ମାନସ କୁମାର ଜୟସିଂହ।

ପ୍ରାରମ୍ଭରୁ ଛାତ୍ରଛାତ୍ରୀମାନେ ଦେଶାତ୍ମବୋଧ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା "ଶ୍ରୀ ଜଗନ୍ନାଥ ବାଟିକାର" ଶୁଭ ଉଦଘାଟନ କରାଯିବା ସହ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଖୋର୍ଦ୍ଧାର କର୍ମଚାରୀମାନେ ଉପସ୍ଥିତ ରହି ୩୦ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ଶେଷରେ ମହାବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା ।

# କୁଚିଆ ମଦ ବନ୍ଦ ଦାବିରେ ତାତିଲେ ମହିଳା

**ସୁବର୍ଣ୍ଣପୁର, ୨୬।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ କୁଚିଆ ମଦ ଅବାଧ ବିକ୍ରି ଚାଲିଥିବାରୁ ଏବେ ବିଭିନ୍ନ ଜାଗାରେ ପ୍ରତିବାଦର ସ୍ୱର ଉଠିଲାଣି। ସେହି କ୍ରମରେ ଆଜି ଡୁଙ୍ଗୁରିପାଲି ବ୍ଲକର ରାମପୁର ଅଞ୍ଚଳରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସାଧାରଣ ଜନତା ଆଜି ଏକ ବିରାଟ ପଟୁଆରରେ ଆସି ରାମପୁର ଥାନାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଆଇଆଇସି ପଦ୍ମାସିନୀ ମେହେରଙ୍କୁ ଏକ ଦାବିପତ୍ର ଦେଇଛନ୍ତି।

ସେମାନଙ୍କ କହିବା କଥା ଯେ ରାମପୁର ଅଞ୍ଚଳର ବିଭିନ୍ନ ପଡା, ସାହି ବସ୍ତିରେ ବିଭିନ୍ନ ଅସାମାଜିକ ତତ୍ତ୍ୱଙ୍କ ଦ୍ୱାରା ଦେଶୀ ମଦର ଖୁଲମଖୁଲା ବ୍ୟବସାୟ ଚାଲିଛି। ଫଳରେ ଲୋକମାନେ ଘରେ କଳି କରି କଷ୍ଟ ଉପାର୍ଜିତ ଟଙ୍କା ସବୁକୁ ମଦ ପିଇ ସର୍ବସ୍ୱାନ୍ତ ହେଲେଣି।



ଅନେକ ଯୁବକ ନିଶାସକ୍ତ ହୋଇ ଅନେକ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତରହି ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଲାଣି। ଏପରିକି କିଛି ନାବାଳକ ସ୍କୁଲ ଛାତ୍ର ମଧ୍ୟ କୁସଙ୍ଗରେ ପଡ଼ି ପାଠରେ ଡୋରି ବାନ୍ଧିଥିବା ଘଟଣା ସବୁ ଦୃଷ୍ଟିରେ ଆସିଛି। ତେଣୁ ପ୍ରଶାସନ ଏ ଦିଗରେ ଦୃଷ୍ଟିଦେଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଅବିଳମ୍ବେ ସମସ୍ତ କୁଚିଆ ଦେଶୀମଦ ବିକୁଥିବା ବା ବେପାର ଚଳାଇଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଏହା ସଂପୂର୍ଣ୍ଣ ବନ୍ଦ୍ କରିବାକୁ ଦାବିପତ୍ର ରେ ଉଲ୍ଲେଖ କରିଛନ୍ତି। ଚୋରା ରନ୍ଧା ଖୋଲା ମଦ ବିକ୍ରି ହେଉଥିବା ଯୋଗୁଁ କେତେବେଳେ ଯେ ମଦ ମୃତ୍ୟୁ ଘଟିବାର ମଧ୍ୟ ଆଶଂକା କରିଛନ୍ତି।

ଏହା ପରେ ସେମାନେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀଙ୍କୁ ଭେଟି ଏହି ସମାନ ଦାବିପତ୍ର ଦେବା ସହ କୁଚିଆ ମଦର ବହୁଳ ପ୍ରଚଳନ ଯୋଗୁଁ ସେମାନେ ଭୋଗୁଥିବା ସମସ୍ତ ଦୁଃଖକୁ ବଖାଣିଛନ୍ତି। ସୂଚନା ଯୋଗ୍ୟ ଯେ ଏହି ଦାବିପତ୍ର ମଧ୍ୟ ସେମାନେ ସୁବର୍ଣ୍ଣପୁର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ରାମପୁର ତହସିଲଦାରଙ୍କୁ ମଧ୍ୟଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅବିଳମ୍ବେ ଯଦି ପ୍ରଶାସନ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରେ ତେବେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଲିଖିତ ଜଣାଇଛନ୍ତି।

# ହୃଦରୋଗରେ ଆକ୍ରାନ୍ତ ପିଲାଙ୍କ ପାଇଁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏକ ବରଦାନ

**କଳାହାଣ୍ଡି, ୨୬।୯ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ୨୬ ତାରିଖ ଗୁରୁବାରଦିନ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଅରବିଏସକେ) ଯୋଜନା ମାଧ୍ୟମରେ ଜନ୍ମରୁ ଅଠର ବର୍ଷ ଶିଶୁଙ୍କ ପାଇଁ ମାଗଣା ହୃଦରୋଗ ଚିକତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ କାଳାହାଣ୍ଡି ଜିଲ୍ଲା ତଥା ଏହାର ଆଖପାଖ ଜିଲ୍ଲାର ବିଭିନ୍ନ ବ୍ଲକରୁ ମୋଟ ୧୦୨ ପିଲା ଚିକିତ୍ସା ପାଇଁ ଆସିଥିଲେ । ଆରବିଏସକେ କାର୍ଯ୍ୟକ୍ରମ ଦ୍ୱାରା ଅନୁବନ୍ଧିତ ନାରାୟଣ ହୃଦାଳୟ ମୁମ୍ବାଇର ଅଭିଜ୍ଞ ହୃଦରୋଗ ବିଶେଷଜ୍ଞ ଡ. ସୁପ୍ରତିମ ସେନ ଓ ତାଙ୍କ ଟିମର ସହଯୋଗରେ ଏହି ସ୍ୱାସ୍ଥ୍ୟ ଶିବିରଟି ଆୟୋଜିତ ହୋଇଥିଲା । ଅନୁଷ୍ଠିତ କ୍ୟାମ୍ପରେ ପଂଜିକୃତ ୧୦୨ ଜଣ ଶିଶୁଙ୍କ ମଧ୍ୟରୁ ଗୁରୁତର ରୋଗୀ ମାନଙ୍କୁ ଚିହ୍ନଟ କରାଯାଇ ଅଧିକ ଚିକିତ୍ସା ବା ଅସ୍ତ୍ରୋପଚାର ପାଇଁ ମୁମ୍ବାଇ ସ୍ଥିତ ଏସଆରସିସି ଚିଲଡ୍ରେନ ହସ୍ପିଟାଲକୁ ପଠାଯିବାର ସୁବିଧା ରହିଛି। ଏପରିକି ରୋଗୀ ଏବଂ ସେମାନଙ୍କ ସେବାୟତଙ୍କ ପରିବହନ ଠାରୁ ଆରମ୍ଭ କରି ସମସ୍ତ ଚିକିତ୍ସା ଖର୍ଚ୍ଚ ଆରବିଏସକେ ବହନ କରେ। ଅରବିଏସକେ ମାଧ୍ୟମରେ ହେଉଥିବା ସ୍ୱାସ୍ଥ୍ୟ ଶିବିର ଏହି ଅଭାବକୁ ଦୂରୀଭୂତ କରି ଉତ୍ତମ ଚିକିତ୍ସା ଦେବାରେ ସହାୟକ ହୋଇପାରିଛି ଏବଂ ହୃଦରୋଗୀ ଶିଶୁଙ୍କ ପାଇଁ ବରଦାନ ସାଜିଛି । ଆଜିର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସୁଚେତା ପାଣି , ଉପଚିକିତ୍ସାଧିକାରୀ ଡ. ଦେବୀ ପ୍ରସାଦ ମହାପାତ୍ର, ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ କୃଷ୍ଣ ଚନ୍ଦ୍ର ପ୍ରଧାନ, ଷ୍ଟେଟ ସ୍କୁଲ ହେଲଥ କୋଅର୍ଡିନେଟର ପ୍ରଶାନ୍ତ ଦାସ ତଥା ନାରାୟଣ ହୃଦାଳୟର କର୍ମକର୍ତ୍ତା ସମେତ ଡ଼ିଏଆଇସିର ସମସ୍ତ କର୍ମକର୍ତ୍ତା ଓ ମୋବାଇଲ ହେଲଥ ଟିମର ଆୟୁଷ ଡାକ୍ତର, ଫାର୍ମାସିଷ୍ଟ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ରହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ପ୍ରକୃତରେ, ରାଷ୍ଟ୍ରିୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜନ୍ମଗତ ହୃଦ୍ ରୋଗରେ ପୀଡିତ ପିଲାମାନଙ୍କ ପାଇଁ ଏକ ବରଦାନ, କାରଣ ଏହା କେବଳ ଏହି ପିଲାମାନଙ୍କର ସ୍ୱାସ୍ଥ୍ୟ ଏବଂ ଜୀବନଶୈଳୀରେ ଉନ୍ନତି ଆଣେ ନାହିଁ ବରଂ ଦେଶରେ ଜନ୍ମଗତ ହୃଦ୍ ରୋଗର ସାମଗ୍ରିକ ଭାର ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।



# ବନ ବିଭାଗ ଦ୍ୱାରା ୮୨ ଖଣ୍ଡ ଶାଳ କାଠ ଜବତ

**ବୋରିଗୁମ୍ମା, ୨୬।୯ (ସଂଚାର ବ୍ୟୁରୋ):** ଜୟପୁର ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବୋରିଗୁମ୍ମା ବନାଞ୍ଚଳ ପକ୍ଷରୁ ଚଢ଼ାଉ କରାଯାଇ ୮୨ ଖଣ୍ଡ ଶାଳ କାଠ ଜବତ କରାଯାଇଛି। କୌଣସି ସୂତ୍ରରୁ ଖବର ପାଇ ବନ ବିଭାଗ ପାଟିଆସିଲ ନିକଟ ଏକ ଜଙ୍ଗଲରୁ ଅବାଧ ଭାବେ କଟାହୋଇ ରଖାଯାଇଥିବା ୭୦ ଖଣ୍ଡ ଶାଳ ସାଇଜ ଓ ୧୨ ଖଣ୍ଡ ଶାଳ ପଟା ଜବତ କରିଥିଲେ । ମୋଟ ୮୨ ଖଣ୍ଡ ଶାଳ କାଠକୁ ଏକ ନିର୍ଦ୍ଦିଷ୍ଟ ଗାଡ଼ିରେ ବୋରିଗୁମ୍ମା ସ୍ଥିତ କାର୍ଯ୍ୟାଳୟକୁ ଆଣିଥିଲେ। ଏନେଇ ଏକ କେସ ନମ୍ବର- ୪୫/୨୦୨୪ ରୁଜୁ କରାଯାଇଛି ବୋଲି ବୋଲି ବି ସିଂପୁର ସେକ୍ସନର ବନପାଳ ଶି ବସଙ୍କର ମହାପାତ୍ର ସୂଚନା ଦେଇଛନ୍ତି। ଚଢ଼ାଉରେ ବୋରିଗୁମ୍ମା ରେଞ୍ଜର ଡ଼ମ୍ବୁରୁଧର ଗମାଙ୍ଗ, ବନପାଳ ସୁଦାମ ଶତପଥୀ, ଶିବସଙ୍କର ମହାପାତ୍ର, ପ୍ରସାଦ ମିଶ୍ର, ଲଳିତା ବିଡ଼ିକା, ବନରଖ୍, ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ବୋରିଗୁମାର ବନାଧିକ, ଜୟପୁର ବନଖଣ୍ଡ କୁମାରୀ ରେଖାରାଣୀ ସାହୁ ଓ ବନାଞ୍ଚଳର ସମସ୍ତ ପାରା ଓ ଆଣ୍ଟି ସ୍କଗଲିଙ୍ଗ କର୍ମଚାରୀ ସାମିଲ ଥିଲେ। ସେହିଭଳି କିଛି ଦିନ ପୂର୍ବରୁ ବନ ବିଭାଗ ଦ୍ୱାରା ରାତ୍ରି କାଳୀନ ପେଟ୍ରୋଲିଂ ସମୟରେ ହରଦଳି- ପର୍ଲି ରାସ୍ତାରେ ସିମିଳି କାଠ ବୋଝେଇ ଏକ ଟ୍ରକ (ସିଜି ୦୪ ଏନପି -୭୫୪୫)କୁ ବୋରିଗୁମ୍ମା ବନ ବିଭାଗ ଜବତ କରିବା ସହ ଡ୍ରାଇଭର ସଞ୍ଜୟ କୁମାର ସିଂ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହି ଟ୍ରକରେ ପ୍ରାୟ ୧୧୮ ଖଣ୍ଡ ସିମିଳି କାଠ ଗଣ୍ଡି ରହିଥିଲା। ମୋଟ କାଠ କୁ ଜବତ କରିବା ସହ ଏକ ମାମଲା କେସ ନମ୍ବର-୪୨/୨୦୨୪ ରୁଜୁ କରାଯାଇଛି ବୋଲି ରେଞ୍ଜର ଡମ୍ବୁରୁଧର ଗମାଙ୍ଗ ସୂଚନା ଦେଇଛନ୍ତି ।

# ବାନୀପାଲିରେ ସୁରଭି କାର୍ଯ୍ୟକ୍ରମ

**ଭେଡେନ, ୨୬।୯ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଅନ୍ତର୍ଗତ ଭେଡେନ ବ୍ଲକ ଅଧିନସ୍ଥ ସଂକ୍ରିଡା କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯକ୍ରମ ବାନିପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଲୋକକଳା ଓ ସଂସ୍କୃତି ଆଧାରିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମଞ୍ଚାସିନ ହୋଇଥିଲେ ମୁଖ୍ୟଅତିଥି ଭାବରେ ଡାଲବ ସରପଞ୍ଚ ଶ୍ରୀଯୁକ୍ତ ରାଧେଶ୍ୟାମ ପୋତ, ବନିପାଲି ବିଦ୍ୟାଳୟର ଏସ୍ଏମ୍ସି ଚେୟାରମେନ ଶ୍ରୀଯୁକ୍ତ ରାଜେଶ ଡନସନା, ବାମଦେବ ପାଢ଼ୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉତ୍ତମରାଜ ପୁରୋହିତ, ସିଆର୍ସିସି ବିଶ୍ୱଜିତ ମହାପାତ୍ର, ବନିପାଲି ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ ପ୍ରଧାନ । ମଞ୍ଚ ପରିଚାଳନା ପ୍ରଦ୍ୟୁତ ପଣ୍ଡା କରିଥିବା ବେଳେ ରବି ନାରାୟଣ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଚେଷ୍ଟା ବଳରେ ସୁରଭି କାର୍ଯ୍ୟକ୍ରମ ସଫଳ ହୋଇଥିଲା।



## ଦେଶୀ ମଦ ଜବତ, ଦୁଇ ଅଭିଯୁକ୍ତ କୋର୍ଟ ଚାଲାଣ

**ବୈଶିଙ୍ଗା, ୨୬।୯ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଗୁରୁବାର ପୂର୍ବାହ୍ନ ସମୟରେ ଚଢ଼ାଉ କରି ଦୁଇ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଦେଶୀ ମଦ ଜବତ କରିଛି ବେତନଟୀ ଅବକାରୀ ବିଭାଗ । ମିଳିଥିବା ସୂଚନା ମୁତାବକ ଆଜି ସକାଳ ସମୟରେ ବେତନଟୀ ଅବକାରୀ ବିଭାଗ ତରଫରୁ ବୈଶିଙ୍ଗା ଥାନା ଅଧୀନ ବଡ କ୍ଷୀରପଦା ଗ୍ରାମରେ ଚଢ଼ାଉ କରିଥିବା ବେଳେ ଶନିଆଦେବ ବିନ୍ଧାଣୀ (୨୭)ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଦେଶୀ ମଦ ମଧ୍ୟ ଜବତ କରିଥିଲେ । ସେହିପରି ବୈଶିଙ୍ଗା ଥାନା ଅଧୀନ ଦାମୋଦର ଗ୍ରାମର ଦେବ ସିଂ(୫୨)ଙ୍କ ନିକଟରୁ ଦେଶୀ ମଦ ଜବତ କରିବା ସହ ତାଙ୍କୁ ମଧ୍ୟ ଗିରଫ କରିଥିଲା । ଉଭୟଙ୍କ ନିକଟରୁ ମୋଟ ୩୪ ଲିଟର ଦେଶୀ ମଦ ଏବଂ ଏଥିରେ ବ୍ୟବହୃତ ହୋଇଥିବା ଗାଡିକୁ ମଧ୍ୟ ଜବତ କରିଥିଲେ। ଗିରଫ ଦୁଇ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ବେତନଟୀ ଜେଏମଏଫସି କୋର୍ଟ କୁ ଚାଲାଣ କରାଯାଇଥିଲା । ସେଠାରେ ଉଭୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାଯାଇଛି।

# ଚାରି ଲକ୍ଷ ଟଙ୍କାର କାଠ ଜବତ

**ନୟାଗଡ଼, ୨୬।୯ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଓଡ଼ଗାଁ ବ୍ଲକ ରଙ୍ଗଣିପାଟଣା ଗ୍ରାମର ତୋଟା ସାହିରେ ଆଜି ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି । ରଙ୍ଗଣିପାଟଣା ଗ୍ରାମର ବିଶ୍ୱନାଥ ସାହୁଙ୍କ ପୁଅ ଚିତରଞ୍ଜନ ସାହୁଙ୍କ ଘରେ ଚଢ଼ଉ କରାଯାଇ ଚାରି ଲକ୍ଷ ଟଙ୍କାର କାଠ ଜବତ କରାଯାଇଛି । ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ଜି.ଶୀନୁଙ୍କ ଉପସ୍ଥିତିରେ କାଠ ଜବତ କରାଯାଇଛି । ଏହି ଚଢ଼ାଉରେ ଓଡ଼ଗାଁ ରେଞ୍ଜର ନିଖଳେସ ମଲ୍ଲିକ, ଫରେଷ୍ଟର ସରିତା ବରାଡ଼, ଫରେଷ୍ଟ ଗାର୍ଡ ସୌମ୍ୟରଞ୍ଜନ ଦଳେଇ, ଉଦ୍ଧବ ପ୍ରଧାନ, ଦିଲ୍ଲୀପ ପ୍ରଧାନ ଓ ଦିପ୍ତିମୟୀ ରାଉତ ପ୍ରମୁଖ ସାମିଲ ହୋଇଥିଲେ । ବନ ବିଭାଗ ପକ୍ଷରୁ ଚିତରଞ୍ଜନ ସାହୁଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି ।

# ପଶ୍ଚିମ ଓଡ଼ିଶାକୁ କ୍ରମାଗତ ଅବହେଳା ଓଡ଼ିଶାକୁ ଦୁଇ ଭାଗ କରିପାରେ

**ବଲାଙ୍ଗିର, ୨୬।୯ (ସଂଚାର ବ୍ୟୁରୋ):** ଗଡଜାତ ମିଶ୍ରଣ ସମୟରେ ସର୍ତ୍ତ ଥିଲା ଗଡଜାତ ଅଂଚଳ ଯେତେ ସୁବିଧା ପାଉଛି ସେ ସବୁ ସୁବିଧା ମିଶ୍ରଣ ପରେ ମଧ୍ୟ ବଳବର୍ତ୍ତର ରହିବ କିନ୍ତୁ ସ୍ୱାଧିନତା ପରେ ସରକାରମାନେ ସେ ସର୍ତ୍ତ ପୁରଣ କରିନାହାନ୍ତି। ଏଠାରେ ଗଡଜାତ ସମୟରେ ଲୋକେ ହାଇକୋର୍ଟ ର ସୁବିଧା ପାଇପାରୁଥିଲେ । କିନ୍ତୁ ପରବର୍ତ୍ତି ସମୟରେ ସେହି ସୁବିଧାରୁ ଲୋକେ ବଂଚିତ ରହିଲେ । ଯଦିଓ ଏଠାକାର ଜଜ୍ଙ୍କୁ ରେଜିଷ୍ଟ୍ରାରର କ୍ଷମତା ଦିଆଯାଇଛି କିନ୍ତୁ ଆଜି ପର୍ଯ୍ୟନ୍ତ ଲୋକେ କେସ ଲଢ଼ିବା ପାଇଁ କଟକ ଯିବାକୁ ପଡେ । ତେଣୁ ବହୁ ଦିନର ହାଇକୋର୍ଟ ବେଞ୍ଚ ଦାବି ସରକାର ନ ମାନି ପଶ୍ଚିମ ଓଡିଶା ପ୍ରତି କ୍ରମାଗତ ଅବହେଳା ଜାରି ରଖୁଥିବାରୁ ଏହା ଓଡିଶାକୁ ଭାଗ ଭାଗ କରିଦେବ ବୋଲି ଆଜି ସ୍ଥାନୀୟ ସାର୍କିଟ ହାଉସ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସରକାରଙ୍କୁ ଟାର୍ଗେଟ କରି ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ଗର୍ଜିଛନ୍ତି ।

ସେ ଏହି ମର୍ମରେ କହିଛନ୍ତି ଯେ ୨୪ ବର୍ଷର ନବୀନ ସରକାର ଦିର୍ଘ ଦିନ ଧରି ହାଇକୋର୍ଟ ବେଞ୍ଚ କୁ ନେଇ ଏକ ଠୋସ ପ୍ରସ୍ତାବ କେନ୍ଦ୍ରକୁ ଦେଲେ ନାହିଁ । ଏପଟେ ବର୍ତ୍ତମାନ ର ନୂତନ ବିଜେପି ସରକାର ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ଦରକାର ନାହିଁ ବୋଲି କହି ଆମ ପ୍ରତି ଥିବା ବୈମାତୃକ ମନୋଭାବକୁ ଦୁଇଗୁଣ କରିଛନ୍ତି । ଠିକ ସେହିପରି ପଶ୍ଚିମ ଓଡିଶା



ସାମ୍ବାଦିକ ସମ୍ମିଳନୀରେ ଗର୍ଜିଲେ ନରସିଂହ

ବିକାଶ ପରିଷଦ ଗଠନ ର ଲକ୍ଷ୍ୟ ଥିଲା ରାଜ୍ୟର ଆଞ୍ଚଳିକ ବୈଷମ୍ୟ, ଅସମତୁଳ ବିକାଶ କୁ ଦୂର କରି ପଶ୍ଚିମାଂଚଳର ବିକାଶ କରିବ କିନ୍ତୁ ବିଡମ୍ବନା ଆଜି ପର୍ଯ୍ୟନ୍ତ ପଶ୍ଚିମ ଓଡିଶା ବିକାଶ ପାଣ୍ଠିକୁ ପରିଷଦ କେବଳ ଅତି କ୍ଷୁଦ୍ର କ୍ଷୁଦ୍ର ପ୍ରକଳ୍ପରେ ସମଗ୍ର ପାଣ୍ଠିକୁ ଶେଷ କରିଦେଉଛନ୍ତି । ତେଣୁ ପରିଷଦ ଯେଉଁ ଉଦ୍ଦେଶ୍ୟରେ ଗଠନ ହୋଇଥିଲା ସେହି ଲକ୍ଷ୍ୟରୁ ପଶ୍ଚିମ ଓଡିଶା ବିକାଶ ପରିଷଦ ଦୂରେଇ ଯାଇଛି । ଆହୁରି ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରୁ ପଶ୍ଚିମାଂଚଳକୁ ଆସିପାରିନାହିଁ । ମୋଟାମୋଟି କୁହାଯାଇ ପାରେ ପଶ୍ଚିମ ଓଡିଶା ବିକାଶ ପରିଷଦ ବର୍ତ୍ତମାନ ମୃତବତ ପଡି ରହିଛି । ୨୦୧୪ ରେ ତତ୍କାଳିକ ସରକାର ପଶ୍ଚିମ ଓଡିଶାରେ ଏକ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ କୁ ନେଇ ତତ୍କାଳିନ ରାଜ୍ୟପାଳ ବକ୍ତବ୍ୟ ରଖିଥିଲେ କିନ୍ତୁ ଦୁଃଖର ବିଷୟ ଆଜି ପର୍ଯ୍ୟନ୍ତ ତାହା ସମ୍ଭବ ହୋଇ ପାରିଲା ନାହିଁ । ଦଳ ବଦଳି ପାରେ ମାତ୍ର ସରକାର ଏକ କ୍ରମାଗତ ପ୍ରକ୍ରିୟା, ତେଣୁ ମୋର ଦାବି ବର୍ତ୍ତମାନର ବିଜେପି ସରକାର ଏ ଅଂଚଳ ଦିର୍ଘ ଦିନର ଦାବି ତଥା ସରକାର ର ପ୍ରତିଶୃତି ହିସାବରେ ଆମ ଅଂଚଳରେ ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ କରୁ । ତାହା ସହ ପୂର୍ବତନ ସରକାର ର ଶେଷ ବିଧାନସଭା ଅଧିବେଶନ ରେ ତତ୍କାଳିକ ଶିଳ୍ପମନ୍ତ୍ରୀ ବଲାଙ୍ଗିର ରେ ଦୁଇଟି ଶିଳ୍ପ ପ୍ରତିଷ୍ଠା କୁ ନେଇ ଦେଇଥିବା ପ୍ରତିଶୃତି ବର୍ତ୍ତମାନର ସରକାର ପୁରଣ କରି ଆମ ଅଂଚଳରେ ଥିବା ଦାଦନ ସମସ୍ୟା, ବେରୋଜଗାରି ରୁ ଆମ ଲୋକଙ୍କୁ ମୁକ୍ତି ଦିଅନ୍ତୁ । ବିଶେଷ କରି ଆମ ଦାବି ରହିବ ଯେହେତୁ ବଲାଙ୍ଗିର ଏକ କପା ଉତ୍ପାଦନକାରୀ ଜିଲ୍ଲା ଏଠାରେ ଟେକ୍ସଟାଇଲ ମିଲ ଓ ପୂର୍ବରୁ ଦେଇଥିବା ପ୍ରତିଶୃତି ଇଥାନଲ ଶିଳ୍ପ ପ୍ରତିଷ୍ଠା କରନ୍ତୁ ବୋଲି ନରସିଂହ ଦାବି କରିଥିଲେ । ମେଡାକାଲ କଲେଜ ଓ ଲୋୟର ସୁକତେଲ ପ୍ରସଙ୍ଗରେ ସାମ୍ବାଦିକ ଙ୍କ ପ୍ରଶ୍ନରେ ସେ କହିଥିଲେ ଲୋୟର ସୁକତେଲ ଓ ମେଡିକାଲ କଲେଜକୁ ତତ୍କାଳିନ ସରକାର ନିର୍ବାଚନ ଭୟରେ ପ୍ରକଳ୍ପ ଅଧାପନ୍ତରିତା ସତ୍ତ୍ୱେ ଉଦ୍‌ଘାଟନ କରିଥିଲେ ତେଣୁ ତତ୍କାଳିନ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଉଦ୍‌ଘାଟନି ସଭାରେ ମୁଁ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଥିଲି । ଠିକ୍ ସେହି ପରି ଅଧା ପନ୍ତରିଆ ଥିବା ଭିମଭୋଇ ମେଡିକାଲ କଲେଜ ଉଦ୍‌ଘାଟନ ସମୟରେ ମୁଁ ଅଧାରୁ ବିରୋଧ କରି ୱାକ୍‌ଆଉଟ କରିଥିଲି । ତେଣୁ ଲୋକେ ବୁଝନ୍ତୁ ସରକାରମାନେ ଆମ ଲୋକଙ୍କୁ କିପରି ଭୁଆଁ ବୁଲାଇବା ସହ ଆମ ଅଂଚଳ ପ୍ରତି କିଭଳି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ଏହା ବର୍ତ୍ତମାନ ଆହୁରି ଉତ୍କଟ ହେଲାଣି ତେଣୁ ଏହି ସ୍ଥିତି ବଳବତ୍ତର ରହିଲେ ଆଗକୁ ନିଶ୍ଚୟ ଓଡିଶା ଦୁଇ ଭାଗ ହୋଇ ପଶ୍ଚିମ ଓଡିଶା ରେ କୋଶଲ ରାଜ୍ୟ ଗଠନ ହେବ ବୋଲି ସେ ସରକାରଙ୍କୁ ଚେତାବନି ଦେଇଥିଲେ । ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ବିକାଶ କୁ ଅଣଦେଖା କଲେ ଅଂଚଳର ଲୋକେ ପ୍ରତିକ୍ରିୟାଶିଳ ହୁଅନ୍ତୁ ଓ ଆନ୍ଦୋଳନମୁହାଁ ହୁଅନ୍ତୁ ବୋଲି ଆହ୍ୱାନ ଜଣାଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପ-ସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ବୁଲୁ ଦାନୀ, ଅଜୟ ବାଲି, ସାନନ୍ଦ ମିଶ୍ର, ବିରେନ୍ଦ୍ର ମିଶ୍ର, ଜୁଲୁ ପଟ୍ଟନାୟକ, ଅନନ୍ତ ବେହେରା, ମାନସ ମହାନ୍ତି , ଅଙ୍କିତ ସାହୁ , ନାସିର ଖାନ ପ୍ରମୁଖ ଉପସ୍ଥିତ ଥିଲେ ।



# ଜାତିଭିତ୍ତିକ ଜନ ଗଣନା ପାଇଁ ବିଜେଡିର ଦାବି

**ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ):** ରାଜ୍ୟ ବିଜେପି ସରକାର ଓବିସି ଓ ଏସଇବିସି ବର୍ଗର ଲୋକଙ୍କ ସ୍ୱାର୍ଥକୁ ଅଣଦେଖା କରୁଛନ୍ତି। ଡବଲ ଇଂଜିନ ଓ ଡବଲ ବିକାଶର ନାରା ଦେଇ ସରକାରକୁ ଆସିଥିବା ବିଜେପି ସରକାରଙ୍କ ଶହେ ଦିନ ଭିତରେ ରାଜ୍ୟରେ ବାସ କରୁଥିବା ପ୍ରାୟ ୫୪% ପଛୁଆ ବର୍ଗର ଲୋକଙ୍କ ସ୍ୱାର୍ଥପାଇଁ ପଦୁଟିଏ ମଧ୍ୟ ମୁହଁ ଖୋଲି ନାହାନ୍ତି ବୋଲି ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ କରିଛି। ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ରାଜ୍ୟସଭା ସାଂସଦ ଶ୍ରୀ ସୁଭାଶିଷ ଖୁଣ୍ଟିଆ କହିଲେ, ବିଜୁ ଜନତା ଦଳ ତରଫରୁ ଦେଶରେ ଜାତି ଭିତ୍ତିକ ଜନ ଗଣନା ପାଇଁ ଆମର ସଭାପତି ନବୀନ ପଟ୍ଟନାୟକ ଦାବୀ କରି ଆସୁଛନ୍ତି। ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଓବିସି ମାନଙ୍କ ପାଇଁ କୌଣସି ସଂରକ୍ଷଣ ନାହିଁ, ଯାହା ଫଳରେ ପଛୁଆ ବର୍ଗର ପିଲା ମାନେ ଡାକ୍ତରୀ ଓ ଇଂଜିନିୟରିଙ୍ଗ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ସେହିପରି, ନିଯୁକ୍ତି କ୍ଷେତ୍ରରେ ମାତ୍ର ୧୧. ୨୫% ସଂରକ୍ଷଣ ବ୍ୟବସ୍ଥା ରହିଛି ଯାହା ପ୍ରକୃତରେ ୨୭% ରହିବା କଥା। ତେଣୁ ଉଭୟ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ରାଜ୍ୟର ପଛୁଆ ବର୍ଗର ଲୋକମାନେ ତାଙ୍କ ନ୍ୟାର୍ଯ୍ୟ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି। ଆମ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର ପଛୁଆ ବର୍ଗର ନ୍ୟାର୍ଯ୍ୟ ଦାବୀ ପାଇଁ ଲଢ଼େଇ କରିଛନ୍ତି। ପୂର୍ବରୁ ରାଜ୍ୟର ବିଜେପି ପଛୁଆ ବର୍ଗର ଲୋକଙ୍କ ପାଇଁ ସ୍ୱର ଉତ୍ତୋଳନ କରୁଥିଲା ହେଲେ ସରକାରକୁ ଆସିବା ପରେ ସେମାନେ ନିରବ ହୋଇ ଯାଇଛନ୍ତି ବୋଲି ଖୁଣ୍ଟିଆ କହିଛନ୍ତି। ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ଡ଼ଃ ସସ୍ମିତ ପାତ୍ର କହିଥିଲେ ଡବଲ ଇଂଜିନ ସରକାର ଆସିଲେ ଡବଲ ବିକାଶ ହେବ ବୋଲି ଡିଣ୍ଡିମ ପିଟୁଥିବା ବିଜେପି ଡବଲ ଇଂଜିନ ସରକାର ଆସିବାର ଶହେ ଦିନ ପୂରଣ ହୋଇଥିଲେ ହେଁ, ପଛୁଆ ବର୍ଗର ସ୍ୱାର୍ଥ ପୂରଣ ପାଇଁ ପଦଟିଏ ମଧ୍ଯ ମୁହଁ ଖୋଲି ନାହାନ୍ତି। ଶହେ ଦିନର ସଫଳତାକୁ ନେଇ ଉତ୍ସବ ମୁଖର ଥିବା ବିଜେପି ସରକାରଙ୍କୁ ଆମର ପ୍ରଶ୍ନ, ପଛୁଆ ବର୍ଗର ଲୋକଙ୍କ ପାଇଁ କରିଛ କଣ ? ବିଜୁ ଜନତା ଦଳର ସାଂସଦ ମାନେ ଗତ ପାଞ୍ଚବର୍ଷରେ ଜାତି ଭିତ୍ତିକ ଜନ ଗଣନା ପାଇଁ ଦାବୀ କରି ଆସୁଛନ୍ତି, କିନ୍ତୁ କେନ୍ଦ୍ର ସରକାର ସେଥିପ୍ରତି କର୍ଣ୍ଣପାତ କରୁ ନାହାନ୍ତି ବୋଲି ପାତ୍ର କହିଥିଲେ।

# ଗୁମର ଫିଟାଇଲା ଏଡିଜିଙ୍କ ଚିଠି

## ପୋଲିସର ମାଫିଆଗିରି



ଭୁବନେଶ୍ୱର, ୨୬।୯ (ସଂଚାର ବ୍ୟୁରୋ): ବେଆଇନ କାର୍ଯ୍ୟକଳାପ ପାଇଁ ବିବାଦୀୟ ହୋଇପଡ଼ିଥିବା ଓଡ଼ିଶା ପୋଲିସର ଗୁମର ଖୋଲିଛନ୍ତି ଖୋଦ୍ ପୋଲିସ ଏଡିଜି। ପୋଲିସ ଚଳାଇଥିବା 'ମାଫିଆଗିରି'ର ଗୁମର ଖୋଲିଛନ୍ତି। ନିଜ କର୍ତ୍ତବ୍ୟକୁ ଭୁଲି ଅଣପୋଲିସ କାର୍ଯ୍ୟରେ ମାତିଛନ୍ତି କିଛି ପୋଲିସ କର୍ମଚାରୀ। ଶିଳ୍ପାଞ୍ଚଳରେ ଖଣି ମାଫିଆ ଓ ବ୍ୟବସାୟୀଙ୍କ ହାତବାରିସି ସାଜି ପୋଲିସ ସେମାନଙ୍କୁ ଖଣିଜ ସାମଗ୍ରୀ ପରିବହନରେ ସହଯୋଗ କରୁଛି। ଏଥିରେ ଜଡ଼ିତ ଫିଲଡ୍ ଷ୍ଟାଫ (ପୋଲିସ ଅଫିସର ଓ କର୍ମଚାରୀ)ଙ୍କୁ ତୁରନ୍ତ ବିରତ ରହିବାକୁ ପୋଲିସ ମୁଖ୍ୟାଳୟରୁ ନିର୍ଦ୍ଦେଶ ଜାରି ହୋଇଛି । ଏଭଳି ଗତିବିଧିରେ ସମ୍ପୃକ୍ତ ଥିବା ଜଣାପଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଗିଦ୍ କରାଯାଇଛି । ଅତିରିକ୍ତ ଡିଜି (ଆଇନଶୃଙ୍ଖଳା) ସବୁ ଏସ୍‌ପି, ଡିଆଇଜି, ଆଇଜି ଓ ପୋଲିସ କମିଶନରଙ୍କୁ ଚିଠି ଲେଖି ଅବଗତ କରାଇବା ପରେ ପୋଲିସକୁ ବିଭିନ୍ନ ଶିଳ୍ପାଂଚଳ ବିଶେଷକରି ଖଣି ଅଂଚଳରେ ମାଫିଆଗିରି କରିବା ପାଇଁ ତତକାଳୀନ ସରକାର ପରୋକ୍ଷରେ ସମ୍ମତି ଦେଇଥିବାର ଅଭିଯୋଗ ଏବେ ସତ ପ୍ରମାଣିତ ହେବାରେ ଲାଗିଛି। ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଗତ ୨୪ତାରିଖରେ ଏକ ଚିଠି ଲେଖାଯାଇଛି। ଯେଉଁଥିରେ ଆଇନଶୃଙ୍ଖଳା ଅତିରିକ୍ତ ଡିଜି ସ୍ପଷ୍ଟ ଭାବେ କହିଛନ୍ତି, କିଛି ପୁଲିସ ଫିଲଡ୍ ଅଫିସର ଶିଳ୍ପାଂଚଳ ଓ ଖଣି ଅଂଚଳରେ ଅଣପୋଲିସ ଗତିବିଧି ବିଶେଷକରି ପରିବହନ କାର୍ଯ୍ୟରେ ସମ୍ପୃକ୍ତ ଥିବା ନେଇ ଜିଲ୍ଲା ଏସପି ମୁଖ୍ୟାଳୟମାନଙ୍କର ନଜରକୁ ଆସିଛି। ପୋଲିସ ଡିଜି ଏହି ଘଟଣାରେ ଗଭୀର ଉଦବେଗ ବ୍ୟକ୍ତ କରିବା ସହ ଏସବୁ କାର୍ଯ୍ୟ ପୋଲିସର ଦାୟିତ୍ୱ ବାହାରେ ବୋଲି କହିଛନ୍ତି । ଯଦି କୌଣସି ଅଫିସର ଏଭଳି କାର୍ଯ୍ୟରେ ସମ୍ପୃକ୍ତ ରୁହନ୍ତି ଅବା କାହାରି ସହ ପକ୍ଷପାତ କରିଥିବା ଜଣାପଡ଼େ ତାକୁ ଗମ୍ଭୀରତାର ସହିତ ଗ୍ରହଣ କରାଯିବ। ତେଣୁ ସମସ୍ତ ଫିଲଡ୍ ଅଫିସର ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଅନୁପାଳନ ପାଇଁ ନିର୍ଦ୍ଦେଶ ଦିଆଯାଉଛି ବୋଲି ଅତିରିକ୍ତ ଡିଜି ତାଗିଦ କରିଛନ୍ତି। ଖଣି ଓ ଶିଳ୍ପାଂଚଳରେ ପୋଲିସ ଅଫିସରମାନେ କିଛି ନିର୍ଦ୍ଦିଷ୍ଟ ଖଣି ମାଫିଆ ଓ ବ୍ୟବସାୟୀଙ୍କ ହାତବାରିସି ସାଜି କାର୍ଯ୍ୟ କରିଥିବାର ପୁଳାପୁଳା ଅଭିଯୋଗ ରହିଆସିଛି। ବିଜେଡି ସରକାର କ୍ଷମତାରୁ ଯିବାପରେ ଏଭଳି ଅର୍ଗାନାଇଜଡ୍ କ୍ରାଇମ ଓ ମାଫିଆଗିରିରେ ଲିପ୍ତ ଥିବା ପୋଲିସ ଅଫିସରମାନଙ୍କୁ ତୁରନ୍ତ ସୁଧୁରିଯିବା ପାଇଁ ଡିଜି ତାଗିଦ୍ କରିବାକୁ ସାଧାରଣରେ ପ୍ରଶଂସା କରାଯାଉଛି ।



ସଦସ୍ୟତା ଅଭିଯାନରେ ଯୋଗଦେବା ପାଇଁ ଭୁବନେଶ୍ୱର ଆସିଥିବା ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରସାଦ ନଡ୍ଡା ଏଜି ଛକସ୍ଥିତ ବିଆର୍ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି

# ମହାଲକ୍ଷ୍ମୀ ହତ୍ୟାକାଣ୍ଡ: କାଳ ରାତି କଥା ବଖାଣିଲେ ଅଭିଯୁକ୍ତର ଭାଇ

**ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ):** ବେଙ୍ଗାଲୁରୁର ଭୟାଲିକାବାଲରେ ଘଟିଥିବା ମହାଲକ୍ଷ୍ମୀ ହତ୍ୟାକାଣ୍ଡ ଏବେ ସମଗ୍ର ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଯାହାକୁ ଜୀବନଠୁ ଅଧିକ ଭଲ ପାଉଥିଲେ, ତା' କୁ ହିଁ ନିର୍ମମ ଭାବେ ହତ୍ୟା କରି ଛୁରୀରେ ଖଣ୍ଡ ଖଣ୍ଡ କରିଦେଲେ ଅଭିଯୁକ୍ତ ମୁକ୍ତି ରଞ୍ଜନ। ମାତ୍ର ଏହା ପଛରେ କ'ଣ ରହିଛି କାରଣ, କ'ଣ ପାଇଁ ସେ ଏପରି ହିଂସ୍ର ହୋଇ ଉଠିଲେ ଓ ନିଜ ପ୍ରେମିକାଙ୍କ ଜୀବନ ନେବାକୁ ପଛାଇଲେ ନାହିଁ ସବୁ କିଛି ବଖାଣିଛନ୍ତି ମୁକ୍ତି ରଞ୍ଜନ। ନିଜେ ଝୁଲି ପଡ଼ିବା ପୂର୍ବରୁ ସେ କାଳ ରାତିର ପ୍ରତିଟି ଘଟଣାକୁ ସେ ନିଜ ଭାଇ ସମ୍ମୁଖରେ ବଖାଣିଥିଲେ। ମୁକ୍ତି ରଞ୍ଜନଙ୍କୁ ଖୋଜିଖୋଜି ପୁଲିସ୍ ତାଙ୍କ ମୃତଦେହ ପାଇଥିବା ବେଳେ ଏବେ ଭାଇର କଥାଗୁଡ଼ାକ ଗୋଟି ଗୋଟି କରି କ୍ୟାମେରା ସମ୍ମୁଖରେ ବଖାଣିଛନ୍ତି ତାଙ୍କ ସାନ ଭାଇ । ମୁକ୍ତି ରଞ୍ଜନଙ୍କ ଭାଇ କହିଛନ୍ତି, ମହାଲକ୍ଷ୍ମୀଙ୍କ ସହ ଭାଇର ପ୍ରେମ ସମ୍ପର୍କ ଥିଲା। ହେଲେ ବିଭିନ୍ନ ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଦେଖା ଦେଇଥିଲା। ଉଭୟଙ୍କ ମଧ୍ୟରେ କଳି ଝଗଡ଼ା ଲାଗି ରହୁଥିଲା। ପରେ ଭାଇ ସେହି ଝିଅକୁ ନେଇ କେରଳ ଯିବାକୁ ବାହାରିଥିଲା। ହେଲେ ଗାଡ଼ିରେ ଯିବା ବେଳେ ସେହି ଝିଅ ଭାଇ ନାଁରେ ପୁଲିସ ନିକଟରେ ଅପହରଣ କରି ନେଉଯାଉଥିବା ଅଭିଯୋଗ କରିଥିଲା। ପୁଲିସ ଭାଇକୁ ମାଡ଼ ମାରିବା ସହ ଜୋରିମାନ କରିଥିଲା। ପରେ ଭାଇକୁ ବୁଝାସୁଝା କରି ପୁଲିସ ଛାଡ଼ି ଦେଇଥିଲା। ଭାଇ ଓ ସେହି ଝିଅ ପୁଣି ବେଙ୍ଗଲୁରୁ ଫେରିଥିଲେ। ବେଙ୍ଗଲୁରୁ ଫେରିବା ପରେ ଉଭୟଙ୍କ ମଧ୍ୟରେ ବିବାଦ ଅଧିକ ବଢ଼ିବାରେ ଲାଗିଥିଲା। ଉଭୟଙ୍କ ମଧ୍ୟରେ ସବୁବେଳେ କଳି ଝଗଡ଼ା ହେଉଥିଲା। ଏପରି ଗୋଟିଏ ଦିନ ସେହି ଝିଅ ଓ ଭାଇ ମଧ୍ୟରେ ଜୋରରେ ଝଗଡ଼ା ହୋଇଥିଲା। ସେହି ଝିଅ ଘରେ ଥିବା ଏକ ଛୁରୀ ଆଣି ଭାଇକୁ ମାରିବାକୁ ଧମକ ଦେଇଥିଲା। ଏହି ଛୁରୀରେ ମୁଁ ତୋତେ ହତ୍ୟା କରି ପ୍ରେସର କୁକରରେ ସିଝାଇ ବାଥରୁମରେ ପକାଇ ଦେବି ବୋଲି କହିଥିଲା। ପରେ ଭାଇ ରାଗରେ ସେହି ଝିଅର ତଣ୍ଟିକୁ ଜୋରରେ ଧରି ନେଇଥିଲା। ପରେ ଦେଖିଲା ବେଳକୁ ସେହି ଝିଅର ମୃତ୍ୟୁ ଘଟିଥିଲା। ପରେ ଭାଇ ସେହି ଝିଅକୁ ବେଡସିଟ୍‌ରେ ଗୋଡ଼ାଇ ଫ୍ୟାନରେ ଟାଙ୍ଗି ଦେବାକୁ ଚେଷ୍ଟା କରିଥିଲା, ହେଲେ ସୁବିଧା ହୋଇନଥିଲା। ପରେ ଭାଇ ସେହି ଝିଅକୁ ଛୁରୀରେ କାଟି ଫ୍ରିଜରେ ପୁରାଇ ଦେଇଥିଲା। ପରେ ସେଠାରୁ ମୋ ପାଖକୁ ବ୍ରହ୍ମପୁର ପଳାଇ ଆସିଥିଲା। ଭାଇ ମୋ ପାଖରେ ଆସି ୧୦ରୁ ୧୨ ଦିନ ରହିଥିଲା। ଭାଇ କିଛି ଦିନ ରହିବା ପରେ ମୋତେ ଘଟଣା ସଂପର୍କରେ ସବୁ କହିଥିଲା।



# ସଂଗଠନ ମଜଭୁତ କରିବା ପାଇଁ ପରାମର୍ଶ

## କନ୍ଧମାଳ ଓ ଢେଙ୍କାନାଳ ଜିଲ୍ଲାର ଦଳୀୟ କର୍ମକର୍ତ୍ତାଙ୍କୁ ଭେଟିଲେ ନବୀନ




**ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ):** ଆଜି ଶଙ୍ଖ ଭବନ ଠାରେ ଢେଙ୍କାନାଳ ଓ କନ୍ଧମାଳ ଜିଲ୍ଲା ର ସାଂଗଠନିକ ପଦାଧିକାରୀ ଓ ନେତୃ ବୃନ୍ଦ ଙ୍କ ବୈଠକ ଅନୁଷ୍ଠିତ ହୋଇ ସଂଗଠନ କୁ ମଜବୃତ କରିବା ସମ୍ପର୍କ ରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ବୈଠକରେ ଉଦବୋଧନ ଦେଇ ଦଳ ସଭାପତି ଶ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ ବିଜେଡି ସରକାର ର ୨୪ବର୍ଷ ଶାସନରେ ରାଜ୍ୟ ର ସବୁ ଅଞ୍ଚଳ ଓ ସବୁ କ୍ଷେତ୍ରର ବିକାଶକୁ ପ୍ରାଥମିକତା ଦିଆଯାଇଥିଲା। କନ୍ଧମାଳ ଓ ଢେଙ୍କାନାଳ ର ବିକାଶ ପାଇଁ ବିଜେଡି ସରକାର ସମୟ ରେ ଅନେକ କାମ ହୋଇଛି। ଦରଦାମ ବୃଦ୍ଧି ଉପରେ ଆଲୋକପାତ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଜେପି ସରକାରକୁ ଆସିବାର ଶହେଦିନ ବିତିଗଲାଣି। ଆଇନ ଶୃଙ୍ଖଳା ଠାରୁ ଆରମ୍ଭ କରି ଦରବୃଦ୍ଧି ଓ ବିକାଶ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାର ସେବା ଯୋଗାଇବାରେ ବିଫଳ ହୋଇଛନ୍ତି। ତେଣୁ ସାଧାରଣ ଲୋକଙ୍କ ସୁଖ ଦୁଃଖ ରେ ସାମିଲ ହେବା ସହ ସରକାରଙ୍କ ବିଫଳତା ବିଷୟରେ ଲୋକଙ୍କୁ ସଚେତନ କରିବାକୁ ସେ ପରାମର୍ଶ ଦେଇଥିଲେ। ପଟ୍ଟନାୟକ କହିଥିଲେ ବିଜେଡି ସରକାର ରେ ଥିବା ବେଳେ ଲୋକଙ୍କ ପାଇଁ ଅନେକ ଭଲ କାମ କରିଥିଲା.ଲୋକଙ୍କ ଭଲ ପାଇବା ଏବେବି ଆମ ସହିତ ରହିଛି.ତେଣୁ ଲୋକଙ୍କ ସେବା ଜାରି ରଖିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବିଜେଡି ର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର ବୈଠକ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଚକ୍ରପାଣି କଂହର,ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା,ପ୍ରଫୁଲ୍ଲ ମଲ୍ଲିକ,ନୃସିଂହ ସାହୁ , ସାଂସଦ ପ୍ରାର୍ଥୀ ମହେଶ ସାହୁ,ଅବିନାଶ ସାମଲ ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ,ସୁଧୀର ସାମଲ,ଙ୍କ ସମେତ ଦୁଇ ଜିଲ୍ଲା ର ବରିଷ୍ଠ ନେତୃ ମଣ୍ଡଳୀ ଏବଂ ପଂଚାୟତ ପ୍ରତିନିଧି ମାନେ ଉଦବୋଧନ ଦେଇ ବିଜେଡି କୁ ଶକ୍ତିଶାଳୀ କରିବା ପାଇଁ ସଂକଳ୍ପ ବଦ୍ଧ ହୋଇ କାମ କରିବେ ବୋଲି ଘୋଷଣା କରଥିଲେ।

# ସଂସଦୀୟ ଅର୍ଥ କମିଟି ଅଧ୍ୟକ୍ଷ ହେଲେ ଭର୍ତ୍ତୃହରି

**ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ):** ନୂଆ ସରକାର ଗଠନ ପରେ କେନ୍ଦ୍ରରେ ବିଭିନ୍ନ ସଂସଦୀୟ ଷ୍ଟାଣ୍ଡିଂ କମିଟିର ଗଠନ କରାଯାଇଛି। ଏଥିରେ ଅର୍ଥ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ସଂସଦୀୟ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ହୋଇଛନ୍ତି କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ। ସେହିଭଳି ବାଣିଜ୍ୟ ସମ୍ପର୍କିତ ସଂସଦୀୟ ଷ୍ଟାଣ୍ଡିଂ କମିଟିର ସଦସ୍ୟ ଅଛନ୍ତି ବୈଜୟନ୍ତ ପଣ୍ଡା। ଗ୍ରାମିଣ ବିକାଶ ପଂଚାୟତିରାଜ ସମ୍ପର୍କି ସଂସଦୀୟ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଅଛନ୍ତି କଂଗ୍ରେସ ସାଂସଦ ସପ୍ତଗିରି ଉଲ୍ଲାକା। ରାଜ୍ୟର ଅନ୍ୟ ସାଂସଦଙ୍କ ମଧ୍ୟରୁ କୋଇଲା, ଖଣି ଓ ଇସ୍ପାତ ସମ୍ପର୍କିତ ସଂସଦୀୟ ଷ୍ଟାଣ୍ଡିଂ କମିଟିର ସଦସ୍ୟ ଭାବେ ବିଜେଡି ସାଂସଦ ମାନସ ମଙ୍ଗରାଜ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସମ୍ପର୍କିତ କମିଟିର ସଦସ୍ୟ ଭାବେ ସସ୍ମିତ ପାତ୍ର, ରାସାୟନ ଓ ସାର ସମ୍ପର୍କିତ ଷ୍ଟାଣ୍ଡିଂ କମିଟିରେ ନିରଂଜନ ବିଶି, ଶିଳ୍ପ କମିଟିରେ ସୁଲତା ଦେଓ, ଗୃହ ଓ ସହରାଞ୍ଚଳ ବ୍ୟାପାର ସମ୍ପର୍କିତ କମିଟିରେ ଦେବାଶିଷ ସାମନ୍ତରାୟ, ରେଳବାଇ କମିଟିରେ ଶୁଭାଶିଷ ଖୁଣ୍ଟିଆ ଓ ପ୍ରତିରକ୍ଷା ସମ୍ପର୍କିତ ସଂସଦୀୟ ଷ୍ଟାଣ୍ଡିଂ କମିଟିରେ ମୁଜିବୁଲ ଖାନଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯାଇଛି।

# ରାସ୍ତା ଉପରେ ତୋରଣ ନିର୍ମାଣକୁ ବାରଣ

**କଟକ, ୨୬।୯(ସଂଚାର ବ୍ୟୁରୋ):** ଆସୁଛି ପାର୍ବଣ ଋତୁ। ଜମିବ ପୂଜା। ପାର୍ବଣ ଋତୁରେ ସାଜସଜ୍ଜା ଉପରେ ଲାଗିଛି ଝଟ୍‌କା। ଦଶହରା ଉତ୍ସବରେ ରାସ୍ତା ଉପରେ ତୋରଣ ନିର୍ମାଣକୁ ବାରଣ କରିଛନ୍ତି ହାଇକୋର୍ଟ। ରାସ୍ତା ଉପରୁ କେବୁଲ ଓ ତାର ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ କଟକ ସହରର ରାସ୍ତାଘାଟ ଅବସ୍ଥାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ୫ ତାରିଖ ସୁଦ୍ଧା ରାସ୍ତା ମରାମତି ସାରିବାକୁ ପୂର୍ତ୍ତ ସଚିବ କୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ମାମଲାର ଆଗାମୀ ଶୁଣାଣି ଅକ୍ଟୋବର ୩ ତାରିଖରେ କରାଯିବ। ପାର୍ବଣ ଋତୁରେ ଜମିଥାଏ କଟକ। ଛକ ଛକରେ ଆକର୍ଷଣୀୟ ମେଢ଼ ସାଙ୍ଗକୁ ଝିଲ୍‌ମିଲ୍ ଆଲୁଅରେ ଝଲସିଥାଏ କଟକର ରାସ୍ତାଘାଟ। ଲୋକାରଣ୍ୟ ହୋଇଥାଏ ଏହି ପୁରୁଣା ମହାନଗରୀ। ହେଲେ ବର୍ତ୍ତମାନ କଟକର ରାସ୍ତକୁ ଦେଖିଲେ ଭାରି ଦୁଃଖ ଲାଗୁଛି। କାରଣ ରାସ୍ତା ପାଲଟିଛି ମରଣ ଯନ୍ତା। ରାସ୍ତା ମଝିରେ ବଡ଼ବଡ଼ ଖାଲସୃଷ୍ଟି ହୋଇଛି।

# ବିଶ୍ୱ ତମାଖୁ ବର୍ଜନ ପକ୍ଷରେ ଉତ୍ତମ ପ୍ରଦର୍ଶନ କରି ଓଡ଼ିଶା ପାଇଲା ୨ୟ ସ୍ଥାନ




**ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ):** ବିଶ୍ୱ ତମାଖୁ ବର୍ଜନ ଦିବସ - ୨୦୨୪ ଉପଲକ୍ଷେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଉତ୍ତମ ପ୍ରଦର୍ଶନକରୀ ଓଡିଶା ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରି ସମ୍ମାନିତ ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧିନସ୍ଥ ମୌଲାନା ଆଜାଦ ଇନଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍ସର ମୁଖ ସ୍ୱାସ୍ଥ୍ୟ ଏବଂ ତମାଖୁ ବର୍ଜନ ଜାତୀୟ ସମ୍ବଳ କେନ୍ଦ୍ର ଦ୍ୱାରା ତମାଖୁ ବର୍ଜନ ସମ୍ପର୍କିତ ବିଭିନ୍ନ ପଦକ୍ଷେପର ସବିଶେଷ ମୂଲ୍ୟାଙ୍କନ କରାଯାଇ ଓଡିଶାକୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଜାତୀୟ ସ୍ୱାସ୍ଥ୍ୟ ମିଶନର ଅତିରିକ୍ତ ଶାସନ ସଚିବ ତଥା ମିଶନ ନିର୍ଦ୍ଦେଶିକା ଶ୍ରୀମତୀ ଆରାଧନା ପଟ୍ଟନାୟକ ଅନ୍ୟ ଅତିଥିମାନେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ପ୍ରତିନିଧିତ୍ୱ କରିଥିବା ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ଡା ନୀଳକଣ୍ଠ ମିଶ୍ରଙ୍କୁ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ । ମଇ ୨୦ ରୁ ଜୁନ ୫ ତାରିଖ ପର୍ଯ୍ୟନ୍ତ ବିଶ୍ୱ ତମାଖୁ ବର୍ଜନ ପକ୍ଷ ପାଳନ ଅବସରରେ ଦେଶ ତମାମ ନିଆଯାଇଥିବା ବିଭିନ୍ନ ପଦକ୍ଷେପକୁ ଆକଳନ କରାଯାଇ ଓଡିଶାକୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।

# କ'ଣ ଖାଉଛନ୍ତି ଲୋକେ, ଖାଦ୍ୟ ନା ବିଷ ?

**କଟକ,୨୬।୯ (ସଂଚାର ବ୍ୟୁରୋ):** ପଇସା ଦେଇ କଣ ଖାଉଛନ୍ତି ଲୋକେ, ଖାଦ୍ୟ ନା ବିଷ ? କଟକ ସହରର ଗଳିକନ୍ଦିରେ ଦିନକୁ ଦିନ ଛତୁ ଫୁଟିବା ଭଳି ଖାଦ୍ୟ ବ୍ୟବସାୟ ବୃଦ୍ଧି ପାଉଥିବା ବେଳେ ଖାଦ୍ୟ ସୁରକ୍ଷା ଆଇନ ସମ୍ପୂର୍ଣ୍ଣ ଫେଲ ମାରିଛି। ବିନା ଫୁଡ଼ ଲାଇସେନ୍ସ ବିନା ଟ୍ରେଡ଼ ଲାଇସେନ୍ସରେ ଅସାଧୁ ବ୍ୟବସାୟୀ ଅତି ବେଧଡକ ଭାବେ ନିଜର ବ୍ୟବସାୟ ଚଳାଉଛନ୍ତି। ଯାହା ସ୍ପଷ୍ଟ ପ୍ରମାଣିତ ହେଉଛି ବିଗତ ଦିନରେ କଟକ ସହରରୁ ଧରା ଯାଉଥିବା ବିଭିନ୍ନ ପ୍ରକାର ନକଲି ଖାଦ୍ୟ ସମଗ୍ରୀରୁ। ଡାଲି ଠାରୁ ଆରମ୍ଭ କରି ମସଲା ଗୁଣ୍ଡ ବା ଖାଇବା ସୋଢାରୁ ତିଆରି ହେଉଥିବା ଖୀରରୁ। ଅନେକ ସ୍ଥାନରେ ସିଏମସି ପକ୍ଷରୁ ଚଢ଼ାଉ ତ ହେଉଛି ମାତ୍ର ଏସବୁ ଫଳ ଶୂନ୍ୟ ଓ ପ୍ରଭାବ ଶୂନ୍ୟ ଭଳି ମନେ ହେଉଛି। ତେବେ ଏସବୁ ସଲାସୁତୁରାରେ ଚାଲିଛି ଏବଂ ନେଣଦେଣରେ ଭୁଲ ଭଟକା ହେଲେ ସିଏମସି ପକ୍ଷରୁ ଚଢ଼ାଉ ହେଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏଭଳି ଚଢ଼ାଉ ଅନେକ ସମୟରେ ସଠିକ ବ୍ୟବସାୟୀଙ୍କ ପାଇଁ ସଙ୍କଟ ବୋଲି ଚର୍ଚ୍ଚା ହେଉଛି। ବିନା ଫୁଡ଼ ଲାଇସେନ୍ସ ଓ ଟ୍ରେଡ଼ ଲାଇସେନ୍ସରେ ଦୀର୍ଘଦିନ ଧରି ଅସାଧୁ ବ୍ୟବସାୟୀ ନିଜର ବେଆଇନ ବ୍ୟବସାୟ ଜାରି ରଖୁଛନ୍ତି। ଯାହାଦ୍ୱାରା ରାଜ୍ୟ ରାଜକୋଷକୁ ଚୂନ ଲାଗୁଛି।



ଏଭଳି ବ୍ୟବସାୟରେ ବ୍ୟାପକ ରାଜସ୍ୱ ହାନି ହେବା ସହ ସିଏମସି ଅଧିକାରୀ, କର୍ମଚାରୀ ଓ ଅସାଧୁ ବ୍ୟବସାୟୀ ମାଲେମାଲ ହେଉଛନ୍ତି। କେବଳ ଲୋକ ଦେଖାଣିଆ ଚଢ଼ାଉ ହେଉଛି ଏବଂ ସିଏମସି ପକ୍ଷରୁ ହେଉଥିବା ଚଢ଼ାଉ ପୂର୍ବରୁ ଆତ୍ମୀୟ ପ୍ରଚାର ପାଇଁ ନିର୍ଦ୍ଦିଷ୍ଟ ହ୍ୱାଟ୍ସଆପ ଗ୍ରୁପରେ ବିଭାଗ ପୂର୍ବରୁ ଗଣମାଧ୍ୟମକୁ ସୂଚନା ଦିଆଯାଉଛି। ଯାହା ଫଳରେ ଏହି ସୂଚନା ଲିକ ହୋଇ କେତେକ କ୍ଷେତ୍ରରେ ପ୍ରକୃତ ଅସାଧୁ ବ୍ୟବସାୟୀ ଖସି ଯାଉଛନ୍ତି। ବିଭାଗର ଏଭଳି କାର୍ଯ୍ୟ ଧର୍ମକୁ ଆଖିଠାର ବୋଲି କୁହାଯିବା ସହ ଏହା ପଛରେ କି ପ୍ରକାର ଉଦ୍ଦେଶ୍ୟ ରହୁଛି ବୋଲି ସର୍ବ ସାଧାରଣରେ ପ୍ରଶ୍ନ ହେଉଛି।

# ୫୯ ଓଏଏସ୍ ଅଫିସରଙ୍କ ବଦଳି

**ଭୁବନେଶ୍ୱର,୨୬।୯(ସଂଚାର ବ୍ୟୁରୋ):** ରାଜ୍ୟର ମୋହନ ମାଝୀ ସରକାର ଆଜି ମୋଟ ୫୯ଜଣ ଓଏଏସ୍ ଅପିସରଙ୍କ ବଦଳି କରିଛନ୍ତି। ୪୩ଟି ବ୍ଲକରେ ନୂଆ ବିଡିଓଙ୍କୁ ନିଯୁକ୍ତି ମିଳିଥିବାବେଳେ ୩ଜଣ ବିଡିଓଙ୍କୁ ରାଜସ୍ୱ ବିଭାଗକୁ ଫେରାଇ ଦିଆଯାଇଛି। ଆଉ ୧୩ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ମଧ୍ୟ ବଦଳି କରି ନୂଆ ସ୍ଥାନରେ ଅବସ୍ଥାପିତ କରାଯାଇଛି । ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ନିଯୁକ୍ତି ମିଳିଛି । ଏ ସଂକ୍ରାନ୍ତରେ ଆଜି ସାଧାରଣ ପ୍ରଶାସନ ବିଭାଗ ଓ ପଂଚାୟତିରାଜ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ବଦଳି ନିର୍ଦ୍ଦେଶ ଜାରି ହୋଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଓଏମସି ଜେନେରାଲ ମ୍ୟାନେଜର ବରିଷ୍ଠ ଓଏଏସ୍ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ସମେତ କଟକସ୍ଥିତ ବନ୍ଦୋବସ୍ତ ଅଧିକାରୀ ବବିତାରାଣୀ ଦଳବେହେରା, ଓସଡମା ମୁଖ୍ୟ ଜେନେରାଲ ମ୍ୟାନେଜର ରଶ୍ମୀରଞ୍ଜନ ସାହୁ ଓ ବିଏମସି ଡେପୁଟି କମିଶନର ପ୍ରିୟବ୍ରତ ପାଢ଼ୀ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁତୟନ କରାଯାଇଛି । ଏହି ସମସ୍ତ ୪ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ସାଧାରଣ ପ୍ରଶାସନ ବିଭାଗକୁ ବଦଳି କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁତୟନ କରାଯାଇଛି। ସେହିପରି କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ବରିଷ୍ଠ ଓଏଏସ୍ ତ୍ରିଲୋଚନ ପାତ୍ରଙ୍କୁ ଅବକାରୀ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି ହୋଇଛି। ଭଦ୍ରକ ଉପଜିଲ୍ଲାପାଳ ମନୋଜ ପାତ୍ରଙ୍କୁ ଭୁବନେଶ୍ୱର ରାଜସ୍ୱ ଅଫିସର ପ୍ରଶିକ୍ଷଣ କେନ୍ଦ୍ର(ରୋଟି) ଯୁଗ୍ମ ନିର୍ଦ୍ଦେଶକ, ବାଇତୁରା ଦୀପଙ୍କୁ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି।

# ଶୈଳବାଳା ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଦିବସ



**କଟକ,୨୬।୯(ସଂଚାର ବ୍ୟୁରୋ):** ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ) ଦିବସ ମଧୁସୂଦନ କକ୍ଷରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ଡକ୍ଟର ଗାୟତ୍ରୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଶିଷ୍ଟ ଶିକ୍ଷାବିତ୍ ପ୍ରାଧ୍ୟାପକ ଡକ୍ଟର କଲିମୁଲ୍ଲା ପ୍ରମୁଖ ଯୋଗଦେଇଥିବା ବେଳେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଯୋଗମାୟା ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କଲେଜ ଛାତ୍ରୀଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଜାତୀୟ ସେବା ଯୋଜନାର ଆଲୁମିନି ଜୟଶ୍ରୀ ସାହୁ ଓ ପ୍ରାଧ୍ୟାପକ ଅନିରୁଦ୍ଧ ଖିଲାର ଯୋଗଦେଇ ତାଙ୍କର ବାର୍ତ୍ତା ପ୍ରଦାନ କରିଥିଲେ। ଡକ୍ଟର ସସ୍ମିତା ଗାହଣ ଧନ୍ୟବାଦ ଅର୍ପଣ କରିଥିଲେ। ଜାତୀୟ ସେବା ଯୋଜନାର ଶତାଧିକ ସ୍ୱେଚ୍ଛାସେବୀ ଯୋଗଦେଇ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ଖାଲି ପ୍ଲଟ-ଡେଙ୍ଗୁ ମଶାର ଏନ୍ତୁଡ଼ିଶାଳ

ଭୁବନେଶ୍ୱର, ୨୬।୯-(ତଥ୍ୟ) ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନାନା ଉପାୟରେ ଲୋକଙ୍କୁ ସଚେତନ କରୁଥିବାବେଳେ ସହରର ବିଭିନ୍ନ ସ୍ଥାନରେ ଦୀର୍ଘଦିନ ଧରି ପଡ଼ି ରହିଥିବା ଖୋଲା ପ୍ଲଟଗୁଡ଼ିକ ଏବେ ଡେଙ୍ଗୁ ମଶାଙ୍କ ଏନ୍ତୁଡିଶାଳ ପାଲଟିଛି। ଏହିସବୁ ଜମିରେ ବଣ ଲତା ସହିତ ମଶାବଂଶ ବୃଦ୍ଧି ପାଇଁ ସମସ୍ତ ପ୍ରକାର ଅନୁକୂଳ ପରିବେଶ ରହିଛି।

ରାଜଧାନୀର ବିଭିନ୍ନ ଅଞ୍ଚଳରେ ଏବେ ଘର ତିଆରି ନହୋଇ ଏକାଧିକ ପ୍ଲଟ ବର୍ଷ ବର୍ଷ ଧରି ଖାଲି ପଡ଼ିଛି। ଏଠାରେ ବଣ ବୁଦା ସୃଷ୍ଟି ହେବା ସହିତ ଆଖପାଖର ଲୋକେ ନିଜ ନିଜର ଆବର୍ଜନା ସେଠାରେ ପକାଉଛନ୍ତି। ଜମିର ମାଲିକମାନେ ଅର୍ଥ ଖର୍ଚ୍ଚକରି ତାହାକୁ ସଫା କରୁନଥିବାବେଳେ ପଡୋଶୀଙ୍କ ଆବର୍ଜନାର ଏହା ଡମ୍ପିଂୟାର୍ଡ ପାଲଟିଛି। ପୁରୁଣା ଟାୟାର, ପଇଡ ଖୋଳପା ଆଦି ଫୋପାଡୁଛନ୍ତି। ଏହିସବୁ ସାମଗ୍ରୀରେ ପାଣି ଜମି ରହି ମଶାବଂଶ ବୃଦ୍ଧି ପାଉଛନ୍ତି। ବିଏମ୍‌ସି ପକ୍ଷରୁ ରାତି ପାହିଲେ ମାଇକ୍ ବଜାଇ ଲୋକଙ୍କୁ ସଚେତନ କରାଯାଉଥିବାବେଳେ ଏହି ଜମିମାଲିକମାନେ କିନ୍ତୁ ନିଦାବିଷ୍ଣୁ ସାଜିଛନ୍ତି। ଯେହେତୁ ସେହିସବୁ ପ୍ଲଟ କାହାର ସେ ସଂକ୍ରାନ୍ତରେ ଅନେକ ଅବଗତ ନାହାନ୍ତି ତେଣୁ କିଏ ଏହି ଅଳିଆକୁ ହଟାଇବ ତାହା ପ୍ରଶ୍ନବାଚୀ ହୋଇଛି। ବିଏମ୍‌ସି, ବିଡିଏ, ସାଧାରଣ ପ୍ରଶାସନ କେହି ହେଲେ ଏ ଦିଗରେ ପଦକ୍ଷେପ ନେଉ ନାହାନ୍ତି। ଘରଟିଏ କରିବାପାଇଁ ସାଧାରଣ ପ୍ରଶାସନ କିମ୍ବା ବିଡିଏ ପକ୍ଷରୁ ରିହାତି ଦରରେ ଯୋଗାଯାଇଥିବା ଏହିସବୁ ଜମି ଉପରେ ଘର ତିଆରି ହେଉନଥିବାବେଳେ ଜମି ମାଲିଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଯଦିଓ ଆଇନ୍ ଅନୁଯାୟୀ ଜମି ପାଇବାର ତିନି ବର୍ଷ ମଧ୍ୟରେ ତାହା ଉପରେ ଘର କରିବାର ନିୟମ ରହିଛି ହେଲେ ଅନେକ ତାହାକୁ ମାନୁ ନାହାନ୍ତି। ବହୁ ଜମି ମାଲିକଙ୍କର ରାଜଧାନୀରେ ଏକାଧିକ ପ୍ଲଟ ଥିବାରୁ ଗୋଟିଏ ଦୁଇଟିରେ ଘର କରି ଅନ୍ୟଗୁଡ଼ିକୁ ପକାଇ ରଖି ଦର କଷୁଛନ୍ତି। ଦେଶର ଅନ୍ୟାନ୍ୟ ବଡ ବଡ ସହରରେ ଲୋକେ ଜମି ଉପରେ ଧାର୍ଯ୍ୟ ସମୟରେ ଘର ତିଆରି ନକଲେ ମୋଟା ଅଙ୍କର ଜୋରିମାନା ଗଣିଥାନ୍ତି। ତେଣୁ ସେଠାରେ ଲୋକେ ନିଜ ପାଇଁ ବଡ ଘରଟିଏ ନକଲେ ବି ଛୋଟ ଘରଟିଏ ତୋଳି ସେଠାରେ ଲୋକଙ୍କୁ ରଖିଥାନ୍ତି। ଫଳରେ ସେହିସବୁ ସ୍ଥାନ ପରିଷ୍କାର ପରିଚ୍ଛନ୍ନ ରହିଥାଏ। ହେଲେ ରାଜ୍ୟ ରାଜଧାନୀରେ ସେହି ଆଇନ୍ ଅଳିଆ ଗଦାରେ। ରାଜଧାନୀର ପ୍ରମୁଖ ସ୍ଥାନରେ ଏକାଧିକ ପ୍ଲଟ ୨୦/୨୫ ବର୍ଷ ଧରି ମଶାବଣ ଅବସ୍ଥାରେ ପଡ଼ି ରହିଛି। ଏହା ଉପରେ ଜମି ମାଲିକ ଘର ତିଆରି କରୁନାହାନ୍ତି କି ସରକାର ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଫଳରେ ସହରରେ ମଶାବଂଶ ବୃଦ୍ଧି ସହିତ ଡେଙ୍ଗୁ ବ୍ୟାପିବାର ଏହା ପ୍ରଧାନ କାରଣ ପାଲଟିଛି। ତେଣୁ ଲୋକଙ୍କୁ ଡେଙ୍ଗୁ ସଂକ୍ରାନ୍ତରେ ସଚେତନ କରିବା ପୂର୍ବରୁ ବିଏମ୍‌ସି ପ୍ରଥମେ ଏହି ଜଙ୍ଗଲ ପାଲଟିଥିବା ଖାଲି ପ୍ଲଟର ମାଲିକଙ୍କୁ ଚିହ୍ନଟ କରି ସାଧାରଣ ପ୍ରଶାସନ ସହାୟତାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ଗ୍ରହଣ କରୁ। ଏହା ହୋଇପାରିଲେ ମଶା ସହିତ ଡେଙ୍ଗୁ ସମସ୍ୟାର ଅନେକ ସମାଧାନ ହୋଇପାରିବ ବୋଲି ମତପ୍ରକାଶ ପାଉଛି। (ତଥ୍ୟ)



Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର